


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-196 ◆SUNDAY ◆11 JANUARY 2026 ◆PAGE-12 ◆₹ 7.00

PANIKOILI

◆ବର୍ଷ-୪୩ ◆ସଂଖ୍ୟା-୧୯୬ ◆ରବିବାର ◆୧୧ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


## ହାଡ଼ଭଙ୍ଗା ଜାଡ଼; ଥରୁଛି ଓଡ଼ିଶା

■ ଭୁବନେଶ୍ୱର, ୧୦।୧ (ସମିସ): ଗତ କିଛିଦିନ ହେବ ହାଡ଼ଭଙ୍ଗା ଜାଡ଼ରେ ପୂରା ଓଡ଼ିଶା ଥରୁଛି। ବିଶେଷକରି ଶୁକ୍ରବାର ରାତିରେ ରାଜ୍ୟର ୨୮ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ପ୍ରବଳ ଶୀତ ଜାନୁଆରୀ ମାସରେ ଅନୁଭୂତ ହୋଇଥିବା କେଇ ବର୍ଷର ରେକର୍ଡକୁ ଭାଙ୍ଗି ଦେଇଛି। ଶୁକ୍ରବାର ରାତିରେ ଝାରସୁଗୁଡ଼ାରେ ୪.୫ ଡିଗ୍ରୀ ରାତି ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଏହା ଜାନୁଆରୀ ମାସରେ ଗତ ୭୩ ବର୍ଷର ସବୁଠାରୁ ଥଣ୍ଡା ରାତି ବୋଲି ଜଣାପଡ଼ିଛି। ସେହିପରି ଭୁବନେସ୍ୱରରେ ୯.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଏହା ଗତ ୨୨ ବର୍ଷରେ ସବୁଠାରୁ ଥଣ୍ଡା ରାତି ବୋଲି ପାଣିପାଗ ବିଜ୍ଞାନୀଙ୍କ ସୂତ୍ରରୁ ଜଣାପଡ଼ିଛି। ସେହିପରି ଗତ ଗୁରୁବାର ରାତିରେ ରାଉରକେଲାରେ ରାତି ତାପମାତ୍ରା ୩.୬ ଡିଗ୍ରୀ ରହିଥିବା ▶ପୃଷ୍ଠା-୧୦

**୨୮ ସହରରେ ପାରଦ ୧୦ ଡିଗ୍ରୀ ତଳେ**

**୭୩ ବର୍ଷର ରେକର୍ଡ ଭାଙ୍ଗିଲା ଝାରସୁଗୁଡ଼ା**

**ଜାନୁଆରୀ ମାସରେ ସର୍ବନିମ୍ନ ୪.୫ ଡିଗ୍ରୀ ତାପମାତ୍ରା ରେକର୍ଡ**




## ଧସିଲା ଆବର୍ଜନା ପାହାଡ଼: ୪ ମୃତ

■ ମାନିଲା, ୧୦।୧ (ଏଜେନ୍ସି): ଫିଲିପାଇନ୍ସର ସେବୁ ସିଟିରେ ଲାଣ୍ଡଫିଲ ଅର୍ଥାତ ଆବର୍ଜନାର ପାହାଡ଼ ଧସିବା ଫଳରେ ଏକ ବଡ଼ ଧରଣର ଦୁର୍ଘଟଣା ହୋଇଛି। ୧୬ ମହଲା ଉଚ୍ଚର ଏହି ଆବର୍ଜନା ଗଦା ଅଚାନକ ଧସିବା ଫଳରେ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩୬ରୁ ଅଧିକ ଲୋକ ତଳେ ଦବି ରହିଛନ୍ତି ବା ନିଖୋଜ ହୋଇଛନ୍ତି। ଫଳରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶାଙ୍କା କରାଯାଉଛି। ଏବେ ସେଠାରେ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ତଳେ ଦବି ରହିଥିବା ବ୍ୟକ୍ତିଙ୍କୁ ଖୋଜିବା ଓ ଉଦ୍ଧାର କାର୍ଯ୍ୟ ପାଇଁ ୩୦୦ଜଣ ଉଦ୍ଧାରକାରୀଙ୍କୁ ନିୟୋଜିତ କରାଯାଇଛି। ବିନଲିଭ ଗାଁସ୍ଥିତ ଏକ ୱେଷ୍ଟ ସେଗ୍ରେସନ ଫ୍ୟାସିଲିଟିରେ ଏହି ଦୁର୍ଘଟଣା ଘଟିଥିଲା। ସେତେବେଳେ ଆବର୍ଜନାକୁ ଅଲଗା କରିବାକୁ ଶ୍ରମିକମାନେ କାର୍ଯ୍ୟ କରୁଥିଲେ। ପୁଲିସ ଦେଇଥିବା ସୂଚନା ଅନୁସାରେ ଏପର୍ଯ୍ୟନ୍ତ ୧୨ ଜଣଙ୍କୁ ଜୀବିତ ଅବସ୍ଥାରେ ବାହାର କରାଯାଇଛି। ଏଠାରେ ୧୧୨ ଜଣ କର୍ମଚରରୀ କାର୍ଯ୍ୟରତ ଥିଲେ।

### ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଧାନକିଣାରେ ମାଳମାଳ ଅବ୍ୟବସ୍ଥା

# ମିଲର୍ ଅଧା ଖୁସି; ଦହଗଞ୍ଜ ଚାଷୀ

■ ଭୁବନେଶ୍ୱର, ୧୦।୧ (ସମିସ): ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ ଯାଏଁ, ରାଜ୍ୟର ସବୁଆଡ଼େ ଧାନକିଣାରେ ଚରମ ଅବ୍ୟବସ୍ଥା ଜଳଜଳ ଦିଶୁଛି। କେଉଁଠି ଚାଷୀ ଧାନ ଧରି ବସିଛି, ହେଲେ ସରକାର ଟୋକନ ଦେଉନାହାନ୍ତି। କେଉଁଠି ଚାଷୀଙ୍କୁ ଟୋକନ ଜାରି ହୋଇସାରିଛି; ମାତ୍ର ମଣ୍ଡି ଖୋଲୁନାହିଁ। ଏପରିକି ଅନେକ ସ୍ଥାନରେ ମିଲରମାନେ ଧାନ ଉଠାଇବାକୁ ଯାଉନାହାନ୍ତି। ରାଜ୍ୟ ସରକାର ମଡେଲ ମଣ୍ଡିର ସ୍ୱପ୍ନ ଦେଖାଇଥିବା ବେଳେ ମଣ୍ଡିରେ ଖୋଲା ଆକାଶ ତଳେ ଚାଷୀ ରାତି ରାତି ବିତାଉଛନ୍ତି। ପୁଳାପୁଳା ସମସ୍ୟାରେ ଜର୍ଜରିତ ଚାଷୀକୁଳ ବାଧହୋଇ ଦଲାଲଙ୍କୁ ଧାନ କ୍ୱିଣ୍ଟାଲ ପିଛା ୧୫୦୦ରୁ ୧୮୦୦ ଟଙ୍କାରେ ବିକ୍ରି କରିଦେଉଛନ୍ତି। ସବୁ ଦେଖି-ଶୁଣି ସରକାର ଚାଷୀଙ୍କ ସମସ୍ୟାକୁ ଏକପ୍ରକାର ନଜରଅନ୍ଦାଜ କରିଦେଇଥିବା ବେଳେ ଏହାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷର ନିଆଁ କୁହୁଳିଲାଣି। ସରକାରୀ ପ୍ରତିଶ୍ରୁତି ପାଇ ମିଲର୍‌ମାନେ ଖୁସି ଥିବାବେଳେ ଦହଗଞ୍ଜ ହେଉଛନ୍ତି ଚାଷୀ। ସରକାର ଧାନ ନ କିଣିବା ପାଇଁ ଏତେ ▶ପୃଷ୍ଠା-୧୦

- ▶▶ ଧାନ ଧରି ବସିଛନ୍ତି; ଟୋକନ ମିଳୁନି
- ▶▶ ଟୋକନ ମିଳିଥିଲେ ବି ମଣ୍ଡି ଖୋଲୁନି
- ▶▶ ଏବେ ବି ୫ କେଜି ଯାଏଁ କଟ୍‌ନୀଛଟ୍‌ନୀ
- ▶▶ ଦଲାଲ୍‌ଙ୍କୁ ୧୮୦୦ରେ ଧାନ ବିକୁଛି ଚାଷୀ
- ▶▶ ଘୋଷଣାରେ ସୀମିତ ରହିଛି ମଡେଲ ମଣ୍ଡି



### ନବୀନଙ୍କ ଉଦ୍‌ବେଗ

## ରାଜ୍ୟରେ ଭୁଶୁଡ଼ିପଡ଼ିଛି ଧାନ ସଂଗ୍ରହ ବ୍ୟବସ୍ଥା

■ ଭୁବନେଶ୍ୱର, ୧୦।୧ (ସମିସ): ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଖୋଦ୍ ସରକାରଙ୍କ ଦ୍ୱାରା ଚାଷୀ ପ୍ରତାରିତ, ଅସହାୟ ଓ ହତାଶ ହୋଇପଡ଼ିଛନ୍ତି ବୋଲି କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। 'ଚାଷୀଙ୍କୁ ସମ୍ମାନ'ର ନାରା ଦେଉଥିବା ବିଜେପି ସରକାରର ସମସ୍ତ ଘୋଷଣା ମିଛ ପ୍ରତିଶ୍ରୁତିରେ ପରିଣତ ହୋଇଛି। ସମ୍ମାନ ବଦଳରେ ଏ ସରକାରରେ ଚାଷୀ ସବୁଠୁ ଅସମ୍ମାନିତ ଓ ପ୍ରତାରିତ ବୋଲି ବିଜେଡି ସୁପ୍ରିମୋ ନବୀନ କହିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ଅସହ୍ୟ ଥଣ୍ଡା-କାକର, ▶ପୃଷ୍ଠା-୧୦



**ବିଜେପି ସରକାରର ସବୁ ଘୋଷଣା ଏବେ ମିଛ ପ୍ରତିଶ୍ରୁତିରେ ପରିଣତ**

**ଚାଷୀ ଆନ୍ଦୋଳନକୁ 'ନୌଟଙ୍କି' କହୁଛନ୍ତି**

**ଡବଲ୍ ଇଞ୍ଜିନ୍ ସରକାରର ଚାଷୀଙ୍କୁ ସମ୍ମାନ ଏମିତି**

**ଚାଷୀଙ୍କ ହକ୍ ପାଇଁ ସ୍ୱର ଶାଣିତ କରିବ ବିଜେଡି**

## କ୍ଷେତରେ ଖସିପଡ଼ିଲା ବିମାନ

### ୨ ପାଇଲଟଙ୍କ ସମେତ ୬ ଗୁରୁତର

■ ରାଉରକେଲା, ୧୦।୧ (ସମିସ): ଭୁବନେଶ୍ୱରରୁ ରାଉରକେଲା ଯାଉଥିବା ଇଣ୍ଡିଆ-ୱାନ୍ ଏୟାର ସେସ୍ନା ଗ୍ରାଣ୍ଡ କାରାଭାନ୍ ଏକ୍ସ ବିମାନ ଶନିବାର ଅପରାହ୍ଣରେ ରାଉରକେଲାର ଜଳଦା ଅନ୍ତର୍ଗତ କଂସର ନିକଟବର୍ତ୍ତୀ ଗାଡିଆଟୋଲା ଅଞ୍ଚଳରେ ଜରୁରୀକାଳୀନ ଅବତରଣ ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନରେ ଥିବା ୨ ପାଇଲଟ ଓ ୪ ଯାତ୍ରୀ ଆହତ ହୋଇଛନ୍ତି। କୋଲକାତା ଓ ରାଉରକେଲା ଏଟିସିରୁ ସୂଚନା ପାଇବା ପରେ ସ୍ଥାନୀୟ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରି ସୁରକ୍ଷା କଡ଼ାକଡ଼ି କରିଥିଲେ।

ସୂଚନାନୁଯାୟୀ, ବିମାନଟି ଇଣ୍ଡିଆ-ୱାନ୍ ଏୟାର ସେବା ଅଧୀନରେ ଭୁବନେଶ୍ୱରରୁ ରାଉରକେଲାକୁ ନିୟମିତ ଉଡ଼ାଣ କରୁଥିଲା। ପ୍ରତିଦିନ ଭଳି ବିମାନଟି ଭୁବନେଶ୍ୱର ଆନ୍ତର୍ଜାତୀୟ ବିମାନବନ୍ଦରରୁ ଶନିବାର ନିର୍ଦ୍ଧାରିତ ସମୟରେ ଉଡ଼ାଣ ଭରିଥିଲା। ମଝି ଆକାଶରେ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଅପରାହ୍ଣ ୧ଟା ୧୮ ମିନିଟରେ କୋଲକାତା ଏଟିସି ରାଡାର ଅସ୍ଥାୟୀ ଯୋଗାଯୋଗ ହରାଇଥିଲା। ପାଇଲଟ୍ ତୁରନ୍ତ ଏଟିସିକୁ ସୂଚନା ଦେବା ସହ ସତର୍କତାର ସହିତ ପ୍ରାୟ ୧ଟା ୪୦ ମିନିଟରେ ରାଉରକେଲାର ଜଳଦା ଅନ୍ତର୍ଗତ ▶ପୃଷ୍ଠା-୧୦



**ଭୁବନେଶ୍ୱରରୁ ରାଉରକେଲା ଯାଉଥିଲା ୯ ସିଟ୍‌ର ବିମାନ**

**ଜରୁରୀ ଅବତରଣ ବେଳେ ଦୁର୍ଘଟଣାର ସମ୍ମୁଖୀନ**

### ପୁଲିସ୍ ଚାକିରି ବେପାର

## ସିଲିକନ୍‌କୁ କ୍ଲିନ୍‌ଚିଟ୍ ଦେଇଥିଲା କ୍ରାଇମ୍‌ବ୍ରାଞ୍ଚ

■ ଭୁବନେଶ୍ୱର, ୧୦।୧ (ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାର ମାଷ୍ଟରମାଇଣ୍ଡ ଥିଲା ସିଲିକନ୍ ଟେକ୍ ଲ୍ୟାବ୍ ପ୍ରା.ଲିଃ ନାମକ ଏକ ସଂସ୍ଥା। ଏହି ସଂସ୍ଥା ଏସ୍‌ଆଇ ପରୀକ୍ଷା ପରିଚାଳନା ପାଇଁ ନିଯୁକ୍ତି ହୋଇଥିଲା। ନିଯୁକ୍ତି ପୂର୍ବରୁ ସଂସ୍ଥାର ଚରିତ୍ରକୁ ନେଇ ଏକ ତଦନ୍ତ ହୋଇଥିଲା। ଯାହାକୁ କ୍ରାଇମ୍‌ବ୍ରାଞ୍ଚ କରିଥିଲା। ଏଥିରେ କ୍ରାଇମ୍‌ବ୍ରାଞ୍ଚ ସିଲିକନ୍‌କୁ ହାତଖୋଲା ମାର୍କ ଦେଖିଥିଲା। କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଅଧିକାରୀ ସିଲିକନ୍‌କୁ ସମ୍ପୂର୍ଣ୍ଣ ଭାବେ କ୍ଲିନ୍‌ଚିଟ୍ ଦେଇଥିଲେ। ହେଲେ କ୍ରାଇମ୍‌ବ୍ରାଞ୍ଚର କ୍ଲିନ୍‌ଚିଟ୍ ବେଶୀ ସମୟ ତିଷ୍ଠି ନଥିଲା। ସିଲିକନ୍ ପରୀକ୍ଷା ପରିଚାଳନା ଆଳରେ ଏସ୍‌ଆଇ ଚାକିରିକୁ ବିକ୍ରି କରିଦେଲା। ଘଟଣା ସାମ୍ନାକୁ ଆସିବା ପରେ, ପରବର୍ତ୍ତି ସମୟରେ ସିଲିକନ୍‌କୁ ଭିଲିଆନ୍ ବନାଇଦେଲା। ସିଲିକନ୍ ଏସ୍‌ଆଇ ଚାକିରି ବିକ୍ରି ମାମଲାର ମାଷ୍ଟର ମାଇଣ୍ଡ ବୋଲି କ୍ରାଇମ୍‌ବ୍ରାଞ୍ଚ ଦର୍ଶାଇଲା। ସିଲିକନ୍ ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତ କରିବା, ମୁଦ୍ରଣ କରିବା ଏବଂ ପରିବହନ କରିବା ଦାୟିତ୍ୱରେ ଥିଲା। ଏଣୁ ଏହାର ସିଇଓ ସୁରେଶ ନାୟକଙ୍କୁ ଗିରଫ କରି ମାଷ୍ଟର ମାଇଣ୍ଡ ସଜାଇ ଦେଲା। ତେବେ କ୍ରାଇମ୍‌ବ୍ରାଞ୍ଚର ▶ପୃଷ୍ଠା-୧୦

### ଏସ୍‌ଆଇଆର୍‌ରେ ୧୨ଟି ରାଜ୍ୟରେ କଟିଲେଣି ୬.୫ କୋଟି ଭୋଟର

## ଯୋଗୀ, ମମତାଙ୍କ ଚିନ୍ତା ବଢ଼ିଲା

■ ନୂଆଦିଲ୍ଲୀ, ୧୦।୧ (ଏଜେନ୍ସି): ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ୬ କୋଟି ୫୦ ଲକ୍ଷ ଭୋଟରଙ୍କ ନାମ କଟିଲାଣି। ଉତ୍ତର ପ୍ରଦେଶରେ ସର୍ବାଧିକ ପ୍ରାୟ ୩ କୋଟି ଭୋଟରଙ୍କ ନାମ କଟିଥିବା ବେଳେ ତାମିଲନାଡୁରେ ୯୭ ଲକ୍ଷ, ଗୁଜରାଟରେ ୭୩ ଲକ୍ଷ ଏବଂ ପଶ୍ଚିମ ବଙ୍ଗରେ ସାଢ଼େ ୫୩ ଲକ୍ଷ ଭୋଟରଙ୍କ ନାମ କଟିଛି। ଏତେ ସଂଖ୍ୟକ ଭୋଟରଙ୍କ ନାମ କଟିଯାଇଥିବାରୁ ସଂପୃକ୍ତ ରାଜ୍ୟରେ କ୍ଷମତାସୀନ ଥିବା ଦଳମାନେ ଚିନ୍ତିତ ହୋଇପଡ଼ିଛନ୍ତି। କଟିଯାଇଥିବା ଭୋଟରମାନଙ୍କ ମଧ୍ୟରୁ କିପରି ଅଧିକାଂଶ ନାମ ଯୋଡ଼ାହେବ, ସେଥିଲାଗି ଏହି ଦଳଗୁଡ଼ିକ ଉଦ୍ୟମ ଚଳାଇଛନ୍ତି। ଏସ୍‌ଆଇଆର୍ ପୂର୍ବରୁ (ଅକଟୋବର) ଏହି ୧୨ଟି ରାଜ୍ୟରେ ଭୋଟର ସଂଖ୍ୟା ୫୦ କୋଟି ୯୦ ଲକ୍ଷ ଥିବା ବେଳେ ଭୋଟର ଚିଠା ପ୍ରକାଶ ପାଇବା ପରେ ଏହି ସଂଖ୍ୟା



୪୪ କୋଟି ୪୦ ଲକ୍ଷକୁ ଖସିଆସିଛି। ଏସଂପର୍କରେ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଯେଉଁମାନଙ୍କ ନାମ କଟିଛି ସେମାନଙ୍କମଧ୍ୟରେ ଅଧିକାଂଶ ହେଉଛନ୍ତି ଅନୁପସ୍ଥିତ, ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର, ମୃତ୍ୟୁ ଏବଂ ଡୁପ୍ଲିକେଟ୍ ଭୋଟର। ତେବେ କିଛି ଭୋଟରଙ୍କୁ ସନ୍ଦିଗ୍ଧ ତାଲିକାରେ ମଧ୍ୟ ରଖାଯାଇଛି। ସେ କହିଲେ ଯେ ଗ୍ରାମାଞ୍ଚଳରେ ଲୋକମାନଙ୍କ ମଧ୍ୟରେ ଭୋଟର ତାଲିକାକୁ ନେଇ ଉତ୍ସାହ ଥିବା ବେଳେ ସହରାଞ୍ଚଳରେ ଏନୁମେରେସନ ଫର୍ମ ସଂଗ୍ରହ ସଂଖ୍ୟା କମ୍ ରହିଛି। ଉତ୍ତର ପ୍ରଦେଶର ଉଦାହରଣ ଦେଇ ସେ କହିଛନ୍ତି ଯେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଅଧିକ ଭୋଟରଙ୍କ ନାମ କଟିଛି। ରାଜ୍ୟରେ ୧୫ କୋଟି ୪୪ ଲକ୍ଷ ଥିବା ବେଳେ ସେମାନଙ୍କ ମଧ୍ୟରୁ ଏହି ପ୍ରକ୍ରିୟାରେ ୨ କୋଟି ୮୯ ଲକ୍ଷ ଲୋକଙ୍କୁ ବାଦ୍ ଦିଆଯାଇଛି। ଏହାସହିତ ରାଜ୍ୟର ଭୋଟର ସଂଖ୍ୟା ୧୨ କୋଟି ୫୫ ଲକ୍ଷକୁ ହ୍ରାସ ପାଇଛି। ଏହା ହେଉଛି ମୋଟ ଭୋଟର ସଂଖ୍ୟାର ୧୮.୭୦ ପ୍ରତିଶତ। ଏଥିମଧ୍ୟରୁ ସହରାଞ୍ଚଳରେ ଭୋଟରଙ୍କ ସଂଖ୍ୟା ସର୍ବାଧିକ କଟିଛି। ଏଥିରେ ରହିଛି ରାଜଧାନୀ ଲକ୍ଷ୍ନୌ ଏବଂ ▶ପୃଷ୍ଠା-୧୦

## ସମ୍ବଲପୁରରେ ଗଡ଼ିଲା ଇ-ବସ୍

■ ସମ୍ବଲପୁର, ୧୦।୧ (ସମିସ): ଆଜିଠାରୁ ସମ୍ବଲପୁରରେ ଆରମ୍ଭ ହୋଇଛି ଇ-ବସ୍ ସେବା। ମହାନଦୀ ରିଭର୍‌ଫ୍ରଣ୍ଟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସବୁଜ ପତାକା ଦେଖାଇ ୨୫ଟି ଇ-ବସ୍ ସେବାର ଆରମ୍ଭ କରିଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ସମ୍ବଲପୁରକୁ ଆଉ ୨୫ଟି ଇ-ବସ୍ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ଅଇଁଠାପାଲିଠାରେ ବସ୍ ଟର୍ମିନାଲ ଓ ବସ୍‌ର ରକ୍ଷଣାବେକ୍ଷଣ ପାଇଁ ୨୩୮.୧୪ କୋଟି ଘୋଷଣା କରିଛନ୍ତି। ▶ପୃଷ୍ଠା-୧୦




SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


### ପୁଞ୍ଜିବଜାରରେ ଟ୍ରେଡିଂ ଆଳରେ ଠକେଇ

# ୯୦ ଲକ୍ଷ ଟଙ୍କା ଥିବା ଆକାଉଣ୍ଟ ଅଚଳ; ୭ ଗିରଫ

■ କଟକ, ୧୦।୧ (ସମିସ): ମଧୁପାଟଣା ଥାନା ଅଞ୍ଚଳରେ ଚାଲିଥିବା ଏକ ଅନ୍ତଃରାଜ୍ୟ ସାଇବର ଲୁଟେରା ଗ୍ୟାଙ୍ଗ୍‌କୁ ପୁଲିସ କାବୁ କରିଛି। ଦୀର୍ଘ ଦିନ ହେବ ଏହି ସାଇବର ଲୁଟେରାମାନେ ସାଧାରଣ ଲୋକଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସାଇବର୍ ଲୁଟେରାଙ୍କ ସମେତ ବେସରକାରୀ ବ୍ୟାଙ୍କ କର୍ମଚାରୀ ସମ୍ପୃକ୍ତ ରହିଛନ୍ତି। ଅଭିଯୁକ୍ତମାନେ ହେଲେ, ବାଲିକୁଦା ଥାନା ଅନ୍ତର୍ଗତ ବବ୍‌ଲୁ ନାୟକ(୨୭), ମାହାଙ୍ଗା ଥାନା ଅନ୍ତର୍ଗତ ପନ୍ନାଗ ନାରାୟଣ ଦାସ(୨୫), ତିର୍ତ୍ତୋଲ ଥାନା ଅନ୍ତର୍ଗତ ରୁଦ୍ରମାଧବ ମହାପାତ୍ର(୨୩)। ଏହାଛଡ଼ା ଏହି ଘଟଣାରେ ଗିରଫ ହୋଇଥିବା ବେସରକାରୀ ବ୍ୟାଙ୍କ କର୍ମଚାରୀମାନେ ହେଲେ ଉତ୍କର୍ଷ ବ୍ୟାଙ୍କର ରିଲେସନ୍‌ସିପ୍ ମ୍ୟାନେଜର ହରେକୃଷ୍ଣ ସାହୁ(୩୦), ବନ୍ଧନ ବ୍ୟାଙ୍କ୍‌ର ଡେପୁଟି ମ୍ୟାନେଜର ଅଭିଷେକ ମହାନ୍ତି(୩୧), ଆକ୍ସିସ୍ ବ୍ୟାଙ୍କ୍‌ର ଲୋକ ସମ୍ପର୍କ ଅଧିକାରୀ ଦେବାଶିଷ ମଲ୍ଲିକ(୩୨) ଓ ସୂର୍ଯ୍ୟୋଦୟ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍‌ର ସହକାରୀ ପରିଚାଳକ ସ୍ୱରାଜ କୁମାର ସାମଲ(୩୨)। ଏମାନଙ୍କ ଜାମିନ୍ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ଏହି ଘଟଣାରେ ୬୯ଟି ମୋବାଇଲ୍ ଫୋନ୍, ୪ଟି ଲ୍ୟାପଟପ୍, ୩ଟି ଡେକ୍ସଟପ୍, ୨୧୫ଟି ସିମ୍‌କାର୍ଡ, ୫୫୪ଟି ବ୍ୟାଙ୍କ୍ ପାସବୁକ୍, ୭୦୨ଟି ଡେବିଟ୍ ଓ କ୍ରେଡିଟ୍ କାର୍ଡ, ଗୋଟିଏ କାର୍ ଓ ବାଇକ୍‌କୁ ଜବତ କରାଯାଇଛି। ୯୦ଲକ୍ଷ ଟଙ୍କା ଗଚ୍ଛିତ ଥିବା ଏକ ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ଅଚଳ କରି ଦିଆଯାଇଛି। ▶ପୃଷ୍ଠା-୧୦



**ନିବେଶ ଆଳରେ ଲୋକଙ୍କୁ ଭୁଆଁ ବୁଲାଉଥିଲେ**

**୬୯ଟି ମୋବାଇଲ୍, ୪ଟି ଲ୍ୟାପଟପ୍, ୨୧୫ଟି ସିମ୍‌କାର୍ଡ, ୫୫୪ଟି ବ୍ୟାଙ୍କ୍ ପାସବୁକ୍, କାର୍ ଓ ବାଇକ୍ ଜବତ**

## ଭାରତରେ ତାଲିବାନ ରାଷ୍ଟ୍ରଦୂତ ନୁର୍ ଅହମ୍ମଦ

ନୂଆଦିଲ୍ଲୀ, ୧୦।୧(ଏଜେନ୍ସି): ଆଫଗାନିସ୍ତାନର ତାଲିବାନ ସରକାର ନୁର ମହମ୍ମଦ ନୁରଙ୍କୁ ନୂଆଦିଲ୍ଲୀ।ରେ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ଦେଇଛି। ନୁରଙ୍କ ପୂର୍ବରୁ ଫରିଦ ମାମୁଣ୍ଡେଜ ଭାରତରେ ଆଫଗାନିସ୍ତାନର ରାଷ୍ଟ୍ରଦୂତ ଥିଲେ। ସେ ଆସରଫ ଘନିଙ୍କ ସରକାର ସମୟରେ ଭାରତରେ ଆଫଗାନ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଥିଲେ। କିନ୍ତୁ ତାଲିବାନ କ୍ଷମତାକୁ ଆସିବା ପରେ ତାଙ୍କ ସ୍ଥିତି ଦୁର୍ବଳ ହୋଇଯାଇଥିଲା ଓ ଦୂତାବାସର କାର୍ଯ୍ୟ ପ୍ରାୟତଃ ବନ୍ଦ ହୋଇ ଯାଇଥିଲା। ଏହାପରେ ଦୀର୍ଘ ସମୟ ପର୍ଯ୍ୟନ୍ତ, ଆଫଗାନିସ୍ତାନରୁ ଭାରତକୁ କୌଣସି ନୂଆ କୂଟନୀତିଜ୍ଞ ଆନୁଷ୍ଠାନିକ ଭାବେ ପଠାଯାଇ ନଥିଲା। ତେଣୁ ନୁରଙ୍କ ନିଯୁକ୍ତି ଭାରତ- ଆଫଗାନିସ୍ତାନ ସମ୍ପର୍କରେ ଏକ ନୂଆ ପ୍ରାରମ୍ଭ ଭାବେ ଦେଖାଯାଉଛି। ତାଲିବାନ କ୍ଷମତାକୁ ଆସିବା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସୀମିତ ଥିଲା। ଏବେ ଭାରତ ସହିତ ଆଫଗାନିସ୍ତାନ ସିଧାସଳଖ ଯୋଗାଯୋଗ ରକ୍ଷା କରିବାକୁ ଚାହୁଁଛି।

## ହମାସ୍ ଏକ ଆତଙ୍କବାଦୀ ସଂଗଠନ: ମମଦାନୀ

ନ୍ୟୁୟର୍କ, ୧୦।୧(ଏଜେନ୍ସି): ନ୍ୟୁୟର୍କ ସିଟି ମେୟର ଜୋହରାନ ମମ୍‌ଦାନୀ ଶେଷରେ ହମାସକୁ ନେଇ ନିଜର ମତ ରଖିଛନ୍ତି। ସେ ହମାସକୁ ଏକ ଆତଙ୍କବାଦୀ ସଂଗଠନ ବୋଲି କହିଛନ୍ତି। ଗୁରୁବାର ରାତିରେ କୁଇନ୍ସର ସିନାଗଗ୍‌ରେ ଆୟୋଜିତ ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ହମାସ ସମର୍ଥନରେ ଦିଆଯାଇଥିବା ସ୍ଲୋଗାନକୁ ସେ ନିନ୍ଦା କରି ଏହି କଥା କହିଛନ୍ତି। ପାଲେଷ୍ଟାଇନ୍ ଆସେମ୍ବ୍ଲି ଫର ଲିବରେସନ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଉଥିଲା। କିନ୍ତୁ ଏହି ପ୍ରଦର୍ଶନ ବେଳେ ପାଲେଷ୍ଟାଇନକୁ ସମର୍ଥନ କରୁଥିବା ବିକ୍ଷୋଭକାରୀମାନେ ହମାସକୁ ସମର୍ଥନ କରି ସ୍ଲୋଗାନମାନ ଦେଇଥିଲେ। ବିକ୍ଷୋଭକାରୀଙ୍କ ଏଭଳି ଆଚରଣକୁ ମମ୍‌ଦାନୀ ନିନ୍ଦା କରିଛନ୍ତି। ନ୍ୟୁୟର୍କ ସିଟିରେ ଏଭଳି କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ନ୍ୟୁୟର୍କର ଅନ୍ୟ ନେତାମାନେ ମଧ୍ୟ ଏଭଳି ବିକ୍ଷୋଭକୁ ନିନ୍ଦା କରିଛନ୍ତି।

## ୧୭ରୁ 'ବନ୍ଦେ ଭାରତ' ସ୍ଲିପର ଟ୍ରେନ

ନୂଆଦିଲ୍ଲୀ, ୧୦।୧(ଏଜେନ୍ସି): କୋଲକାତାରୁ ଗୌହାଟି ମଧ୍ୟରେ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଜାନୁଆରୀ ୧୭ରୁ ଚାଲିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର ମାଲଦା ଟାଉନ୍‌ରେ ଏହାର ଉଦ୍‌ଘାଟନ କରିବେ। ଏହି ୬ ଦିନ କାମାକ୍ଷା ଓ ହାଓଡା ଜଙ୍କସନ୍‌ରେ ଚାଲିବ। ସେହିପରି ୬ଟି ନୂଆ ଅମୃତ ଭାରତ ଏକ୍ସପ୍ରେସ ମଧ୍ୟ ଲଞ୍ଚ୍ କରାଯିବ ବୋଲି ସେ କହିଛନ୍ତି। ଜାନୁଆରୀ ୧୭ ଓ ୧୮ରେ ଏହି ଟ୍ରେନ୍‌ଗୁଡିକର ସେବା ଉପଲବ୍ଧ ହେବ। ଦିଲ୍ଲୀରେ ଅତି ବିଶିଷ୍ଟ ରେଳ ସେବା ପୁରସ୍କାର ସମାରୋହରେ ଯୋଗ ଦେଇ ବୈଷ୍ଣବ ଏହି ଘୋଷଣା କରିଛନ୍ତି। ।ବନ୍ଦେ ଭାରତ ସ୍ଲିପରର ପ୍ରାରମ୍ଭିକ ଭଡ଼ା ୨, ୩୦୦ ଟଙ୍କା ରଖାଯାଇଛି। ଟ୍ରେନର ତୃତୀୟ ଏସି ଭଡ଼ା ୨, ୩୦୦, ଦ୍ୱିତୀୟ ଏସି ଭଡ଼ା ୩, ୦୦୦, ପ୍ରଥମ ଏସି ଭଡ଼ା ୩, ୬୦୦ ଟଙ୍କା ରଖାଯାଇଛି। ସ୍ଲିପର ଟ୍ରେନ୍‌କୁ ୧୦୦୦ କିମିରୁ ଅଧିକ ଦୂରତା ପାଇଁ ଡିଜାଇନ୍ କରାଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ୧୨ଟି ବନ୍ଦେ ଭାରତ ସ୍ଲିପର ଟ୍ରେନ ପ୍ରସ୍ତୁତ ହେବ।

## ନାବାଳିକାଙ୍କୁ ଅପହରଣ ପରେ ଗଣଦୁଷ୍କର୍ମ; ୮ ଅଭିଯୁକ୍ତ ଗିରଫ

ସୁରତ, ୧୦।୧(ଏଜେନ୍ସି): ଗୁଜରାଟର ନବସାରୀ ଜିଲ୍ଲାର ଭାନସଦା ଟାଉନ୍‌ର ୨୦କିମି ଦୂରରେ ଏକ ଗାଁରେ ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇ ଗଣଦୁଷ୍କର୍ମ କରାଯାଇଛି। ୮ ଜଣ ଏହି କାଣ୍ଡ ଘଟାଇଛନ୍ତି। ଅଭିଯୁକ୍ତଙ୍କ ବୟସ ୧୬ରୁ ୨୧ ବର୍ଷ ବୋଲି କୁହାଯାଇଛି। ସବୁ ୮ ଜଣ ଅଭିଯୁକ୍ତଙ୍କୁ ନବସାରୀ ସ୍ଥାନୀୟ କ୍ରାଇମ ବ୍ରାଞ୍ଚ୍ ଗିରଫ କରିଛି। ପୀଡିତାଙ୍କ ଘର ପାଖରେ ଅଭିଯୁକ୍ତମାନେ ରୁହନ୍ତି। ଝିଅ ଘରୁ ବାହାରକୁ ଯାଇଥିବା ବେଳେ ୩ ଜଣ ଅଭିଯୁକ୍ତ ଅପହରଣ କରି ୩ କିମି ଦୂରରେ ଥିବା ଏକ ଗାଁକୁ ନେଇଯାଇଥିଲେ। ଅନ୍ୟ ୫ଜଣ ସେଠାରେ ପହଞ୍ଚି ନାବାଳିକାଙ୍କୁ ଏକ କୋଠରୀକୁ ନେଇଯାଇ ଦୁଷ୍କର୍ମ କରିଥିଲେ। ଝିଅକୁ ନ ପାଇ ପରିବାର ଲୋକେ ତାକୁ ଖୋଜିଥିଲେ। କିନ୍ତୁ ପରଦିନ ସକାଳେ ସେମାନେ ନାବାଳିକାଙ୍କୁ ଘର ବାହାରେ ଏକ ଚାରି ଚକିଆ ଗାଡ଼ିରେ ପାଇଥିଲେ। ସବୁ ଅଭିଯୁକ୍ତ ନାବାଳିକାଙ୍କ ପରିଚତ ବୋଲି ପୁଲିସ କହିଛରେ

## ଅଯୋଧ୍ୟା ରାମ ମନ୍ଦିରରେ ନମାଜ ପଢ଼ିବାକୁ ଉଦ୍ୟମ; ୩ ଅଟକ

ଅଯୋଧ୍ୟା, ୧୦।୧(ଏଜେନ୍ସି): ଅଯୋଧର ରାମ ମନ୍ଦିରରେ ଦୁଇଜଣ ପୁରୁଷ ଓ ଜଣେ ଝିଅ ଶନିବାର ସକାଳେ ପ୍ରବେଶ କରି ନମାଜ ପଢ଼ିବାକୁ ଉଦ୍ୟମ କରିଥିଲେ। ସୁରକ୍ଷାକର୍ମୀମାନେ ସେମାନଙ୍କୁ ତୁରନ୍ତ ଅଟକାଇଥିଲେ। ଏହି ୩ଜଣ ନିଜକୁ କାଶ୍ମୀରର ବାସିନ୍ଦା ବୋଲି ପରିଚୟ ଦେଇଛନ୍ତି। । ଏମାନେ ଅଯୋଧ୍ୟା କାହିଁକି ଆସିଲେ ସେ ନେଇ ପଚରାଉଚରା କରାଯାଉଛି। ଡି-୧ ଦ୍ୱାର ଦେଇ ଦୁଇଜଣ ଯୁବକ ଓ ଜଣେ ଝିଅ ରାମ ମନ୍ଦିରରେ ପ୍ରବେଶ କରିଥିଲେ। ଏମାନ କାଶ୍ମୀରି ପୋଷାକ ପରିଧାନ କରିଥିଲେ। ସୁରକ୍ଷାକର୍ମୀମାନେ ତାଙ୍କୁ ଅଟକାଇବା ବେଳେ ସେମାନେ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ।

## ନୀତୀଶଙ୍କୁ 'ଭାରତ ରତ୍ନ' ଦାବି

ନୂଆଦିଲ୍ଲୀ, ୧୦।୧(ଏଜେନ୍ସି): ବିହାର ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାରଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ସହ ସମ୍ମାନିତ କରିବାକୁ ଦାବି ହୋଇଛି। ଏହି ଦାବି କରିଛନ୍ତି କେନ୍ଦ୍ର ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ତଥା ହିନ୍ଦୁସ୍ଥାନ ଆବାମୀ ମୋର୍ଚ୍ଚା (ଏଚ୍‌ଏଏମ୍) ନେତା ଜିତନ ରାମ ମାନ୍‌ଝୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ନୀତୀଶଙ୍କୁ ଏହି ସମ୍ମାନ ଦେବାକୁ ସେ ଦାବି କରିଛନ୍ତି। ଏହା ପୂର୍ବରୁ ଜେଡିୟୁ ନେତା କେସି ତ୍ୟାଗୀ ମଧ୍ୟ ନୀତୀଶଙ୍କୁ ଦେଶର ଏହି ସର୍ବୋଚ୍ଚ ସମ୍ମାନ ଦେବା ପାଇଁ ଦାବି କରିଥିଲେ। ଏବେ ଏହି ଦାବିକୁ ମାନ୍‌ଝୀ ସମର୍ଥନ କରିଛନ୍ତି।

# ଅଣାୟତ୍ତ ହେଉଛି ଇରାନ; ଗୁଳିରେ ୨୧୭ ମୃତ

ତେହରାନ, ୧୦।୧ (ଏଜେନ୍ସି): ଅହେତୁକ ଦରଦାମ ବୃଦ୍ଧି ଏବଂ ଟିକସ ବୋଝକୁ ବିରୋଧ କରି ଇରାନରେ ଆରମ୍ଭ ହୋଇଥିବା ବିକ୍ଷୋଭ ପ୍ରଦର୍ଶନ ଭୟଙ୍କର ରୂପ ଧାରଣ କରିଛି। ଏହା ହିଂସ୍ରକ ହୋଇ ସାରା ଦେଶକୁ ବ୍ୟାପିଯାଇଛି। ମହଙ୍ଗା ମାଡ଼ରୁ ମୁକ୍ତି ପାଇଁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ କ୍ରମେ ରାଜନୈତିକ ରୂପ ନେଇଛି। ବିକ୍ଷୋଭକାରୀ ଦେଶରୁ ଇସଲାମିକ ଶାସନ ହଟାଇବା ପାଇଁ ଦାବି କରୁଥିବାବେଳେ ସରକାର ଦମନ ନୀତି ଚଳାଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ସତ୍ତ୍ୱେ ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲାହ ଅଲ୍ ଖାମନେଇ ଆନ୍ଦୋଳନକାରୀଙ୍କୁ ଦମନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷାକର୍ମୀଙ୍କୁ ପଛଘୁଞ୍ଚା ନ ଦେବାକୁ କହିଛନ୍ତି। ଏପରି ସମୟରେ ରାତାରାତି ଇରାନର ସ୍ଥିତି ବଦଳି ଯାଇଛି। ଇରାନର ବିତାଡ଼ିତ ରାଜା ରେଜା ପହଲବି ସହର ପ୍ରମୁଖ କେନ୍ଦ୍ରଗୁଡ଼ିକୁ କବ୍‌ଜା ପାଇଁ ପ୍ରସ୍ତୁତ ରହିବାକୁ ଆନ୍ଦୋଳନକାରୀଙ୍କୁ ଆହ୍ୱାନ ଦେଇଛନ୍ତି। ଶନିବାର ଏବଂ ରବିବାର ପ୍ରମୁଖ ସ୍ଥଳକୁ ଲକ୍ଷ୍ୟ ରଖି ଆନ୍ଦୋଳନକୁ ଜୋରଦାର କରିବାକୁ କହିଛନ୍ତି। ସେ ତେହେରାନ ଫେରିବା ନେଇ ମଧ୍ୟ ସଙ୍କେତ ଦେଇଛନ୍ତି। ମାତ୍ର ଆନ୍ଦୋଳନକାରୀଙ୍କୁ ରୋକିବା ପାଇଁ ସୁରକ୍ଷାବାହିନୀ ସମସ୍ତ ପ୍ରକାରର ପ୍ରୟାସ କରୁଛି। ଗୁଳି ଚଳାଇ ଅନେକ ବିକ୍ଷୋଭକାରୀଙ୍କ ଜୀବନ ନେଇଛି। ଏ ପର୍ଯ୍ୟନ୍ତ ପୁଲିସ ଗୁଳିରେ ୨୧୭ ଜଣ ପ୍ରାଣ ହରାଇଲେଣି ବୋଲି ଦାବି କରାଯାଇଛି।

ବିଭିନ୍ନ ସ୍ଥାନରେ ସୁରକ୍ଷାବାହିନୀ ଏବଂ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ତେଣୁ ମୃତ୍ୟୁସଂଖ୍ୟା ଅଧିକ ରହିଥିବା ଆଶଙ୍କା କରାଯାଉଛି। ତେହେରାନର ଏକ ଡାକ୍ତରଙ୍କ ଆଧାରରେ ଅନ୍ତର୍ଜାତୀୟ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି ଯେ କେବଳ ରାଜଧାନୀର ୬ ଡାକ୍ତରଖାନାରେ ୨୧୭ ଜଣଙ୍କ ମୃତ୍ୟୁ ହୋଇଛି। ଗୁଳି ବାଜିବାରୁ ଅଧିକାଂଶ ପ୍ରାଣ ହରାଇଛନ୍ତି। ଏହା ପୂର୍ବରୁ ଗୁରୁବାର ରାତିରେ ବିଭିନ୍ନ ସ୍ଥାନରେ ଜୋରଦାର ବିକ୍ଷୋଭ ହୋଇଥିଲା। ଏହାକୁ ବନ୍ଦ କରିବା ପାଇଁ ପୁଲିସ ଗୁଳିମାଡ଼ କରିଥିଲା।

ଏହା ମଧ୍ୟରେ ରିଭୋଲ୍ୟୁସନାରୀ ଗାର୍ଡର ଜଣେ ଅଧିକାରୀ ସରକାରୀ ଟିଭି ଚ୍ୟାନେଲରେ ଲୋକଙ୍କୁ ଚେତାବନୀ ଦେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନରୁ ଶିଶୁଙ୍କୁ ଦୂରେଇ ରଖିବା ପାଇଁ ମାତାପିତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି ନ କଲେ ଶିଶୁଙ୍କ ଦେହରେ ଗୁଳି ବାଜିଲେ ଅଭିଯୋଗ ନ କରିବାକୁ କହିଛନ୍ତି। ରିପୋର୍ଟ ଅନୁଯାୟୀ, ପ୍ରଥମେ ବିକ୍ଷୋଭକୁ ନେଇ ସରକାର କି ନୀତି ଆପଣାଇବେ ତାହା ସ୍ପଷ୍ଟ ହୋଇ ନ ଥିଲା। ଆଣ୍ଟି-ରାଇଟ୍ସ ପୁଲିସର ଜଣେ ଅଧିକାରୀ କହିଥିଲେ ଯେ ଏବେ ସୁରକ୍ଷାବାହିନୀ ଭ୍ରମରେ ରହିଛି। ଆଗାମୀ ଦିନରେ କ'ଣ ହେବ ତାହା କେହି ଜାଣି ନାହାନ୍ତି। ମାତ୍ର ଶୁକ୍ରବାର ଆନ୍ଦୋଳନକୁ ଦମନ କରିବା ପାଇଁ ସମ୍ପୂର୍ଣ୍ଣ ଶକ୍ତି ପ୍ରୟୋଗ କରାଯିବ ବୋଲି ନିର୍ଦ୍ଦେଶ ଆସିଛି। ଏବେ ସାରା ଦେଶରେ ଇଣ୍ଟରନେଟ ଏବଂ ଫୋନ ସେବା ବନ୍ଦ ରହିଛି। ଏପରି ସମୟରେ ଇସଲାମିକ ଶାସନକୁ ବିରୋଧ ପାଇଁ ଯୁବ ପିଢି ନୂଆ ଧାରା ଆରମ୍ଭ କରିଛନ୍ତି। ସେମାନେ ସର୍ବୋଚ୍ଚ ନେତା ଏବଂ ୧୯୭୯ ରେ ଇସଲାମିକ କ୍ରାନ୍ତି ଆରମ୍ଭ କରିଥିବା ଅୟାତୁଲାହ ଅଲ ଖାମନେଇଙ୍କ ଫଟୋ ଜାଳି ସେଥିରୁ ସିଗାରେଟ ଲଗାଇ ଫଟୋ ଛାଡୁଛନ୍ତି। କାରଣ ଇସଲାମିକ ଶାସନରେ ମହିଳାଙ୍କୁ ଅଧିକ ନିର୍ଯାତନା ଦିଆଯାଇଛି। ବୁର୍ଖା ନ ପିନ୍ଧିଲେ ଜେଲ୍‌ରେ ନେଇ ନିର୍ଯାତନା ଦିଆଯାଉଛି। ଏହି ନିର୍ଯାତନା ସହି ନ ପାରି ଅନେକ ମହିଳାଙ୍କ ଜୀବନ ମଧ୍ୟ ଯାଇଛି। ତେଣୁ ଲୋକେ ଇସଲାମିକ ଶାସନରୁ ମୁକ୍ତି ଚାହୁଁଛନ୍ତି। ମାତ୍ର ସରକାର ଦମନ ନୀତି ଆପଣାଉଥିବାରୁ ଆଗାମୀ ଦିନରେ ମୃତାହତଙ୍କ ସଂଖ୍ୟା ଅହେତୁକ ବଢ଼ିବ ବୋଲି କୁହାଯାଉଛି। ସେହିପରି ଇରାନ ନୋବେଲ ଶାନ୍ତି ପୁରସ୍କାର ବିଜେତା ଅଭିଯୋଗ କରିଛନ୍ତି ସରକାର ଯୋଗାଯୋଗ ବ୍ୟବସ୍ଥାକୁ ବନ୍ଦ କରି ସାମୂହିକ ହତ୍ୟାକାଣ୍ଡ ଚଳାଇଛନ୍ତି।

ପୂର୍ବରୁ ଇସ୍ରାଏଲ ସହ ସଂଘର୍ଷ, ଅନ୍ତର୍ଜାତୀୟ କଟକଣା, ବିପର୍ଯ୍ୟସ୍ତ ଅର୍ଥ ବ୍ୟବସ୍ଥା, ବିଦ୍ୟୁତ ଏବଂ ପାଣି ସଙ୍କଟର ଭଳି ସମସ୍ୟାର ଇରାନ ଜର୍ଜରିତ ହେଉଛି। ସରକାରଙ୍କ ଭିତରେ ମଧ୍ୟ ମତଭେଦ ରହିଛି। ରାଷ୍ଟ୍ରପତି ମାସୁଦ ପେଜସକିଆନ ନରମ ଆଭିମୁଖ୍ୟ ଗ୍ରହଣ କରୁଥିବାବେଳେ ତାଙ୍କର ଅନେକ ମନ୍ତ୍ରୀ କଠୋର କାର୍ଯ୍ୟାନୁଷ୍ଠାନ ସପକ୍ଷରେ ଅଛନ୍ତି।




ଇରାନର ସର୍ବୋଚ୍ଚ ନେତା ଖାମନେଇଙ୍କ ଫଟୋରେ ନିଆଁ ଲଗାଇ ସିଗାରେଟ ଟାଣୁଛନ୍ତି ବିକ୍ଷୋଭକାରୀ

**■ ୫୦ ବର୍ଷ ପରେ ଇରାନ ଫେରିବେ ପହଲଭି**
**■ ଇରାନ ସରକାରରେ ମତଭେଦ**

# ପୁଟିନଙ୍କୁ ଅପହରଣ କରିବେ ଟ୍ରମ୍ପ?

ୱାସିଂଟନ, ୧୦।୧: ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ଭଳି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଆମେରିକା ଆକ୍ରମଣ କରି ଅପହରଣ କରିବ କି? ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଏମିତି ଦାବି କରିଛନ୍ତି। ଏସଂପର୍କରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପ୍ରଶ୍ନ କରାଯିବାରୁ ସେ କହିଲେ, 'ଏନେଇ ମୁଁ ଜେଲେନସ୍କି ସହ ଏକମତ ନୁହେଁ'। ସେ କହିଲେ ଯେ ଏହାର କୌଣସି ଆବଶ୍ୟକତା ନାହିଁ। ତେବେ ୟୁକ୍ରେନ ଯୁଦ୍ଧରେ ରାଷ୍ଟ୍ରପତି ପୁଟିନଙ୍କ ଆଭିମୁଖ୍ୟ ନେଇ ସେ ଖୁସି ନୁହନ୍ତି ବୋଲି କହିଛନ୍ତି।



**ଇସଲାମାବାଦ:** ପାକିସ୍ତାନ ପୁଣିଥରେ ଇସ୍ରାଏଲ ବିରୋଧୀ ଆଭିମୁଖ୍ୟ ପୋଷଣ କରି ମନ୍ତବ୍ୟ ଦେଇଛି। ପାକିସ୍ତାନ ପ୍ରତିରକ୍ଷା

### ମାଦୁରୋଙ୍କ ଭଳି ଆମେରିକା ନେତାନ୍ୟାହୁଙ୍କୁ ମଧ୍ୟ ଅପହରଣ କରୁ: ପାକିସ୍ତାନ

ମନ୍ତ୍ରୀ ଖ୍ୱାଜା ଆସିଫ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କୁ ଅପହରଣ କରିବାକୁ ଦାବି କରିଛନ୍ତି। ଏକ ଟିଭି ଚ୍ୟାନେଲକୁ ସାକ୍ଷାତକାର ଦେଇ ସେ କହିଛନ୍ତି ଯେ, ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଯେଉଁଭଳି ଭାବେ ଅପହରଣ କରାଗଲା, ଠିକ୍ ସେହିପରି ନେତ୍ୟାନାହୁଙ୍କୁ ମଧ୍ୟ ଆମେରିକା ଅପହରଣ କରୁ। ତୁର୍କୀ ମଧ୍ୟ ଏହି କାର୍ଯ୍ୟ କରିପାରିବ ଓ ଏଥିପାଇଁ ପାକିସ୍ତାନ ପ୍ରାର୍ଥନା କରୁଛି ବୋଲି ସେ କହିଛନ୍ତି। ସେ ନେତାନ୍ୟାହୁଙ୍କୁ ମାନବିକତାର ସବୁଠାରୁ ବଡ଼ ଶତ୍ରୁ ବୋଲି ଅବିହିତ କରିଛନ୍ତି। ଗାଜାରେ ପାଲେଷ୍ଟାଇନ ନାଗରିକଙ୍କ ଉପରେ ଯେଉଁଭଳି ଅତ୍ୟାଚାର ହେଉଛି, ତାହା ଇତିହାସରେ କେବେବି ଦେଖାଯାଇନାହିଁ। ଗତ ୪୦୦୦ କିମ୍ବା ୫୦୦୦ ବର୍ଷ ମଧ୍ୟରେ କେହି ପାଲେଷ୍ଟାଇନ୍ ନାଗରିକ ଉପରେ ଏଭଳି ଅତ୍ୟାଚାର କରିନାହାନ୍ତି ବୋଲି ସେ କହିଛନ୍ତି। ତାଙ୍କର ଏହି ମନ୍ତବ୍ୟ ସାମାଜିକ ଗଣାମାଧ୍ୟମରେ ଭାଇରାଲ ହୋଇଛି। ଉଲ୍ଲେଖଥାଉ କି, ପାକିସ୍ତାନ ପାଲେଷ୍ଟାଇନକୁ ସମର୍ଥନ କରୁଥିବା ବେଳେ ଆରମ୍ଭରୁ ଇସ୍ରାଏଲ ବିରୋଧ କରିଆସିଛି।

## ଦୁଇ ରୁଷ ନାଗରିକଙ୍କୁ ଛାଡ଼ିଲା ଆମେରିକା

ୱାସିଂଟନ, ୧୦।୧(ଏଜେନ୍ସି): ଆମେରିକା ଜବତ କରିଥିବା ରୁଷ ତୈଳ ଟ୍ୟାଙ୍କର 'ମାରିନାରା'ରୁ ଦୁଇଜଣ ରୁଷୀୟ ନାଗରିକଙ୍କୁ ମୁକ୍ତ କରିଛି। ଏହି ଦୁଇଜଣଙ୍କୁ ମୁକ୍ତ କରିବାକୁ ରୁଷ ଆମେରିକା ଉପରେ ଚାପ ପକାଇଥିଲା। ରୁଷୀୟ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ମାରିଆ ଜାଖାରୋଭ ଏ ନେଇ ସୂଚନା ଦେଇଛନ୍ତି। ରୁଷର ଅନୁରୋଧକ୍ରମେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଦୁଇ ନାଗରିକଙ୍କୁ ମୁକ୍ତି କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ସେ କହିଛନ୍ତି। ଏହି ଜାହଜଟି ଜାନୁଆରୀ ୭ରେ ଉତ୍ତର ଆଟଲାଣ୍ଟିକ ମହାସାଗରରେ ଆମେରିକା ଦ୍ୱାରା ଜବତ କରାଯାଇଥିଲା। ଏହି ଟ୍ୟାଙ୍କର ତଥା ଜାହଜରେ ଥିବା ୩ ଜଣ ଭାରତୀୟ କ୍ରୁ ସଦସ୍ୟଙ୍କୁ ଏପର୍ଯ୍ୟନ୍ତ ମୁକ୍ତ କରାଯାଇନାହିଁ। ରିପୋର୍ଟ ଅନୁଯାୟୀ, ମାରିନାରାରେ ମୋଟ ୨୮ ଜଣଥିଲେ। ଏଥିରେ ୟୁକ୍ରେନର ୧୭ଜଣ, ଜର୍ଜିଆର ୬ ଜଣ, ଭାରତର ୩ ଜଣ ଓ ରୁଷିଆର ୨ ଜଣ ନାଗରିକ ଥିଲେ। ସେପଟେ ଆମେରିକା କ୍ୟାରିବିୟାନ ସାଗରରେ 'ଓଲିନା' ନାମକ ଆଉ ଏକ ତୈଳ ଟ୍ୟାଙ୍କର ଜବତ କରିଛି ଓ କ୍ରୁ ସଦସ୍ୟଙ୍କୁ ଗିରଫ କରିଛି। ଗତ ୩ ଦିନ ମଧ୍ୟରେ ଆମେରିକା ୫ମ ଏଭଳି ତୈଳ ଟ୍ୟାଙ୍କର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପ୍ରତିବନ୍ଧର ଉଲ୍ଲଂଘନ ଅଭିଯୋଗରେ ତୈଳ ଟ୍ୟାଙ୍କରଗୁଡିକ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଆମେରିକାର ଏହି ପ୍ରତିବନ୍ଧ କାରଣରୁ ବିଭିନ୍ନ ଦେଶ ଏବେ ତୈଳ କ୍ରୟ କରିପାରୁନାହାନ୍ତି।

## ଗ୍ରୀନ୍‌ଲାଣ୍ଡ ଉପରେ ଚୀନ, ରୁଷିଆର ଆଖି: ଆମେରିକା

ୱାସିଂଟନ, ୧୦।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନ୍‌ଲାଣ୍ଡ ଆମେରିକା ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ସେ ନେଇ ବୁଝାଇବାକୁ ପ୍ରୟାସ କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ତୈଳ ଓ ଗ୍ୟାସ କମ୍ପାନୀର ଶୀର୍ଷ ଅଧିକାରୀମାନଙ୍କ ବୈଠକରେ ଯୋଗ ଦେଇ ସେ କହିଥିଲେ ଯେ, ଯଦି ଆମେରିକା ଗ୍ରୀନ୍‌ଲାଣ୍ଡକୁ ଦଖଲ ନକରେ, ତେବେ ଚୀନ୍ ଓ ରୁଷ ଏହାକୁ ଦଖଲ କରିନେବେ। ଗ୍ରୀନଲାଣ୍ଡକୁ ହାସଲ କରିବା କେବଳ ମାତ୍ର ଜମି କିଣିବା ମାମଲା ନୁହେଁ। ଏହା ଚୀନ ଓ ରୁଷ ଭଳି ଦେଶଗୁଡିକୁ ଦୂରେଇ ରଖିବା ମଧ୍ୟ। ଆମେ ଏଭଳି ଦେଶଗୁଡିକୁ ଆମର ପଡୋଶୀ ଭାବେ ଦେଖିବାକୁ ଚାହୁଁନାହୁଁ। ଆମେ ଗ୍ରୀନ୍‌ଲାଣ୍ଡକୁ ସହଜ ଉପାୟରେ ହାସଲ କରିବାକୁ ଚାହୁଁଛୁ। ଯଦି ଏପରି ନହୁଏ, ତେବେ ଆମକୁ କଠୋର ଉପାୟ ଅବଲମ୍ବନ କରିବାକୁ ହେବ। ସେମାନଙ୍କର ପସନ୍ଦ ହେଉ କି ନ ହେଉ ଆମକୁ ଗ୍ରୀନ୍‌ଲାଣ୍ଡ ବିଷୟରେ ଆମକୁ କିଛି ନା କିଛି କରିବାକୁ ହେବ ବୋଲି ସେ କହିଛନ୍ତି। ତେବେ ସେ ଡେନମାର୍କ ବିଷୟରେ ସକାରାତ୍ମକ କଥା କହିଛନ୍ତି। ମୁଁ ଡେନମାର୍କକୁ ପସନ୍ଦ କରିଥାଏ ଓ ଏହି ସ୍କାଣ୍ଡିନାଭିଆନ ଦେଶର ମୁଁ ଜଣେ ବଡ଼ ପ୍ରଶଂସକ। ଡେନମାର୍କ ସହିତ ଆମର ବହୁତ ଭଲ ସମ୍ପର୍କ ରହିଛି। ତେବେ ଗ୍ରୀନ୍‌ଲାଣ୍ଡକୁ ସେ ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ସହିତ ଯୋଡିବାକୁ ପ୍ରୟାସ କରିଛନ୍ତି। ଗ୍ରୀନଲାଣ୍ଡ ନିକଟରେ ଚୀନ୍ ଓ ରୁଷିଆ ଜାହାଜଗୁଡିକର ଗତିବିଧି ବୃଦ୍ଧି ପାଉଥିବା କଥା ସେ କହିଛନ୍ତି। ଗ୍ରୀନଲାଣ୍ଡକୁ ନେଇ ଟ୍ରମ୍ପଙ୍କ ଏହି ଆକ୍ରମଣାତ୍ମକ ଆଭିମୁଖ୍ୟକୁ ଡେନମାର୍କ ସମାଲୋଚନା କରିଛି। ଯଦି ଆମେରିକା ଏଭଳି ଦୁଃସାହସ କରେ ତେବେ ଆମେ ଗୁଳିରେ ହିଁ ଜବାବ ଦେବୁ ବୋଲି ଡେନମାର୍କ କଡ଼ା ଜବାବ ଦେଇ କହିଛି। ସୂଚନାଯୋଗ୍ୟ ଯେ, ଗ୍ରୀନଲାଣ୍ଡ ହେଉଛି ଡେନମାର୍କର ଏକ ସ୍ୱୟଂଶାସିତ ଅଞ୍ଚଳ।

## ୪.୬ ଡିଗ୍ରୀରେ ଥରୁଛି ଦିଲ୍ଲୀ

ନୂଆଦିଲ୍ଲୀ, ୧୦।୧(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ସକାଳେ ଚଳିତ ଶୀତଋତୁର ସବୁଠାରୁ ଥଣ୍ଡା ସକାଳ ଅନୁଭୂତ ହୋଇଛି। ତାପମାତ୍ରା ୪.୨ ଡିଗ୍ରୀ ସେଲସିୟସକୁ ହ୍ରାସ ପାଇଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଘନ କୁହୁଡି ସହିତ ଶୀତ ଦୈନନ୍ଦିନ ଜୀବନକୁ ଅସ୍ତବ୍ୟସ୍ତ କରିଛି। ଏଥିସହ ବିମାନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଶୁକ୍ରବାର ଅସ୍ୱାଭାବିକ ବର୍ଷା ପରେ ରାଜଧାନୀ ଓ ଆଖପାଖ ଅଞ୍ଚଳରେ ତାପମାତ୍ରା ହ୍ରାସ ହୋଇଥିଲା। ଦିଲ୍ଲୀ- ଏନ୍‌ସିଆରରେ ଥଣ୍ଡାର ପ୍ରକୋପ ଜାରି ରହିବା ସମ୍ଭାବନା ରହିଛି। ପୁଣି ସକାଳ ଓ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘନ କୁହୁଡି ଜାରି ରହିବ ବୋଲି କୁହାଯାଇଛି। ଶୁକ୍ରବାର ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ୧୯.୭ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ସର୍ବନିମ୍ନ ତାପମାତ୍ରା ୪.୬ ଡିଗ୍ରୀ ରେକର୍ଡ କରାଯାଇଛି ଓ ଏହା ହାରାହାରିଠାରୁ ୨.୩ ଡିଗ୍ରୀ କମ୍ ଥିଲା। ଆଗାମୀ ଦିନରେ ଉତ୍ତର ଓ ଉତ୍ତର-ପଶ୍ଚିମ ଭାରତରେ ଶୀତ ଲହରି ଜାରି ରହିବ ବୋଲି କୁହାଯାଉଛି। ଯଦିଓ ଏପର୍ଯ୍ୟନ୍ତ କୌଣସି ତୀବ୍ର ଶୀତ ଲହରୀ ପୂର୍ବାନୁମାନ କରାଯାଇନାହିଁ। ପଞ୍ଜାବ, ହରିୟାଣା, ରାଜସ୍ଥାନ, ବିହାର ଓ ମଧ୍ୟ ପ୍ରଦେଶରେ ଥଣ୍ଡା ପୂର୍ବପରି ଜାରି ରହିଛି। ହିମାଚଳ, ଉତ୍ତରାଖଣ୍ଡରେ ତୁଷାରପାତ ସହ ପ୍ରବଳ ଶୀତ ଅନୁଭୂତ ହୋଇଛି। ସେହିପରି ତାମିଲନାଡୁ, ପୁଡୁଚେରୀ ଭଳି ଦକ୍ଷିଣ ରାଜ୍ୟରେ ପ୍ରବଳ ବର୍ଷା ସତର୍କତା ଜାରି କରାଯାଇଛି।

## 'ଜି-ରାମ-ଜି' ବିରୋଧରେ ଦେଶବ୍ୟାପୀ କଂଗ୍ରେସ ଆନ୍ଦୋଳନ

ନୂଆଦିଲ୍ଲୀ, ୧୦।୧(ଏଜେନ୍ସି): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା (ମନରେଗା) ରେ ସାମ୍ପ୍ରତିକ ପରିବର୍ତ୍ତନକୁ ବିରୋଧ କରି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଶନିବାରଠାରୁ ୪୫ ଦିନବ୍ୟାପୀ ଆନ୍ଦୋଳନ ଆରମ୍ଭ କରିଛି। ଦେଶର ୬ଟି ରାଜ୍ୟ ଏହି ଏହାକୁ ବିରୋଧ କରିଛନ୍ତି। କର୍ଣ୍ଣାଟକ, ତେଲଙ୍ଗାନା ଓ ପଞ୍ଜାବ ଆନୁଷ୍ଠାନିକ ଭାବେ ନୂତନ ଆଇନ୍‌କୁ ବିରୋଧ କରି ପ୍ରସ୍ତାବ ପାରିତ କରିଛନ୍ତି। ସେହିପରି ତାମିଲନାଡୁ, କେରଳ ଓ ପଶ୍ଚିମବଙ୍ଗ ମଧ୍ୟ ଦୃଢ ଆପତ୍ତି ପ୍ରକାଶ କରିଛନ୍ତି। ଭିବି- ଜି ରାମ ଜି ଆଇନକୁ ବିରୋଧ କରିବା ସହ ଏହି ରାଜ୍ୟଗୁଡିକ ଚିନ୍ତା ପ୍ରକଟ କରିଛନ୍ତି। ଏହି ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବା, ଚାହିଦା-ଚାଳିତରୁ ଯୋଗାଣ- ଚଳିତ ଢାଞ୍ଚାକୁ ସ୍ଥାନାନ୍ତର, ରାଜ୍ୟଗୁଡିକ ଉପରେ ଆର୍ଥିକ ବୋଝ ବୃଦ୍ଧି କରିବା ସହ ପୂର୍ଣ୍ଣ କେନ୍ଦ୍ରୀୟ ନିୟନ୍ତ୍ରଣ ଲାଗୁ କରିବାକୁ ବିରୋଧ କରାଯାଇଛି। ବିରୋଧୀ ଦଳଗୁଡିକ ଯୁକ୍ତି ବାଢ଼ିଛନ୍ତି ଯେ, ଏହି ପରିବର୍ତ୍ତନଗୁଡିକ ରାଜ୍ୟ ସ୍ୱାୟତ୍ତତାକୁ ଦୁର୍ବଳ କରିବ ଓ ଗ୍ରାମୀଣ ନିଯୁକ୍ତି ଅଧିକାରକୁ ବିପଦରେ ପକାଇବ। କର୍ଣ୍ଣାଟକ ମନ୍ତ୍ରୀ ପ୍ରିୟଙ୍କା ଖଡ଼ଗେ କହିଛନ୍ତି ଯେ, ଏହି ନୂଆ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟକୁ ଆଗାମୀ ୫ ବର୍ଷ ମଧ୍ୟରେ ପାଖାପାଖି୨୦, ୦୦୦ କୋଟି ଟଙ୍କା ଆବଶ୍ୟକ ହେବ। ଏହାକୁ ବିରୋଧ କରି କୋର୍ଟରେ ଚ୍ୟାଲେଞ୍ଜ କରିବାକୁ ସେ ଘୋଷଣା କରିଛନ୍ତି। କିନ୍ତୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଅନୁସାରେ ଭିବି ଜି ରାମ ଜି ଆଇନ କାର୍ଯ୍ୟକାରୀ ହେଲେ ରାଜ୍ୟଗୁଡିକ ୧୭, ୦୦୦ କୋଟି ଟଙ୍କା ଲାଭ ପାଇବେ ବୋଲି ଆକଳନ କରାଯାଇଛି।

## ଏସ୍‌ଆଇଆର୍‌ରେ ୧୨ଟି ରାଜ୍ୟରେ କଟିଲେଣି ୬.୫ କୋଟି ଭୋଟର

ନୂଆଦିଲ୍ଲୀ, ୧୦।୧: ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ୬ କୋଟି ୫୦ ଲକ୍ଷ ଭୋଟରଙ୍କ ନାମ କଟିଲାଣି। ଉତ୍ତର ପ୍ରଦେଶରେ ସର୍ବାଧିକ ପ୍ରାୟ ୩ କୋଟି ଭୋଟରଙ୍କ ନାମ କଟିଥିବା ବେଳେ ତାମିଲନାଡୁରେ ୯୭ ଲକ୍ଷ, ଗୁଜରାଟରେ ୭୩ ଲକ୍ଷ ଏବଂ ପଶ୍ଚିମ ବଙ୍ଗରେ ସାଢ଼େ ୫୩ଲକ୍ଷ ଭୋଟରଙ୍କ ନାମ କଟିଛି। ଏତେ ସଂଖ୍ୟକ ଭୋଟରଙ୍କ ନାମ କଟିଯାଇଥିବାରୁ ସଂପୃକ୍ତ ରାଜ୍ୟରେ କ୍ଷମତାସୀନ ଥିବା ଦଳମାନେ ଚିନ୍ତିତ ହୋଇପଡ଼ିଛନ୍ତି। କଟିଯାଇଥିବା ଭୋଟରମାନଙ୍କ ମଧ୍ୟରୁ କିପରି ଅଧିକାଂଶ ନାମ ଯୋଡ଼ାହେବ, ସେଥିଲାଗି ଏହି ଦଳଗୁଡ଼ିକ ଉଦ୍ୟମ ଚଳାଇଛନ୍ତି।

ଏସ୍‌ଆଇଆର୍ ପୂର୍ବରୁ (ଅକଟୋବର) ଏହି ୧୨ଟି ରାଜ୍ୟରେ ଭୋଟର ସଂଖ୍ୟା ୫୦ କୋଟି ୯୦ ଲକ୍ଷ ଥିବା ବେଳେ ଭୋଟର ଚିଠା ପ୍ରକାଶ ପାଇବା ପରେ ଏହି ସଂଖ୍ୟା ୪୪ କୋଟି ୪୦ ଲକ୍ଷକୁ ଖସିଆସିଛି। ଏସଂପର୍କରେ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଯେଉଁମାନଙ୍କ ନାମ କଟିଛି ସେମାନଙ୍କମଧ୍ୟରେ ଅଧିକାଂଶ ହେଉଛନ୍ତି ଅନୁପସ୍ଥିତ, ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର, ମୃତ୍ୟୁ ଏବଂ ଡୁପ୍ଲିକେଟ୍ ଭୋଟର। ତେବେ କିଛି ଭୋଟରଙ୍କୁ ସନ୍ଦିଗ୍ଧ ତାଲିକାରେ ମଧ୍ୟ ରଖାଯାଇଛି। ।ସେ କହିଲେ ଯେ ଗ୍ରାମାଞ୍ଚଳରେ ଲୋକମାନଙ୍କ ମଧ୍ୟରେ ଭୋଟର ତାଲିକାକୁ ନେଇ ଉତ୍ସାହ ଥିବା ବେଳେ ସହରାଞ୍ଚଳରେ ଏନୁମେରେସନ ଫର୍ମ ସଂଗ୍ରହ ସଂଖ୍ୟା କମ୍ ରହିଛି। ଉତ୍ତର ପ୍ରଦେଶର ଉଦାହରଣ ଦେଇ ସେ କହିଛନ୍ତି ଯେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଅଧିକ ଭୋଟରଙ୍କ ନାମ କଟିଛି। ରାଜ୍ୟରେ ୧୫ କୋଟି ୪୪ ଲକ୍ଷ ଥିବା ବେଳେ ସେମାନଙ୍କ ମଧ୍ୟରୁ ଏହି ପ୍ରକ୍ରିୟାରେ ୨ କୋଟି ୮୯ ଲକ୍ଷ ଲୋକଙ୍କୁ ବାଦ୍ ଦିଆଯାଇଛି। ଏହାସହିତ ରାଜ୍ୟର ଭୋଟର ସଂଖ୍ୟା ୧୨ କୋଟି ୫୫ ଲକ୍ଷକୁ ହ୍ରାସ ପାଇଛି। ଏହା ହେଉଛି ମୋଟ ଭୋଟର ସଂଖ୍ୟାର ୧୮.୭୦ ପ୍ରତିଶତ। ଏଥିମଧ୍ୟରୁ ସହରାଞ୍ଚଳରେ ଭୋଟରଙ୍କ ସଂଖ୍ୟା ସର୍ବାଧିକ କଟିଛି। ଏଥିରେ ରହିଛି ରାଜଧାନୀ ଲକ୍ଷ୍ନୌ ଏବଂ ଗାଜିଆବାଦ। ଲକ୍ଷ୍ନୌରେ ୩୦ ଭାଗ ଭୋଟର କଟିଥିବା ବେଳେ ଗାଜିଆବାଦରେ ୨୮ ପ୍ରତିଶତ ଭୋଟର ବାଦ୍ ପଡ଼ିଛନ୍ତି। ବଳରାମପୁର, କାନପୁର, ପ୍ରୟାଗରାଜ, ମିରଟ, ଗୌତମ ବୁଦ୍ଧ ନଗର, ହାପୁର, ସହାରନପୁର ଏବଂ ଆଗ୍ରାରେ ଏଭଳି ପରିସ୍ଥିତି ଦେଖାଦେଇଛି।

ଏହାକୁ ନେଇ ରାଜ୍ୟ ବିଜେପି ଚିନ୍ତାରେ ପଡ଼ିଯାଇଛି। ଗତ ବିଧାନସଭା ନିର୍ବାଚନରେ ବିଜେପି ପ୍ରାର୍ଥୀମାନେ ଯେଉଁଠାରେ ୫ ହଜାରରୁ ୨୦ ହଜାର ଭୋଟ ବ୍ୟବଧାନରେ ଜିତିଥିଲେ, ସେଠାରେ ଦଳ ୧ ଲକ୍ଷରୁ ଅଧିକ ଭୋଟର ହରାଇଥିବା କୁହାଯାଉଛି। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପୂର୍ବରୁ କିପରି ଅଧିକରୁ ଅଧିକ ସଂଖ୍ୟକ ଭୋଟରଙ୍କ ନାମ ପୁଣି ସ୍ଥାନ ପାଇବ ତାହାକୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟ ବିଜେପି ସଭାପତିଙ୍କ ସହିତ ବୈଠକ କରି ରଣନୀତି ପ୍ରସ୍ତୁତ କରିଛନ୍ତି।

।ସେହିଭଳି ପଶ୍ଚିମ ବଙ୍ଗରେ କ୍ଷମତାସୀନ ତୃଣମୂଳ କଂଗ୍ରେସ ମଧ୍ୟ ଚିନ୍ତାରେ। ରାଜ୍ୟରେ ୫୩ ଲକ୍ଷ ଭୋଟରଙ୍କ ନାମ କଟିଛି। ଏଥିରେ ଅଧିକାଂଶ ଅଞ୍ଚଳ ମମତାଙ୍କ ତୃଣମୂଳର ଭୋଟ ବ୍ୟାଙ୍କ ବୋଲି କୁହାଯାଉଛି। ଏହାକୁ ନେଇ ଚିନ୍ତାରେ ଥିବା ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀ ସୁପ୍ରିମ କୋର୍ଟ ଯାଇଛନ୍ତି।



ଶନିବାର ଶ୍ରୀମନ୍ଦିର ଆଗରେ ଭକ୍ତଙ୍କ ଭିଡ଼

## ପୁଣି ଶ୍ରୀମନ୍ଦିର ଭିତରର ଫଟୋ ଭାଇରାଲ୍

# ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ

ପୁରୀ,୧୦।୧(ସମିସ): ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ, କ୍ୟାମେରା ନେବା ଉପରେ କଟକଣା ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଥିଲେ ହେଁ ଏହି କଟକଣାକୁ ଅନେକ ନାଲିଆଖି ଦେଖାଉଛନ୍ତି। ଫଳରେ ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତରର ସମ୍ବେଦନଶୀଳ ଫଟୋ ବାହାରେ ବୁଲୁଛି। ଗତମାସ ୧୭ ତାରିଖରେ ଶ୍ରୀମନ୍ଦିର ଗର୍ଭଗୃହ ଏବଂ ରତ୍ନସିଂହାସନରେ ମହାପ୍ରଭୁଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ୨୨ ଦିନ ପରେ ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିରକୁ ନେଇ କୌଣସି କଟକଣା ହେଲେ କିଛିଦିନ ଧରପଗଡ଼ ହୋଇଥାଏ। ଧୀରେ ଧୀରେ ତା' ଉପରୁ ନଜର ହଟିବା ପରେ ପୁଣି ପୂର୍ବାବସ୍ଥାକୁ ସ୍ଥିତି ଫେରିଆସେ। ମୋବାଇଲ କଟକଣା ବର୍ତ୍ତମାନ ସେହିଭଳି ସ୍ଥିତିରେ ରହିଥିବା ଚର୍ଚ୍ଚା ହେଉଥିବାବେଳେ ବଡ଼ ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀମନ୍ଦିର। ଏ ନେଇ ବିଭିନ୍ନ ସମୟରେ ଗୋଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରବେଶ ପଥରେ ଭକ୍ତଙ୍କୁ ଯାଞ୍ଚ କରାଯାଉଛି। ସମ୍ଭାବ୍ୟ ଆଶଙ୍କା କରି ଗତ କିଛିବର୍ଷ ହେବ ଜାତୀୟ ସୁରକ୍ଷା ବାହିନୀ (ଏନ୍ଏସଜି) ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରୁଛନ୍ତି। କିନ୍ତୁ ବାସ୍ତବରେ ଯେ ବଡଦେଉଳର ସୁରକ୍ଷା ବ୍ୟବସ୍ଥା ଧର୍ମକୁ ଆଖିଠାର ତାହା ମୋବାଇଲ କଟକଣାକୁ ଦେଖିଲେ ଜଣାପଡୁଛି। କାରଣ ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିତର ଫଟୋ। ମୋହିତ ନାମକ ଜଣେ ଯୁବକ ତାଙ୍କ ଇନଷ୍ଟାଗ୍ରାମ ଆଇଡିରେ ଅପ୍‌ଲୋଡ଼ କରିଛନ୍ତି ଶ୍ରୀମନ୍ଦିର ଭିତର ଫଟୋ। ଆନନ୍ଦ ବଜାରରେ ଫଟୋ ଉଠାଇଥିବା ଜଣାପଡୁଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଚାରିଦ୍ୱାରରେ ମାଳ ମାଳ ସୁରକ୍ଷାକର୍ମୀ ଯାଞ୍ଚ କରୁଥିବାବେଳେ କିଭଳି ମୋବାଇଲ ମନ୍ଦିର ଭିତରକୁ ଯାଉଛି ସେ ନେଇ ପ୍ରଶ୍ନ ଉଠାଇଛନ୍ତି ଭକ୍ତ। ଅନ୍ୟପଟେ ଶ୍ରୀମନ୍ଦିରର ପ୍ରଚଳିତ ଆଇନରେ ସଂଶୋଧନ ସହିତ ଶ୍ରୀମନ୍ଦିର ଚାରି ଦ୍ୱାରରେ ଅତ୍ୟାଧୁନିକ ସ୍କାନିଙ୍ଗ ମେସିନ୍ ଲଗାଇବା ପାଇଁ ଦାବି କରାଯାଉଛି। ଏ ସମ୍ପର୍କରେ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ଗୋଟେ ଇନ୍‌ଷ୍ଟାଗ୍ରାମ ଆଇଡିରେ ଫଟୋ ଅପ୍‌ଲୋଡ଼ ହୋଇଥିବା ଦେଖିବାକୁ ମିଳିଛି। ଏହି ଫଟୋ କିଏ ଅପ୍‌ଲୋଡ଼ କରିଛି, ଏହା ପଛର କ'ଣ ସତ୍ୟତା ରହିଛି ସବୁ ଯାଞ୍ଚ କରାଯିବ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଶୀତରେ ସନ୍ନିପାତ ଶିମିଳିପାଳ



ବାରିପଦା, ୧୦।୧ (ସମିସ): ଶୀତରେ ସନ୍ନିପାତ ଶିମିଳିପାଳ। ଶିମିଳିପାଳ ଜାତୀୟ ଉଦ୍ୟାନରେ ଆଜି ପୁଣି ତାପମାତ୍ରା ବିଯୁକ୍ତ ୧ ଡିଗ୍ରୀ ରହିଛି। ଉପର ବାର୍‌ହାକାମୁଡ଼ା (ୟୁବିକେ)ରେ ବୁଧବାର ଓ ଗୁରୁବାର ତାପମାତ୍ରା ଶୂନ ଡିଗ୍ରୀ ରହିଥିବା ବେଳେ ଶୁକ୍ରବାର ଓ ଶନିବାର ଲଗାତାର ଭାବେ ତାପାମାତ୍ରା ବିଯୁକ୍ତ ୧ଡିଗ୍ରୀରେ ରହିଛି। ଏହା ପ୍ରଭାବରେ ବିଭିନ୍ନ ସ୍ଥାନରେ ତୁହିନର ଆସ୍ତରଣ ଜମି ରହିଛି। ତାହାକୁ ସଂଗ୍ରହ କରିବା ବେଳେ ହାତରେ ବରଫର ଛିଦ୍ର ଲାଗି ରହୁଛି। ଶିମିଳିପାଳରେ ପାରଦ ବିଯୁକ୍ତକୁ ଖସିଯିବା ପ୍ରଥମ ଘଟଣା ବୋଲି କୁହାଯାଉଛି। ମୟୂରଭଞ୍ଜ, ବିଶେଷକରି ଶିମିଳିପାଳ ଅଭୟାରଣ୍ୟ ବୁଲି ଆସୁଥିବା ପର୍ଯ୍ୟଟକଙ୍କୁ ଏହା କାଶ୍ମୀରର ଅନୁଭୂତି ଦେଉଥିବା ବେଳେ ଜିଲ୍ଲାବାସୀଙ୍କ ପାଇଁ କିନ୍ତୁ ଏତେ ଥଣ୍ଡା ଅସହ୍ୟ ହୋଇପଡ଼ିଛି।

**ଆଜି ବି ପାରଦ 'ବିଯୁକ୍ତ ୧' ଡିଗ୍ରୀ**

ମୟୂରଭଞ୍ଜରେ ଏବର୍ଷ ଏତେମାତ୍ରାରେ ଶୀତ ଅନୁଭୂତ ହେବାକୁ ପରିବେଶବିତ୍‌ମାନେ ଜଳବାୟୁ ପରିବର୍ତ୍ତନ ସହ ଯୋଡୁଛନ୍ତି। ସେମାନଙ୍କ କହିବା କଥା, ଚଳିତ ବର୍ଷ ଖରାଦିନେ ଉତ୍ତପ୍ତ ସହର ଭାବେ ବାରିପଦା ରେକର୍ଡ କରିଥିବା ବେଳେ ୬ ମାସ ଧରି ଅନବରତ ବର୍ଷା ଲାଗି ରହିଥିଲା। ସେହିପରି ଏବେ ଶୀତଦିନେ ବି ଜିଲ୍ଲାରେ ପ୍ରତିଦିନ ଥଣ୍ଡା ନୂଆ ନୂଆ ରେକର୍ଡ କରୁଛି। ଏଥିପାଇଁ ଅବାଧ ଗଛକଟା ଓ ଖଣି ଖନନ ଦାୟୀ। ଏଥିଯୋଗୁଁ ଜଳବାୟୁରେ ଲଗାତାର ପରିବର୍ତ୍ତନ ଘଟିବା ସହ ଜିଲ୍ଲାରେ ବାୟୁର ମାନ ମଧ୍ୟ ପ୍ରଦୂଷିତ ହୋଇଚାଲିଛି।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ସର୍କଲ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶଚାନ୍ଦ ଗୋଗିନେନୀଙ୍କ ସୂଚନାନୁଯାୟୀ, ଆଜି ଶିମିଳିପାଳ ଅଭୟାରଣ୍ୟର ଗୁଡୁଗୁଡିଆରେ ୧ଡିଗ୍ରୀ, ଚହଲାରେ ୩ଡିଗ୍ରୀ, ବରେହିପାଣିରେ ୪ଡିଗ୍ରୀ, ରାମତୀର୍ଥରେ ୮ଡିଗ୍ରୀ, ସାତକୋଶିଆରେ ଏବଂ କିଆଝରୀରେ ୯ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ସେହିପରି, ଜିଲ୍ଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୩ରୁ ୧୦ଡିଗ୍ରୀ ପାଖାପାଖି ରହିଛି। ଏହି ହାଡ଼ଭଙ୍ଗା ଜାଡ଼ ଯୋଗୁଁ ପୂରା ଜିଲ୍ଲା ହେମାଳ ହୋଇଯାଇଛି। ଛୋଟଛୋଟ ଶିଶୁ, ବରିଷ୍ଠ ନାଗରିକ, ଗୃହପାଳିତ ପଶୁ ଓ ବନ୍ୟଜନ୍ତୁ ଏଥିଯୋଗୁଁ କଲବଲ ହେଉଛନ୍ତି।

# ଖୋଲୁନି ଓଏସ୍ଏସ୍‌ସି ଓ ଓଏସ୍ଏସ୍ଏସ୍‌ସି ୱେବସାଇଟ୍

## ଆବେଦନ ହେଉନି; ଆଶାୟୀ ନିରାଶ

ଭୁବନେଶ୍ୱର, ୧୦।୧(ସମିସ): ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍ଏସ୍‌ସି) ପକ୍ଷରୁ ୧୫୭୬ ସିଜିଏଲ୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନୁରୂପ ଭାବେ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍ଏସ୍ଏସ୍‌ସି) ପକ୍ଷରୁ ୩୨୫୦ ପଦରେ ନିଯୁକ୍ତି ପାଇଁ ଆବେଦନ ଆରମ୍ଭ ହୋଇଛି। ମାତ୍ର ଆବେଦନ ଆରମ୍ଭରୁ ହିଁ ଆବେଦନ ପ୍ରକ୍ରିୟା ଝୁଣ୍ଟିଛି। ଉଭୟ ୱେବସାଇଟ୍ ଅନେକ ସମୟରେ ଖୋଲୁ ନଥିବା ବେଳେ ମାତ୍ରାଧିକ ସମୟ ଅତ୍ୟନ୍ତ ଧିମା ଚାଲୁଛି। ଫଳରେ ଆବେଦନ ପାଇଁ ଲକ୍ଷାଧିକ ଆଶାୟୀ ଅପେକ୍ଷା କରି ରହିଛନ୍ତି।

ଓଏସ୍ଏସ୍‌ସି ପକ୍ଷରୁ ସିଜିଏଲ୍ ପାଇଁ ଆବେଦନ ପ୍ରକ୍ରିୟା ଗତ ୧୯ ତାରିଖରୁ ଆରମ୍ଭ ହୋଇଛି। ଆସନ୍ତା ୨୧ ତାରିଖ ଅର୍ଥାତ୍ ମାତ୍ର ୧୧ ଦିନ ପରେ ଆବେଦନ ଅବଧି ସରିବ। ମାତ୍ର ୱେବସାଇଟ୍ ମାତ୍ରାଧିକ ଧିମା ହେଉଥିବାରୁ ଆଶାୟୀମାନେ ଆବେଦନ କରିପାରୁ ନାହାନ୍ତି। ଦିନ ସମୟରେ ଆଦୌ ଖୋଲୁ ନ ଥିବାରୁ ଅନେକ ଆଶୟୀ ରାତି ଉଜାଗର ରହି ଆବେଦନ କରୁଛନ୍ତି। ପରୀକ୍ଷା ଫି' ଦାଖଲ ବେଳେ ଭଗବାନଙ୍କୁ ଭରଷା କରିବାକୁ ବାଧ ହେଉଛନ୍ତି। ୱେବସାଇଟ୍ ଧିମା କାରଣରୁ ଅନେକ ସମୟରେ ଆକାଉଣ୍ଟରୁ ଟଙ୍କା କଟିଗଲେ ମଧ୍ୟ ପେମେଣ୍ଟ ଦାଖଲ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ସେହିପରି ଓଏସ୍ଏସ୍ଏସ୍‌ସି ପକ୍ଷରୁ ଆର୍ଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର୍ ସମେତ ବିଭିନ୍ନ ପଦରେ ନିଯୁକ୍ତି ପାଇଁ ଗତ ୭ ତାରିଖରୁ ଆବେଦନ ଆରମ୍ଭ ହୋଇଛି। ମାତ୍ର, ଏହି ୱେବସାଇଟ୍ ମୂଳରୁ ହିଁ ଖୋଲୁ ନଥିବାରୁ ବାରମ୍ବାର ପ୍ରୟାସ ସତ୍ତ୍ୱେ ଆଶାୟୀମାନେ ଆବେଦନ କରିପାରୁ ନାହାନ୍ତି। ପାଖାପାଖି ବର୍ଷେ ପରେ କେବଳ ସ୍ନାତକ ପଢୁଆଙ୍କ ନିଯୁକ୍ତି ବାହାରିଥିବା ବେଳେ ଆବେଦନ ହେଉ ନଥିବାରୁ ଆଶାୟୀମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଆବେଦନ ପ୍ରକ୍ରିୟାକୁ ସ୍ୱାଭାବିକ କରିବା ପାଇଁ ତୁରନ୍ତ ୱେବସାଇଟ୍‌କୁ ଠିକ୍ କରିବା ସହ ଆବେଦନ ଅବଧି ବୃଦ୍ଧି କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

# ଓଡ଼ିଶାର ବିକାଶ ଯାତ୍ରାରେ ସମ୍ବଲପୁର ନୂଆ ଅଧ୍ୟାୟ ଯୋଡ଼ିବ: ମୁଖ୍ୟମନ୍ତ୍ରୀ



ସମ୍ବଲପୁର, ୧୦।୧ (ସମିସ): ସମ୍ବଲପୁରକୁ ଦୁଇଦିନିଆ ଗସ୍ତରେ ଆସି ଆଜି ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁର୍ଲା ପିଏମ୍‌ଶ୍ରୀ ବିଦ୍ୟାଳୟ ପଡ଼ିଆରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୯୪୮ କୋଟି ଟଙ୍କାର ୨୫ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ତନ୍ମଧ୍ୟରେ ୫୭ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ୧୪ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ ୮୯୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ୧୧ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ସଡ଼କ, ସେତୁ ନିର୍ମାଣ, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗୋଦାମ ଗୃହ, ଅଟଳ ବସ୍‌ଷ୍ଟାଣ୍ଡ, ଛାତ୍ରୀନିବାସ, ପର୍ଯ୍ୟଟନ ବିକାଶ, ପାନୀୟ ଜଳ ଭଳି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସାମିଲ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଲେ ଯେ ସମ୍ବଲପୁର ଜିଲ୍ଲାର ବିକାଶ ଯାତ୍ରାରେ ଏସବୁ ପ୍ରକଳ୍ପଗୁଡ଼ିକ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବ। ଏହି ସମସ୍ତ ପ୍ରକଳ୍ପ ସମ୍ବଲପୁର ଜିଲ୍ଲାରେ ବିକାଶର ଏକ ନୂଆଧାରା ସୃଷ୍ଟି କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳଦୁଆ ପକାଇବ। ଆଗାମୀ ଦିନରେ ଏସବୁ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ସହରର ସୌନ୍ଦର୍ଯ୍ୟ ଆହୁରି ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ରାଜ୍ୟର ପ୍ରମୁଖ ଶକ୍ତିପୀଠ ତଥା ଦର୍ଶନୀୟ ସ୍ଥାନ ଭାବେ ମା' ସମଲେଶ୍ୱରୀ ମନ୍ଦିରର ବିକାଶ ପାଇଁ ୩୧୬କୋଟି ଟଙ୍କା ବିନିଯୋଗ ସହ ରିଭର୍‌ଫ୍ରଣ୍ଟ ଡେଭଲପମେଣ୍ଟ କାମ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ମନ୍ଦିର ଚତୁଃପାର୍ଶ୍ୱର କରିଡର ନିର୍ମାଣ, ଗୋପାଳଜିଉ ମଠର ବିକାଶ, ଦୀପ ଘର, ପାର୍କିଂ ସୁବିଧା ସହିତ ରିଭରଫ୍ରଣ୍ଟ ଡେଭଲପମେଣ୍ଟ ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ଭକ୍ତ ନିବାସ, ଲେକ୍ ଜୋନ୍, ଦୋକାନ ଗୃହ, ଫୁଡ ପାର୍କ, ପାର୍କିଂ ଏବଂ ପ୍ରବେଶପଥ ବିକଶିତ କରାଯିବ। ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ କେବଳ ମହାନଦୀ ରିଭରଫ୍ରଣ୍ଟ ଡେଭଲପମେଣ୍ଟ ଯୋଜନାରେ ୧୬୦ କୋଟି ଟଙ୍କା ବିନିଯୋଗରେ ମହାନଦୀ କୂଳର ମନ୍ଦଲିଆରୁ ଚାଉଁରପୁର ପର୍ଯ୍ୟନ୍ତ ବିକାଶ କାମ ହାତକୁ ନିଆଯାଇଛି। ଏଥିରେ ପାର୍କ, ଜିମ୍, ସେଲ୍ଫି ପଏଣ୍ଟ, ସ୍ନାନ ଘାଟ, ଆରତୀ ଘାଟ, ସପିଙ୍ଗ୍ କମ୍ପ୍ଲେକ୍ସ, ଶୌଚାଳୟ ଓ ପାର୍କିଂ ଆଦିର ବିକାଶ କରାଯିବ ବୋଲି ସେ କହିଥିଲେ।

ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଉତ୍ତରାଞ୍ଚଳ ଆରଡିସି ସଚିନ ରାମଚନ୍ଦ୍ର ଯାଧବ, ପୋଲିସ ଆଇଜି ହିମାଂଶୁ ଲାଲ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

**୯୪୮ କୋଟି ଟଙ୍କାର ୨୫ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ**

## ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ପରିଚାଳନାରେ ଅବ୍ୟବସ୍ଥା ଘଟଣା

# ୫୦ ଲକ୍ଷ ଟଙ୍କା ମଞ୍ଜୁର ସହ ଡିପିଆର୍ ବିଚାରାଧୀନ: ଆଇନ ମନ୍ତ୍ରୀ



ବାରିପଦା,୧୦।୧ (ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥ ମନ୍ଦିରରେ ଚାଲିଥିବା ଅର୍ଥାଭାବ ଏବଂ ଅବ୍ୟବସ୍ଥା ଦୂର ହେବ। ଦିନିକିଆ ମୟୂରଭଞ୍ଜ ଗସ୍ତରେ ଆସିଥିବା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏଭଳି ପ୍ରତିଶ୍ରୁତି ଦେଇଛନ୍ତି। ଗୋପବନ୍ଧୁନଗରର ସାଇଁକଳା ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମକୁ ସେ ଆସିଥିବା ବେଳେ ସେବାୟତମାନେ ତାଙ୍କୁ ଭେଟିଥିଲେ। ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ଭୋଗ ଏବଂ ନିତ୍ୟକର୍ମ ପାଇଁ ଅର୍ଥର ଅଭାବ ଦୂର ପାଇଁ ୫୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ବୋଲି ସେ କହିଛନ୍ତି। ତତସହିତ ରଥଯାତ୍ରା ପୂର୍ବରୁ ଆବଶ୍ୟକ ଅର୍ଥ ବ୍ୟବସ୍ଥା କରାଯିବ ଏବଂ ମନ୍ଦିରର ଉନ୍ନତି ପାଇଁ ପ୍ରସ୍ତୁତ ଡିପିଆର ତାଙ୍କ ପାଖରେ ପହଞ୍ଚିଛି। ଖୁବ୍‌ଶୀଘ୍ର ସେ ବାବଦରେ ସ୍ୱତନ୍ତ୍ର ବ୍ୟୟବରାଦ ହେବ ବୋଲି ମନ୍ତ୍ରୀ କହିଛନ୍ତି ବୋଲି ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଠାକୁର ଉପାସରେ ରହିବାର ଓ ମନ୍ଦିରର ପରିଚାଳନାରେ ଗୁରୁତର ତ୍ରୁଟି ଯୋଗୁଁ ସେବାୟତମାନେ ସରକାର ଏବଂ ପ୍ରଶାସନକୁ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରି ଆସୁଥିଲେ।

# ପିଆର୍‌ଏମ୍ ନୂତନ କ୍ୟାମ୍ପସକୁ ଜମି ଅଡୁଆ

ବାରିପଦା,୧୦।୧୧(ସମିସ): ପିଆରଏମ୍ ମେଡିକାଲ କଲେଜ ଓ ହସ୍‌ପିଟାଲ ନୂତନ କ୍ୟାମ୍ପସକୁ ଜମି ଅଡୁଆ। ନିଜସ୍ୱ ନାମରେ ଜମି ନ ଥିବାରୁ ଅଗ୍ନିଶମ ବିଭାଗ ପକ୍ଷରୁ ଏନ୍ଓସି ମିଳିପାରୁନାହିଁ। ଫଳରେ ଜଙ୍ଗଲ ଜମି ବିବାଦ ପାଇଁ ନୂତନ କ୍ୟାମ୍ପସ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେଉଛି।

ମେଡିକାଲ କଲେଜ କ୍ୟାମ୍ପସର ପ୍ରାୟ ୨୪ ହେକ୍ଟର୍ ଜଙ୍ଗଲ ଜମି ରହିଛି। ପୂର୍ବରୁ ସେଠାରେ ଟସର ଚାଷ କରାଯାଉଥିଲା। ୨୦୧୫ରେ ଜମିକୁ କଲେଜକୁ ହସ୍ତାନ୍ତର କରାଯାଇଥିଲା। ସେଠାରେ ଥିବା ୫ଶହ ଗଛ କଟାଯାଇଥିଲା। ତେବେ ଏଠାରେ ଜଙ୍ଗଲ ଆଇନର ଉଲ୍ଲଂଘନ ହୋଇଥିବାରୁ ତତ୍କାଳୀନ ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ୍ ହୋଇଥିଲା। ସେ ବିବାଦ ଏଯାଏଁ ତୁଟି ନଥିବାରୁ ଜାଗା ମେଡିକାଲ କଲେଜ ନାମରେ ହୋଇପାରୁନି। ସେହିପରି ଜାଗା ମେଡିକାଲ କଲେଜ ନାଁରେ ନଥିବାରୁ ଅଗ୍ନିଶମ ବିଭାଗ ହସ୍ପିଟାଲକୁ ଏନ୍ଓସି ଦେଇପାରୁନାହିଁ। ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ନୂତନ କ୍ୟାମ୍ପସକୁ ମେଡିକାଲ କଲେଜ ହସ୍ପିଟାଲ ସ୍ଥାନାନ୍ତର ହୋଇପାରୁନାହିଁ। ଗୋଟିଏପଟେ ରୋଗୀ ହାଉଜାଉ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶଯ୍ୟା ଅଭାବରୁ ରୋଗୀ ଚଟାଣରେ ଗଡୁଥିବା ବେଳେ ମେଡ଼ିକାଲ କଲେଜର ବଡ଼ କୋଠା ଓ ଭିତ୍ତିଭୂମି ରୋଗୀଙ୍କ କାମରେ ଆସିପାରୁନି। ସ୍ୱାସ୍ଥ୍ୟ ଉପକରଣ ସବୁ ବନ୍ଦ ଘରେ ପଡ଼ିରହିଛି।

ଜିଲ୍ଲାବାସୀଙ୍କ ଦୀର୍ଘ ବର୍ଷର ଦାବି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟର ଚତୁର୍ଥ ସରକାରୀ ମେଡିକାଲ କଲେଜ ଭାବେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲ ସ୍ଥାପନ ହୋଇଥିଲା। ବାରିପଦାର ରଙ୍ଗାମାଟିଆଠାରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲର ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ ହସ୍ପିଟାଲ ୨୦୨୪ ମାର୍ଚ୍ଚ ୨ ତାରିଖରେ ଉଦଘାଟିତ ହୋଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନା ତଥା ହସ୍ପିଟାଲର ନୂତନ କ୍ୟାମ୍ପସ ଜିଲ୍ଲାର ଜନସାଧାରଣଙ୍କ ସେବା ନିମନ୍ତେ ଲୋକାର୍ପିତ ହୋଇଥିଲେ ହେଁ ରୋଗୀଙ୍କ କାମରେ ଆସିପାରୁନି। ପୂର୍ବଭଳି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ମେଡ଼ିକାଲ କଲେଜ ଓ ହସ୍ପିଟାଲ ପରିଚାଳିତ ହେଉଥିବାକୁ ବହୁମୁଖୀ ସେବା ଆଶା ମଉଳିଛି। ଗୁରୁତର ରୋଗୀ ପୂର୍ବଭଳି କଟକ ଓ ଭୁବନେଶ୍ୱର ସ୍ଥାନାନ୍ତର ହୋଇ ଅକାଳରେ ପ୍ରାଣ ହରାଉଛନ୍ତି।



୨୦୨୪ ମାର୍ଚ୍ଚ ୨ ତାରିଖରୁ ନୂତନ ହସ୍ପିଟାଲରେ ୪ଟି ବିଭାଗରେ ଓପିଡି ଖୋଲାଯାଇ ରୋଗୀ ସେବା ଆରମ୍ଭ କରାଯାଇଛି। କେବଳ ମାନସିକ ରୋଗ ଚିକିତ୍ସା ବିଭାଗ ସହିତ ନାସା, କର୍ଣ୍ଣ ଓ ଗଳା ଚିକିତ୍ସା, ଚର୍ମରୋଗ ଚିକିତ୍ସା ଓ ମେଡିସିନ ବିଭାଗର ୨୪ ଘଣ୍ଟିଆ ଓପିଡି ଖୋଲା ରହିଛି। ପର୍ଯ୍ୟାୟକ୍ରମେ ଅନ୍ୟ ବିଭାଗ ଜିଲ୍ଲା ମୁଖ୍ୟ ହସ୍ପିଟାଲରୁ ସ୍ଥାନାନ୍ତର ନିଷ୍ପତ୍ତି ହୋଇଥିଲା। ଏବେ ମେଡିକାଲ କଲେଜ ହସ୍ପିଟାଲ ପୂର୍ଣ୍ଣାଙ୍ଗ ରୂପ ନେଇସାରିଛି। ସ୍ୱତନ୍ତ୍ର ବିଭାଗ ସହ ଉଚ୍ଚକୋଟୀର ଆଇସିୟୁ ପ୍ରସ୍ତୁତ ହୋଇରହିଛି। ସମସ୍ତ ଭିତ୍ତିଭୂମି ରହିଛି। ହେଲେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏତେ ସବୁ ଥାଇ ମଧ୍ୟ କାମରେ ଆସୁନି।

ଡାକ୍ତରଖାନା ଠିଆ ହୋଇଥିବା ସ୍ଥାନଟି ଡାକ୍ତରଖାନା ନାଁରେ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଜିଲ୍ଲାବାସୀ। ଜଙ୍ଗଲ ଜମି ବିବାଦ ପାଇଁ ଅକାମୀ ହୋଇପଡ଼ିଛି। ମେଡିକାଲ କଲେଜ କ୍ୟାମ୍ପସର ପ୍ରାୟ ୨୪ ହେକ୍ଟର୍ ଜଙ୍ଗଲ ଜମି ରହିଛି। ପୂର୍ବ ଗଛକଟା ବିବାଦ ତୁଟୁ ନ ଥିବାରୁ ଜାଗା ମେଡିକାଲ କଲେଜ ନାମରେ ହୋଇପାରୁନି। ମେଡିକାଲ କଲେଜ ହସ୍ପିଟାଲର ଅଗ୍ନି ନିରାପତ୍ତା ବ୍ୟବସ୍ଥା ମଧ୍ୟ ହୋଇପାରୁନାହିଁ।

କଲେଜର ଅଧକ୍ଷ ତଥା ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ କହିଛନ୍ତି, ମେଡିକାଲ କଲେଜ ଓ ହସ୍ପିଟାଲ ଜଙ୍ଗଲ ଜମି ବିବାଦର ଆଇନଗତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଉଠାଇଥିବା ପ୍ରଶ୍ନର ବିଧିବଦ୍ଧ ଉତ୍ତର ରଖିଛନ୍ତି ରାଜ୍ୟ ସରକାର। ଓଡ଼ିଶା ବନ ମୁଖ୍ୟାଳୟ ପକ୍ଷରୁ କେନ୍ଦ୍ର ମନ୍ତ୍ରଣାଳୟର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟକୁ ପଠାଯାଇଥିବା ରିପୋର୍ଟରେ ୪ଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ସ୍ପଷ୍ଟୀକରଣ ଦିଆଯାଇଛି। ଖୁବ୍‌ଶୀଘ୍ର ନୂତନ କ୍ୟାମ୍ପସ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

**■ ନିଜ ନାମରେ ଜମି ନ ଥିବାରୁ ମିଳୁନି ଅଗ୍ନିଶମ ଏନ୍ଓସି**
**■ ଜଙ୍ଗଲ ଜମି ବିବାଦ ପାଇଁ ପୂର୍ଣ୍ଣ କାର୍ଯ୍ୟକ୍ଷମରେ ବିଳମ୍ବ**




ଇଲା ପଣ୍ଡା

୨୬ ଅକ୍ଟୋବର ୧୯୩୨ – ୧୧ ଜାନୁଆରୀ ୨୦୦୫

ଅଭୁଲା ସ୍ମୃତି ସହ

ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବୃଜ, କେଜି, ଶୈଫାଳିକା,
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା ଇଲା, ରାଇମାନା
ଲିତିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟ ସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ପା ଗ୍ରୁପ୍

imfa

ଫୋନ: +91 674 2611000 | ଇମେଲ: memoriam@imfa.in

## ନିରବଚ୍ଛିନ୍ନ ପାନୀୟଜଳ ଯୋଗାଣରେ ସରକାର ବିଫଳ

# ବାଲ୍‌ଟି ଓ ଗରା ଧରି ଜାତୀୟ ରାଜପଥ ଅବରୋଧ

ରାଇରଙ୍ଗପୁର, ୧୦।୧(ସମିସ): ଶୀତଋତୁରେ ପାନୀୟଜଳ ସଙ୍କଟ ଦେଖିବାକୁ ମିଳିଛି। ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ବାରମ୍ବାର ଅଭିଯୋଗ ଜଣାଇବା ପରେ ମଧ କୌଣସି ସମାଧାନ ହେଉନି। ଯାହାକୁ ନେଇ ସମସ୍ୟାର ସମାଧାନ ଦାବି କରି ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରି ପାନୀୟଜଳ ଯୋଗାଣ ଦାବି କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକ ଜୋରଦାଠାରେ ୨୨୦ନଂ ଜାତୀୟ ରାଜପଥ ଅବରୋଧ ୬ଟି ଗ୍ରାମର ଗ୍ରାମବାସୀ କରିଥିଲେ।

ଜୋରଦା ପଞ୍ଚାୟତ ଅନ୍ତର୍ଗତ ଜାମୁଡ଼ିହି, ମହୁଲଡିହା, ରାମଜାଲି, ଅଙ୍ଗାରପୋଦା, କାଣ୍ଡସର ଓ ରାହେଳବେଡା ଗ୍ରାମର ଲୋକେ ପାନୀୟଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ୧୦୦୦ରୁ ଅଧିକ ବାସିନ୍ଦାଙ୍କ ପାଇଁ ସରକାର ବସୁଧା ଯୋଜନାରେ ପାଣିର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଦୁଇବର୍ଷ ହେଲା ନିୟମିତ ପାନୀୟଜଳ ମିଳିପାରୁନାହିଁ। ସମୟକ୍ରମେ



ଘର ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଗୋଟିଏ ପମ୍ପ ହାଉସ ଯୋଗେ ଏତେ ଘରକୁ ପାଣି ଯୋଗାଇବା ଅସମ୍ଭବ ହେଉଛି। ଏଥିପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ପରେ ମଧ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ଯାହାକୁ ନେଇ ୬ଟି ଗ୍ରାମର ମହିଳା ଓ ପୁରୁଷ ଉତ୍ତ୍ୟକ୍ତ ହୋଇ ଶନିବାର ପୂର୍ବାହ୍ନରେ ୨୨୦ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଆଗକୁ ଖରାଦିନ ଆସୁଥିବାରୁ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରି ଏହାର ସ୍ଥାୟୀ ସମାଧାନ ନିମନ୍ତେ ଦାବି କରିଛନ୍ତି। ଅନେକ ସମୟ ଧରି ରାଜପଥ ଅବରୋଧ ଯୋଗୁଁ ଶହ ଶହ ଗାଡ଼ି ଉଭୟ ପାର୍ଶ୍ୱରେ ଅଟକି ରହିଥିଲେ। ଘଟଣାସ୍ଥଳରେ ପୁଲିସ ଓ ବ୍ଲକ ଅଧିକାରୀ ପହଞ୍ଚି ବହୁ ବୁଝାସୁଝା ପରେ ସମସ୍ୟା ସମାଧାନ ହୋଇଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଯଦ୍ୱାରା ଦୀର୍ଘ ୩ ଘଣ୍ଟା ପରେ ରାସ୍ତାରୋକରୁ ଉତ୍ତ୍ୟକ୍ତ ଲୋକେ ଓହରିଥିଲେ। ତେବେ ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ମନରେଗା ନାମ ପରିବର୍ତ୍ତନ, ଟାଟା ପାୱାରର ଶୋଷଣ ଓ କୃଷକ ସମସ୍ୟା ନେଇ ବର୍ଷିଲା କଂଗ୍ରେସ




ବାରିପଦା, ୧୦।୧(ସମିସ): ଶନିବାର ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି(ପୂର୍ବ)ର ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିସି ପର୍ଯ୍ୟବେକ୍ଷକ ଡ. ଦେବାଶିଷ ଭୂୟାଁ ଯୋଗଦେଇ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମରେ କଂଗ୍ରେସ ସରକାର ସମୟରେ ପ୍ରଣୟନ କରିଥିବା ମନରେଗା ଯୋଜନାର ନାମ ଉଦ୍ଦେଶ୍ୟମୂଳକ ଭାବେ ପରିବର୍ତ୍ତନ କରି ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଦ୍ୱିତୀୟ ଥର ହତ୍ୟା କରିଛି ବିଜେପି ସରକାର ବୋଲି କହିଛନ୍ତି। ତତସହିତ ମୟୂରଭଞ୍ଜ ଜିଲ୍ଲାର ଧାନ ମଣ୍ଡିରେ କୃଷକ ମାନେ ନାନା ସମସ୍ୟାରେ ବର୍ଷିଥିଲେ। ମିଥ୍ୟା ପ୍ରତିଶ୍ରୁତି ଦେଇ ଜିତିଥିବା ଲୋକଙ୍କ ସରକାର ଆଜି ପୁଞ୍ଜିପତିଙ୍କ ସରକାରରେ ପରିଣତ ହୋଇଛି। ବିଜେପି ସରକାରର ୩୦୦ ୟୁନିଟ ବିଜୁଳି ମାଗଣା ପ୍ରତିଶ୍ରୁତି ଦୂରରେ ଥାଉ ଟାଟା ପାୱାର କମ୍ପାନୀ ସାଧାରଣ ବିଦ୍ୟୁତ ଉପଭୋକ୍ତାଙ୍କୁ ଶୋଷଣ ବ୍ରିଟିଶ ଶାସନଠାରୁ ବଳିଯାଇଛି। ଆଗାମୀ ଦିନରେ କଂଗ୍ରେସ ଦଳ ପଞ୍ଚାୟତ ସ୍ତରରୁ ରାଜ୍ୟ ପର୍ଯ୍ୟନ୍ତ ଆନ୍ଦୋଳନ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସଦସ୍ୟ ନାରାୟଣ ପଟ୍ଟନାୟକ, ଏସଟି ସେଲ ରାଜ୍ୟ ଉପାଧ୍ୟକ୍ଷ ଚୈତନ୍ୟ ହାଁସଦା, କୃଷକ ସେଲ ସଭାପତି ଦୀପକ ଦାଶ ଓ ଶାନ୍ତନୁ ପାଲ ଯୋଗଦେଇ ନିଜ ନିଜ ବକ୍ତବ୍ୟରେ ଏଗାର ବର୍ଷର ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ।

## କୁମ୍ଭୀରାହୁଡ଼ି ମେଳା ପ୍ରସ୍ତୁତି ବୈଠକ

କୁଆମରା, ୧୦।୧(ସମିସ): ଗୋପବନ୍ଧୁନଗର ବ୍ଲକ କୁଣ୍ଡବେଡା ପଞ୍ଚାୟତସ୍ଥ କୁମ୍ଭୀରାହୁଡ଼ି ମେଳା ଆସନ୍ତା ୧୫ ତାରିଖରେ ଆରମ୍ଭ ହେବ। ଏ ଅବସରରେ ସପ୍ତାହ ଧରି ପର୍ବତ ପାଦଦେଶରେ ବିଭିନ୍ନ ଦେବାଦେବୀ ପୂଜା ପାଇବେ। ହଜାର ହଜାର ସଂଖ୍ୟାରେ ଲୋକଙ୍କ ସମାଗମ ରହିବ। ଏ ନେଇ ବ୍ଲକ ସଭା ଗୃହରେ ବିଡିଓ ପୁଷ୍ପାରାଜ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତହସିଲଦାର ଓମ୍‌ପ୍ରକାଶ ମହାନ୍ତିଙ୍କ ସମେତ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ଅଗ୍ନିଶମ ବିଭାଗ, ବନ ବିଭାଗ, ବିଦ୍ୟୁତ ବିଭାଗ, ଜଳ ପରିମଳ ବିଭାଗ ଅଧିକାରୀ, ସରପଞ୍ଚ ଦୀପାଳି ସିଂ, ମେଳା କମିଟି ସଭାପତି ହରିମୋହନ ସିଂ, ସମ୍ପାଦକ ଭଗବାନ ସିଂ ପ୍ରମୁଖ ଯୋଗ ଦେଇ ମେଳା ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## ଶତାୟୁ ମହିଳାଙ୍କ ପରଲୋକ



କୁଳିଅଣା, ୧୦।୧(ସମିସ): କୁଳିଅଣା ବ୍ଲକ ଚାନ୍ଦୁଆର 'ସକାଳ' ଖବରକାଗଜ ପ୍ରତିନିଧି ମନୋରଞ୍ଜନ ପରିଡ଼ାଙ୍କ ଜେଜେ ମାଆ ନିଶାମଣି ପରିଡ଼ାଙ୍କ ୧୦୭ ବର୍ଷରେ ପରଲୋକ ହୋଇଯାଇଛି। ତାଙ୍କର ଏକପୁତ୍ର ସମେତ ୨ ଝିଅ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ଜଣେ ପୁଅ, ଜଣେ ଝିଅ ଆଗପାରିକୁ ଚାଲିଯାଇଛନ୍ତି। ସେ ଜଣେ ଉଚ୍ଚଶିକ୍ଷିତ ମହିଳା ସହିତ ସମାଜସେବୀ ସହିତ ମିଷ୍ଟଭାଷୀ, ମେଳାପି ମହିଳା ଥିଲେ। ଆଜି ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଶେଷକୃତ୍ୟ କରାଯାଇଛି। ଏ ଅବସରରେ ହଜାର ହଜାର ଲୋକ ଉପସ୍ଥିତ ଥିଲେ।

## ବନ ବିଭାଗ ଦ୍ୱାରା ସମ୍ବର ଉଦ୍ଧାର

କୁଆମରା, ୧୦।୧(ସମିସ): ଉଦଳା ରେଞ୍ଜ ଅଧୀନ ଖୁଣ୍ଟା ବ୍ଲକ କରକଚିଆ ପଞ୍ଚାୟତର ମାନ୍ଦୁଡ଼ିଆଠାରେ ଏକ ସମ୍ବର ଉଦ୍ଧାର ହୋଇଛି। ସମ୍ବରର ବୟସ ୮ରୁ ୧୦ ବର୍ଷ ହୋଇଥିବା ବନ ବିଭାଗ ଅନୁମାନ କରିଛି। ଉକ୍ତ ସମ୍ବରଟି ଗ୍ରାମ ଭିତରକୁ ହଠାତ୍ ପଶି ଆସିବା ପରେ ଗ୍ରାମ ଲୋକେ ଗୋଡାଇବାରୁ ଜୀବନ ବିକଳରେ ପ୍ରାଣ ବଞ୍ଚାଇବାକୁ ଯାଇ ସ୍ଥାନୀୟ ଏକ କେନାଲ ନିକଟରେ ପଡ଼ିଯାଇଥିଲା। ଗ୍ରାମ ଲୋକେ କୌଣସିକ୍ରମେ ସମ୍ବରକୁ ଘେରି ରହିଥିଲେ। ଖବର ପାଇ ଉଦଳା ରେଞ୍ଜର ସୁଶାନ୍ତ ବାଗ ସଦଳବଳେ ପହଞ୍ଚି ଉଦ୍ଧାର କରିଛନ୍ତି। ସମ୍ପ୍ରତି ସୁସ୍ଥ କି ଅସୁସ୍ଥ ତାହା ଜଣାପଡ଼ି ନ ଥିବାବେଳେ ଡାକ୍ତରଙ୍କ ପରୀକ୍ଷା ପରେ ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ଛଡ଼ାଯିବ ବୋଲି ଶ୍ରୀ ବାଗ୍ କହିଛନ୍ତି।

## ସହିଦ ଭବନର ନବୀକରଣ ଦାବି

# ଜିଲ୍ଲାପାଳଙ୍କୁ ଭେଟିଲେ ବାରିପଦା କଳାକାର ପରିବାର

ବାରିପଦା, ୧୦।୧(ସମିସ): କଳା ସଂସ୍କୃତିର ପୀଠ ମୟୂରଭଞ୍ଜ ହୋଇଥିବାବେଳେ ବାରିପଦା ସହିଦ ଭବନରେ ବର୍ଷ ତମାମ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ମାତ୍ର ସ୍ଥାନୀୟ ସହିଦ ଭବନରେ ଅତ୍ୟାଧୁନିକ ଆଲୋକ ଓ ଶବ୍ଦର ବ୍ୟବସ୍ଥା ନ ଥିବାରୁ କାର୍ଯ୍ୟକ୍ରମ ପରିବେଷଣରେ ଆୟୋଜକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ନାଟକ ମଞ୍ଚସ୍ଥ କରିବା ପାଇଁ ଏହା ଅଧିକ ବ୍ୟୟବହୁଳ ହୋଇଥାଏ। ଅନେକ ନାଟ୍ୟ ଅନୁଷ୍ଠାନ ରାଜ୍ୟ ଓ ଜାତୀୟସ୍ତରୀୟ ନାଟକ ମହୋତ୍ସବର ଆୟୋଜନ କରିବା ପାଇଁ ଚାହୁଁଥିଲେ ହେଁ ଆଲୋକ ଓ ଶବ୍ଦର ସୁବ୍ୟବସ୍ଥା ନ ଥିବାରୁ କରିପାରୁନାହାନ୍ତି। ଏହି ଅସୁବିଧା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନ ମଧ୍ୟ ବାର୍ଷିକ ଉତ୍ସବ ପାଳନ କରିପାରୁନାହାନ୍ତି। ତେଣୁ ସହିଦ ଭବନରେ ଅତ୍ୟାଧୁନିକ ଆଲୋକ ଓ ଶବ୍ଦର ବ୍ୟବସ୍ଥା ସହ ନବୀକରଣ କରିବା ପାଇଁ ବାରିପଦା କଳାକାର ପରିବାରର ସଭାପତି ସନ୍ତୋଷ ମହାନ୍ତିଙ୍କ ନେତୃତ୍ୱରେ ସମ୍ପାଦକ ସ୍ୱାଗରଞ୍ଜନ ପଣ୍ଡାଙ୍କ ସମେତ ପ୍ରସନ୍ନ ମହାନ୍ତି, ଅନନ୍ତ ଶଙ୍କର ଦାଶ, ଡଃ କୁମରମଣି ନାୟକ, ରାଜୀବ ପାତ୍ର, ଡଃ ଗୋକୁଳ ଦାସ, ସୋମନାଥ ସିଂହ ପ୍ରମୁଖ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ଓ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମସ୍ୟାର ସମାଧାନ ପାଇଁ ଉଚିତ ପଦକ୍ଷେପ ନେବେ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।



# ମାର୍ଚ୍ଚ ୧୫ରୁ ପ୍ରଥମ ସର୍ବଭାରତୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ କପ୍ କ୍ରିକେଟ୍

ବାରିପଦା, ୧୦।୧(ସମିସ): ସ୍ଥାନୀୟ ବାରିପଦା ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେ ପ୍ରଥମ ବାର୍ଷିକ ସର୍ବଭାରତୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ମହୋତ୍ସବ କମିଟି ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଏହି ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମୟୂରଭଞ୍ଜର ୨ଟି ଦଳ ସମେତ ରାଜ୍ୟ ଓ ରାଜ୍ୟ ବାହାରର ୧୬ଟି ଦଳକୁ ନେଇ ଟ୍ୱେଣ୍ଟି-୨୦ ଫର୍ମାଟରେ ଖେଳ ହେବ ବୋଲି ବୈଠକରେ ସ୍ଥିର କରାଗଲା। ଚାମ୍ପିଅନ ଦଳକୁ ୫ ଲକ୍ଷ ଓ ରନର୍ସଅପ



ଦଳକୁ ୩ ଲକ୍ଷ ପୁରସ୍କାର ରାଶି ଓ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବାର ସ୍ଥିର ହେଲା। ମୟୂରଭଞ୍ଜ ମହୋତ୍ସବ କମିଟି ଅଧ୍ୟକ୍ଷ ଅସିତ ପତିଙ୍କ ସଭାପତିତ୍ୱରେ ବୈଠକରେ ସଭାପତି ତଥା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ସଞ୍ଜୀବ ଦ୍ୱିବେଦୀ, ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା, ଉପସଭାପତି ସଞ୍ଜୀବ ରାଉତ, ସାଂଗଠନିକ ସମ୍ପାଦକ ବିପ୍ଳବ ଭଞ୍ଜନ ବୁଗୁଡେଇ, ସମ୍ପାଦକ ତାପସ ପାଢ଼ୀ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଉପସଭାପତି ମନୋଜ ସାଓ, ସାଧାରଣ ସମ୍ପାଦକ ବିଜୟଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ଫୁଟବଲ ସମ୍ପାଦକ ଅମର ସେଠୀ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି, ଆଥଲେଟିକ ସମ୍ପାଦକ ଅମ୍ବିକା ରାଉତ, ବରିଷ୍ଠ ଖେଳାଳି ସୁନୀଲ ଜେନା, ସଞ୍ଜୟ ମାଇତି, ପଵନ ଅଗ୍ରୱାଲା, ଲଲାଟେନ୍ଦୁ ବେହେରା, ଦେବୀଦତ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ


ବାରିପଦା, ୧୦।୧(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଉମଙ୍ଗ' ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି କୃତୀ ଛାତ୍ରଛାତ୍ରୀଙ୍କୁ



ପୁରସ୍କୃତ କରିବା ସହ ବିଦ୍ୟାଳୟର ପ୍ରଗତି କ୍ଷେତ୍ରରେ ଶିକ୍ଷକ /ଶିକ୍ଷୟିତ୍ରୀଙ୍କ ଅବଦାନ ପାଇଁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ନିମନ୍ତ୍ରିତ ଅତିଥି ଭାବେ ରଞ୍ଜନ ବାନାର୍ଜୀ ଯୋଗ ଦେଇଥିଲେ। ଶେଷ ପର୍ଯ୍ୟାୟରେ ରାଜ୍ୟସଭା ସାଂସଦ ମମତା ମହାନ୍ତ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଶିକ୍ଷକ ଓ ପିତାମାତାଙ୍କ ପ୍ରମୁଖ ଭୂମିକା ଥିବା ପ୍ରକାଶ କରିଥିଲେ। ୧୩୩ ଥର ରକ୍ତଦାନ କରିଥିବା ସମାଜସେବୀ ଡଃ ନିରୋଜ ପୋଥାଳ ଭବିଷ୍ୟତରେ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ରକ୍ତଦାନ କରିବାକୁ ଉତ୍ସାହିତ କରିଥିଲେ।

ପ୍ରଧାନଶିକ୍ଷକ ସୌମ୍ୟ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବାରିପଦା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଏବିଇଓ ତପସ୍ୱିନୀ ଦାଶ, ସେକ୍ସନ ଅଫିସର ସତ୍ୟନାରାୟଣ ଦାସ, ସିଆରସିସି ଧନଞ୍ଜୟ ସାହୁ, ପରିଚାଳନା କମିଟି ସଭାପତି ଚୁମକି ବେହେରା, ବରିଷ୍ଠ ଶିକ୍ଷାବିତ ନବକିଶୋର ପାଲବାବୁ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ଗଣେଶ ବେହେରା ମଞ୍ଚ ପରିଚାଳନା କରିଥିଲେ। ଦୀପକ କୁଁଅର, ମହାବୀର ପାତ୍ର, ବିଷ୍ଣୁପଦ ମହାନ୍ତ, ସାଇ ସମ୍ଭବ ରାଉତ, ଦେବାଶିଷ ଗିରି, ପ୍ରିୟରାଣୀ ବେହେରା, ଦେବସ୍ମିତା ସାବତ, ଚରଣ ବେଶ୍ରା, ଈଶ୍ୱର ବିନ୍ଧାଣି, ଗାଜ ଟୁଡୁ, ନିମାଇଁ ମୁର୍ମୁଙ୍କ ସମେତ ୧୦୦ରୁ ଅଧିକ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ସୁମିତ୍ରା ରାଉତ, ସରୋଜ ସାବତ, ଗୌତମ ପଣ୍ଡା, ହରପ୍ରିୟା ବେହେରା ପ୍ରମୁଖ ସହଯୋଗ କରିଥିଲେ।

**ଶୁଳିଆପଦା:** ସ୍ଥାନୀୟ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ତହସିଲଦାର ନାରାଣ ହେମ୍ବ୍ରମ, ମୁଖ୍ୟବକ୍ତା ଭାବେ ଶୁଳିଆପଦା ଗୋଷ୍ଠୀ ସାଧନ କେନ୍ଦ୍ର ଏବିଇଓ/ସିଆରସିସି ସରୋଜ ସାହୁ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରାଇମାତ ମୁର୍ମୁ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସତ୍ୟନାରାୟଣ ରାଜ୍ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ଦିଗରେ ଶିକ୍ଷାର ଆବଶ୍ୟକତା ବାବଦରେ ଉଦବୋଧନ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ କାଳୀଶଙ୍କର ଦାସ ଓ ୱାର୍ଡେନ୍ ସୁମତୀ ସୋରେନ୍ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଙ୍କ ଦ୍ୱାରା ନାଚ, ଗୀତର କାର୍ଯ୍ୟକ୍ରମ 'ରଙ୍ଗୋଲୀ' ଆୟୋଜନ ହୋଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ୱାର୍ଡେନ୍ ଶ୍ରୀମତୀ ସୋରେନ୍



ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ବାରିକ, ଅହଲ୍ୟା ସାହୁ, ଜୟନ୍ତୀ ମହାନ୍ତ, ସୁଶୀଳା ଜେନା, ଦମୟନ୍ତୀ ମହାନ୍ତ, ଲକ୍ଷ୍ମୀମଣୀ ନାଏକ, ଶିକ୍ଷକ ଗୌରାଙ୍ଗ ଦାସ, ସୁରେଶ ମହାନ୍ତ, ଭାରତୀ ଟୁଡୁ, ସବିତା ମହାନ୍ତ, ମମତା ତୁଙ୍ଗ ପ୍ରମୁଖ ସହଯୋଗ କରିଥିଲେ।

**ପୁରୁଣିଆ:** ସ୍ଥାନୀୟ ରାଧାକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରବୀନ୍ଦ୍ର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଅଭୟ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡକ୍ଟର ହରପ୍ରସାଦ ପାଳ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକା ତୃପ୍ତି ପଟ୍ଟନାୟକ, ପରିଚାଳନା କମିଟି ସଭ୍ୟ ରାଧାମୋହନ ସେଠୀ ଓ ହରେକୃଷ୍ଣ ଦାସ, ଗ୍ରାମବାସୀ ନନ୍ଦକିଶୋର ଦାସ, ପୂର୍ବତନ କ୍ରୀଡ଼ା ଶିକ୍ଷକ ହରିଶ୍ଚନ୍ଦ୍ର ଭୋଇ ଓ ଶିକ୍ଷକ କାର୍ତ୍ତିକ ଦାସ ଯୋଗ ଦେଇଥିଲେ। ସଭାପତି ତଥା ପ୍ରଧାନଶିକ୍ଷକ ଶ୍ରୀ ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ବୋର୍ଡ଼ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ସ୍ୱାଗତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା କ୍ଷୁଦ୍ର ନାଟକ 'ସ୍ୱାତୀ' ପରିବେଷଣ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ରାଜେଶ ବେହେରା ମଞ୍ଚ ପରିଚାଳନା କରିଥିଲେ।

**ଖୁଣ୍ଟିଂ:** ଶୁକୃଳି ପଞ୍ଚାୟତ ସମିତି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶରତ ଘଣାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଶୁକୃଳି ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ କ୍ଷୀରମଣି ମହାନ୍ତ, ସମ୍ମାନିତ ଅତିଥି ଭାବେ ରରୁଆଁ ବ୍ଲକର ସମାଜସେବୀ ଦେବମିତ୍ର ଆନନ୍ଦ ପାଣିଗ୍ରାହୀ, ରଘୁନାଥ ବିଦ୍ୟାପୀଠ ଟାଙ୍ଗିଆର ପ୍ରଧାନଶିକ୍ଷକ ଭଗବାନ ତୁଙ୍ଗ, ପ୍ରାକ୍ତନ ପ୍ରଧାନଶିକ୍ଷକ ମନ୍ମଥ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଶ୍ରୀମତୀ ସୁଲୋଚନା ନାଏକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ବୀଣାପାଣି ଖୁଣ୍ଟିଆ, ଜ୍ୟୋତ୍ସ୍ନାମୟୀ ପାତ୍ର, ସସ୍ମିତା ସାହୁ, କଳ୍ପନା ହେମ୍ବ୍ରମ, ରୋହିତ ମହାନ୍ତ, କୁମାର ସିଂ ତିରିଆ ପ୍ରମୁଖ ସହଯୋଗ କରିଥିଲେ। ପରେ ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କ୍ରୀଡ଼ା ଓ କଳା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ଦେବବ୍ରତ ମହାପାତ୍ର, ଶିକ୍ଷୟିତ୍ରୀ ସସ୍ମିତା ଦାସ, ସସ୍ମିତା ଟୁଡୁ ଓ ଲୁବନା ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଶିକ୍ଷକ ବିଦ୍ୟାରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ବେତନଟୀ:** ବେତନଟୀ ବ୍ଲକ ଅନ୍ତର୍ଗତ ଧନପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବେତନଟୀ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କର ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନମିତା ମାଝୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଶାଳବଣି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଉପେନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ନହଣ୍ଡାଶୋଳ ସରପଞ୍ଚ ଗୋବିନ୍ଦ ହାଁସଦା, ବେତନଟୀ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀମତୀ ଅପର୍ଣ୍ଣା ସାହୁ, ଆଞ୍ଚଳିକ ସାଧନ କର୍ମୀ ସଞ୍ଜୟ ପଣ୍ଡିତ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ କରୁଣାକର ନାୟକ ମେମୋରିଆଲ ଫାଉଣ୍ଡେସନ ପକ୍ଷରୁ ଶ୍ରୀମତୀ କିରଣବାଳା ନାୟକ ତୃତୀୟ, ପଞ୍ଚମ ଓ ଅଷ୍ଟମ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରିଥିଲେ। ପରିଚାଳନା କମିଟି ସଭାପତି ଭବାନୀ ଶଙ୍କର ମହାନ୍ତଙ୍କ ସମେତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ କମଳାକାନ୍ତ ସିଂ, ସ୍ୱାଗତିକା ରାଉତ, ସୁବୋଧ ସିଂ, ନରେନ୍ଦ୍ର ମହାନ୍ତ, ଆକାଶ ମହାନ୍ତ, କ୍ରୀଡ଼ା ଶିକ୍ଷକ ମନୋଜ କ୍ରିଷ୍ଣା ସାହୁ, ନୃତ୍ୟ ଶିକ୍ଷକ କେଶବ ମହାନ୍ତ ସହଯୋଗ କରିଥିଲେ।

**ମହୁଲଡିହା:** ଠାକୁରମୁଣ୍ଡା ନିକଟସ୍ଥ ଚମକପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଇଓ କୁଞ୍ଜବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ବିଶିଷ୍ଟ ଅତିଥି ଭାବେ ପିଏ ଆଇଟିଡିଏ ଚିତ୍ତରଞ୍ଜନ ମହାନ୍ତ, ମୁଖ୍ୟବକ୍ତା ଭାବେ କାଦଡିହା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ଭାଗବତ ଲେଙ୍କା, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବ୍ ସଭାପତି ଶରତ ତ୍ରିପାଠୀ, ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ଆଲୋକ ମାଝୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ଦାସ, ସମାଜସେବୀ ପଦ୍ମଲୋଚନ ନନ୍ଦ, ଠାକୁରମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ, ଠାକୁରମୁଣ୍ଡା ସରପଞ୍ଚ ସୁଜିତ ଲୁଗୁନ, ଅବସରପ୍ରାପ୍ତ ବିଇଓ ଭାଗ୍ୟରଥୀ ମହାନ୍ତି, ସ୍କୁଲ ପରିଚାଳନା କମିଟି ସଭାପତି ଲାଲମୋହନ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠୀ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଅନସୂୟା ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଚକ୍ରଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ରାଜେଶ ସାହୁ, ଲଳିତା ମହାନ୍ତ, ଦୁର୍ଯ୍ୟୋଧନ ମାରାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।


**ବଡ଼ସାହି:** ବୀରେଶ୍ୱରପୁର ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦିଲ୍ଲୀପ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ, ମୁଖ୍ୟବକ୍ତା ପୂର୍ବତନ ପ୍ରଧାନଶିକ୍ଷକ ସନ୍ତୋଷ କାସ୍ତ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଜ୍ଞାନ ଶିକ୍ଷକ ବସନ୍ତ ଦତ୍ତ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଫଳ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପୂର୍ବାହ୍ନର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଷ୍ଟାର ପୂର୍ବତନ ଜିଲ୍ଲା ସଭାପତି ସନ୍ତୋଷ କାସ୍ତ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ରାଧାମୋହନ ଖିଲାର, ସମ୍ମାନିତ ଅତିଥି ଭାବେ କମିଟି ସଦସ୍ୟ ପ୍ରଦୀପ ପଣ୍ଡା, ବିଶ୍ୱନାଥ ଆଚାର୍ଯ୍ୟ ଓ ସମିତି ସଭ୍ୟା ରୁଚି ରଞ୍ଜନା ଆଚାର୍ଯ୍ୟ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ନନ୍ଦିନୀ ବେହେରା ବିବରଣୀ ପାଠ କରିଥିଲେ। ବିଜ୍ଞାନ ଶିକ୍ଷକ ଜଗନ୍ନାଥ ସାହୁ ମ୍ୟାଜିକ ଶୋ ପ୍ରଦର୍ଶନ କରିଥିଲେ। ବାଣୀବନ୍ଦନା ନାଏକ ଓ ବ୍ୟୋମକେଶ ଦାସ ସ୍ୱାଗତ ଭାଷଣ, ଦେବଶ୍ରୀ ବେହେରା ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଦୀପ୍ତି ବେହେରା, ନିଶା ଦେ, ଶିକ୍ଷକ କମଲ ପାତ୍ର, ଅର୍ଜୁନ ନାଏକ, ଅଭିଷେକ ଦଣ୍ଡପାଟ, ଆଶିଷ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

**କୁଳିଅଣା:** କୁଳିଅଣା ବ୍ଲକସ୍ଥ ଚାନ୍ଦୁଆ କେଜି ଭିବି ବିଦ୍ୟାଳୟରେରେ ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟିକା ସଞ୍ଜଲି ମୁର୍ମୁ ଯୋଗ ଦେଇଥିବାବେଳେ ବ୍ଲକ ଶିକ୍ଷାଧିକାରୀ ରଶ୍ମିରଞ୍ଜନ ଗିରି ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଜିତେନ୍ଦ୍ର ମୁର୍ମୁ, ଅବସରପ୍ରାପ୍ତ ଏବିଓ ଶ୍ୟାମା ଶଙ୍କର ଶତପଥୀ, ୮ନଂ ଓ ୯ନଂ ଜୋନ ସଦସ୍ୟ ଦୁର୍ଗା ମାର୍ଣ୍ଡି ଓ ଆନନ୍ଦ ଟୁଡୁ, ପଞ୍ଚାୟତ ସମିତି ସଭ୍ୟ ପ୍ରଦୀପ ସିଂ, ଶିକ୍ଷକ ନେତା ଦିଲ୍ଲୀପ ପାତ୍ର, ଅମୀୟ ସାହୁ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧା ଶିକ୍ଷୟିତ୍ରୀ ଆରକ୍ଷୁମଣି ବାସ୍କେ ମଞ୍ଚ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଶିରିଶ ଚନ୍ଦ୍ର ମହାନ୍ତ, ଶିକ୍ଷୟିତ୍ରୀ ସସ୍ମିତା ପାତ୍ର, ପୁଷ୍ପିତା ଷଡ଼ଙ୍ଗୀ, ରୀନାରାଣୀ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶୀତକାଳୀନ ସେବା ଶିବିର

ବାରିପଦା, ୧୦।୧(ସମିସ): ସ୍ଥାନୀୟ ତକତପୁର ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍‌ର ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧୀକାରୀ ଡଃ ଅନାମ ଚରଣ ରାଉଳଙ୍କ ତତ୍ତ୍ୱାବଧାନ ଓ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଉଦଘାଟିତ ହୋଇଛି। ଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ଡଃ ବସନ୍ତ ମହାନ୍ତ ଯୋଗଦେଇ ଜାତୀୟ ସେବା ଯୋଜନାର ଗୁରୁତ୍ୱ ବିଷୟରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡଃ ଆଲବର୍ଟିନା ତିର୍କୀ, ଡଃ ଦୀପକ ବେହେରା, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡଃ ପ୍ରିୟବ୍ରତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ଶୁଭଲକ୍ଷ୍ମୀ ମାରାଣ୍ଡି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡଃ ପ୍ରିୟବ୍ରତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଗଣପତି ସାହୁ
(ବିଶିଷ୍ଟ ସମାଜସେବୀ ତଥା ତାରାତାରିଣୀ ରାଇସ ମିଲ ମାଲିକ)
ଆବିର୍ଭାବ: ୧୯୪୧
ତିରୋଧାନ: ୩୧.୧୨.୨୦୨୫

(ରଘୁନାଥ ପୁର, ମେଇନ ରୋଡ଼, ଜାତୀୟ ରାଜପଥ ୧୬ ନମ୍ବର, ନରେନ୍ଦ୍ର ପୁର ଗ୍ରାମ ପଞ୍ଚାୟତ, ଛତ୍ରପୁର ବ୍ଲକ)

କୁହନ୍ତି ପିତା, ସ୍ୱର୍ଗ ହେଲେ, ତୁମେ ସ୍ୱର୍ଗଠୁ ବି ବଡ। ତୁମର ନୀତି ଆଦର୍ଶ ଆମମାନଙ୍କ ପରିଚୟ। ଆର ପାରିରେ ରହି ତୁମେ ଆମକୁ ସାହସ ଧୈର୍ଯ୍ୟ ଏବଂ ଆଶିର୍ବାଦ ଦେଉଥିବ। ଏହା ଆଶା। ଯେଉଁଠି ବି ଥାଅ, ତୁମର ଆତ୍ମା ସଦଗତି କାମ କରି ପ୍ରଭୁ ଜଗନ୍ନାଥଙ୍କ ନିକଟ ପ୍ରାର୍ଥନା।

ଶୋକ ସନ୍ତପ୍ତ: ସାହୁ ପରିବାର

ଧର୍ମ ପତ୍ନୀ: ସରସ୍ୱତୀ, ପୁତ୍ର: ସୂର୍ଯ୍ୟ ନାରାୟଣ, ମହେନ୍ଦ୍ର, ବୋହୂ: ନିରାଜା, ତନୁଜା, ଝିଅ: ପ୍ରମିଳା, ଧରିତ୍ରୀ, ରେଣୁ ବାଲା, ଜ୍ୱାଇଁ: ଯୁଧିଷ୍ଠିର, ଭୀମସେନ, ଅରୁଣ ଏବଂ ନାତିନାତୁଣୀ: ଟିକି, ଟିଙ୍କୁ, ବନି, ଶନି, ସନତ,ଚିଣ୍ଟୁ, ଓମ୍, ପ୍ରେମ, ଅସ୍ମିତ, ଅନସୁ, ପିଙ୍କୁ ଓ ପରିବାର ବନ୍ଧୁ ବର୍ଗ, ସାଙ୍ଗ ସାଥୀ ଗ୍ରାମବାସୀ ବୃନ୍ଦ।

### ମଣ୍ଡିରେ ଶୀତ କାକରରେ ପଡ଼ିଛନ୍ତି ଚାଷୀ

# ସନ୍ଧ୍ୟା ୫ ସୁଦ୍ଧା କିଣାଯାଇନି ଧାନ, ଚାଷୀଙ୍କ ଅସନ୍ତୋଷ

**କରଞ୍ଜିଆ, ୧୦।୧(ସମିସ)**



ଆଜି କରଞ୍ଜିଆ ବ୍ଲକର ଧାନ କିଣା ଦିବସ ଥିଲା। ଏଥିପାଇଁ କରଞ୍ଜିଆ ଲ୍ୟାମ୍ପସ ପକ୍ଷରୁ ସମସ୍ତ ଆୟୋଜନ ହୋଇଥିଲା। ଚାଷୀଙ୍କୁ ଫୋନ୍ ଯୋଗେ ଖବର ମଧ୍ୟ ଦିଆଯାଇଥିଲା। ଚାଷୀ ଧାନ ବିକ୍ରୟ ପାଇଁ ଟୋକନ ଧରି କରଞ୍ଜିଆ ଲ୍ୟାମ୍ପସର ଧାନମଣ୍ଡି (ଆରଏମସି) ଗୋଦାମକୁ ଆସିଥିଲେ। ମହିଳା ସମେତ ପ୍ରାୟ ୩୦ ଜଣ ଚାଷୀ ସକାଳୁ ଟ୍ରକ, ଟ୍ରାକ୍ଟର ଧରି ଧାନ ବିକିବାକୁ ଆସିଥିଲେ। ଆଜି ପ୍ରାୟ ୧୦୦୦ କ୍ୱିଣ୍ଟାଲ ଧାନ କିଣିବାକୁ ଧାର୍ଯ୍ୟ ହୋଇଥିଲା। ଚାଷୀ ସକାଳୁ ନିଜ ନିଜ ଧାନ ସବୁ ବସ୍ତାରେ ପୂରାଇ ଧାନ ବିକିବାକୁ ଅପେକ୍ଷା କରିଥିଲେ। ସକାଳ ଯାଇ ସନ୍ଧ୍ୟା ହେଲା ଧାନ କିଣିବା ପାଇଁ ମିଲର ଶ୍ରୀଲକ୍ଷ୍ମୀ ରାଇସ ମିଲର କୌଣସି କର୍ମକର୍ତ୍ତାଙ୍କୁ ଦେଖିବାକୁ ମିଳିନଥିଲା। ଶ୍ରୀଲକ୍ଷ୍ମୀ ରାଇସ ମିଲ ଧାନ କିଣିବା ପାଇଁ ସରକାରଙ୍କଠାରେ ଚୁକ୍ତିବଦ୍ଧ ହୋଇଥିଲେ। ସକାଳୁ ଧାନ ବିକିବା ପାଇଁ ଚାଷୀ ଦିନ ସାରା ଭୋକ ଓପାସରେ ଥିବାରୁ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଚାଷୀ ପ୍ରାୟ ପ୍ରାୟ ୨୦ କିମି ଦୂରରୁ ଆସିଥିବା ପ୍ରକାଶ କରିଥିଲେ। ବିଶେଷକରି ମହିଳା ଚାଷୀ ଶୀତ କାକରରେ ଦୀର୍ଘ ସମୟ ଅପେକ୍ଷା କରିଥିଲେ ମଧ୍ୟ ଲ୍ୟାମ୍ପ ତରଫରୁ ଚାଷୀଙ୍କ ସୁବିଧା ପାଇଁ କୌଣସି ବ୍ୟବସ୍ଥା କରି ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ଧାନ ଆଣିବାକୁ ଗାଡ଼ି ଭଡା ବାବଦକୁ ସେମାନଙ୍କୁ ଅଧିକ ଭଡା ଦେବାକୁ ପଡ଼ିବ ବୋଲି ସେମାନେ ଆହୁରି ଦୁଃଖ ପ୍ରକାଶ କରିଥିଲେ। ତେବେ ଧାନ କିଣା ନ ଯିବା ସମ୍ପର୍କରେ ଦାୟିତ୍ୱରେ ଥିବା ଏମଡିଙ୍କୁ ପଚାରିବାରୁ ସେ କହିଥିଲେ, ମିଲର ଟ୍ରକ ପଠାଇ ପାରିନାହାନ୍ତି। ଆଜି ଯେପରି ହେଉ ରାତି ସୁଦ୍ଧା ଧାନ ଓଜନ କରାଯାଇ ମିଲର ପାଖକୁ ପଠାଯିବ। ଚାଷୀଙ୍କୁ ହଇରାଣ କରାଯାଉଥିବାରୁ ଅବ୍ୟବସ୍ଥାକୁ କଂଗ୍ରେସ ତରଫରୁ ନିନ୍ଦା କରାଯାଇଛି।

## ନିଆଁରେ ପୋଡ଼ିହୋଇ ଆହତ ବୃଦ୍ଧଙ୍କ ମୃତ୍ୟୁ

**ବୈଶିଙ୍ଗା, ୧୦।୧(ସମିସ):** ଶୀତ ଦାଉରୁ ରକ୍ଷା ପାଇବାକୁ ଲୋକେ ନିଆଁ ଜାଳି ବସୁଛନ୍ତି। ତେବେ ଏହି ନିଆଁରେ ପୋଡ଼ି ହୋଇ ଆହତ ଥିବା ମଗୁସୁରିଆ ଗ୍ରାମର ୮୧ ବର୍ଷୀୟ ବୃଦ୍ଧ ଦୁର୍ଯ୍ୟୋଧନ ମହାନ୍ତ ମୃତ୍ୟୁବରଣ କରିଛନ୍ତି। ସେ ଘର ସମ୍ମୁଖରେ କାଠିକୁଟାରେ ନିଆଁ ଲଗାଇ ସେକି ହେଉଥିଲେ। ଅସାବଧାନତା ବଶତଃ ପ୍ରଥମେ ନିଆଁ ତାଙ୍କ ଘୋଡେଇ ହୋଇଥିବା ଚାଦରରେ ଲାଗିଥିଲା। ତାହା ସଙ୍ଗେ ସଙ୍ଗେ ଦେହକୁ ବ୍ୟାପି ଯାଇଥିଲା। ଏହା ଦେଖି ତାଙ୍କ ଭାଇଁ ଉମାକାନ୍ତ ଦୌଡ଼ି ଆସି ନିଆଁକୁ କାବୁ କରିବାକୁ ଚେଷ୍ଟା କରି ନିଜେ ଆହତ ହୋଇଥିଲେ। ଦୁର୍ଯ୍ୟୋଧନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବେତନଟୀ ଡାକ୍ତରଖାନା ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ଆଜି ପୂର୍ବାହ୍ନରେ ତାଙ୍କର ଦେହାନ୍ତ ହୋଇଯାଇଥିଲା।

# କରଞ୍ଜିଆ ବିଧାୟକଙ୍କ ଧାନମଣ୍ଡି ପରିଦର୍ଶନ



**ଠାକୁରମୁଣ୍ଡା/ମହୁଲଡିହା, ୧୦।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ତାଳପଦା ଧାନମଣ୍ଡୀ ଓ ଜରକ ଧାନମଣ୍ଡୀକୁ ଆଜି ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଓ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ପରିଦର୍ଶନ କରିବା ସହିତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ଧାନମଣ୍ଡୀରେ ଚାଷୀଙ୍କ ବିଶ୍ରାମ ପାଇଁ ବିଶ୍ରାମ ଘର, ପିଇବା ପାଇଁ ସ୍ୱଚ୍ଛ ପାଣି ବ୍ୟବସ୍ଥା, ସ୍ୱଚ୍ଛ ହେବାପାଇଁ ପାଇଖାନା ବ୍ୟବସ୍ଥା ବୁଲି ଦେଖିଥିଲେ। ଚଳିତ ବର୍ଷ ଖରିଫ୍ ଧାନ କିଣା କାରବାରକୁ ଶୃଙ୍ଖଳିତ କରିବା ସହିତ ସ୍ୱଚ୍ଛତାର ସହିତ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। ବିଜେପି କୃଷକ ମୋର୍ଚ୍ଚାର ବରିଷ୍ଠ ନେତା ମହେଶ୍ୱର ସାହୁ ଚାଷୀଙ୍କୁ ପଚାରି ବୁଝିଥିଲେ। ଚାଷୀ ସଫା ଓ ଶୃଙ୍ଖଳା ଧାନ ମଣ୍ଡିକୁ ଆଣିଥିବାବେଳେ ଧାନ କ୍ୱିଣ୍ଟାଲ ପ୍ରତି ୫ରୁ ୬ କିଲୋ କଟନି ଛଟନି କରୁଥିବା ଚାଷୀ ଅଭିଯୋଗ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ମାର୍ଗଦର୍ଶିକାକୁ ଉଲ୍ଲଂଘନ କରି ଯେଉଁ ସରକାରୀ ଅଧିକାରୀ କିମ୍ବା ମିଲର ଧାନ କିଣାରେ ଅସାଧୁ ଉପାୟ ଅବଲମ୍ବନ କରିବେ, କିମ୍ବା କଟନି ଛଟନି କରିବେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ସତର୍କବାଣୀ ଶୁଣାଇଛନ୍ତି। ଏହି ଧାନମଣ୍ଡି ପରିଦର୍ଶନ ସମୟରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ରଞ୍ଜନ ମହାନ୍ତ ଓ ବିମଳ ସେନାପତି, ଶିବପ୍ରସାଦ ମହାନ୍ତ, ପୀତାମ୍ବର ମହାନ୍ତ, ସୁନୀଲ ଟୁଡୁ, ଯୁଧିଷ୍ଠିର ନାୟକ, ଜିତେନ୍ଦ୍ର ମହାନ୍ତ, ହୃଷିକେଶ ମହାନ୍ତ, କେଦାର ସାମଲ, ମନୋଜ ସାହୁ, ପ୍ରାଣବନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ମହୁଲଡିହା ଥାନା ପକ୍ଷରୁ ଗାଡ଼ି ଯାଞ୍ଚ

**ମହୁଲଡିହା, ୧୦।୧(ସମିସ):** ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ପୁଲିସ ପକ୍ଷରୁ ଗାଡ଼ି ଯାଞ୍ଚକୁ ଜୋରଦାର କରାଯାଇଛି। କରଞ୍ଜିଆ ଉପଖଣ୍ଡ ପୁଲିସ ଆରକ୍ଷୀ ଅଧୀକ୍ଷକ ନବକୃଷ୍ଣ ନାଏକଙ୍କ ନିର୍ଦ୍ଦେଶରେ ଆଇଆଇସି ତୁଷାର ନାୟକଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀ ଗାଡ଼ି ଯାଞ୍ଚ କରି ୧୮, ୫୦୦ ଟଙ୍କା ଜରିମାନା ଆଦାୟ କରିଛନ୍ତି। ଯାଞ୍ଚ ବେଳେ ସିଟ୍ ବେଲ୍ଟ ଓ ହେଲମେଟକୁ ଗୁରୁତ୍ୱ ଦିଆଯାଇଥିବା ଜଣାପଡ଼ିଛି।

## ନିଆଁରେ ପୋଡ଼ିହୋଇ ମହିଳା ଗୁରୁତର ଆହତ

**ବୈଶିଙ୍ଗା, ୧୦।୧(ସମିସ):** ବୈଶିଙ୍ଗା ଥାନା ଅଧୀନ ଯୁଗପୁରା ଗ୍ରାମର ଜଣେ ମହିଳା ଚୁଲିରେ ରୁଟି ସେକୁଥିବାବେଳେ ଅସାବଧାନତା ବଶତଃ ନିଆଁରେ ପୋଡ଼ି ହୋଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ ଯୁଗପୁରା ଗ୍ରାମର ରମେଶ ମହାନ୍ତିଙ୍କ ସ୍ତ୍ରୀ ଶିବାନୀ ରାତ୍ରଭୋଜନ ପାଇଁ ଚୁଲିରେ ରୋଟି ସେକୁଥିବା ସମୟରେ ଅସାବଧାନତା ବଶତଃ ସେ ପିନ୍ଧିଥିବା ଉଲ ପୋଷାକରେ ନିଆଁ ଲାଗିଯାଇଥିଲା। ନିଆଁ ଶରୀରକୁ ବ୍ୟାପୀ ଯାଇଥିଲା। ସେ ଚିତ୍କାର କରି ଡାକ ଛାଡିଥିଲେ। ସ୍ୱାମୀ ଶୋଇଯାଇଥିବା ଯୋଗୁଁ ପ୍ରଥମେ ଶୁଣି ପାରି ନ ଥିଲେ। ପରେ ସେ ଆସି ଶିବାନୀ ଦେହରେ ଲାଗିଥିବା ନିଆଁକୁ ନିୟନ୍ତ୍ରଣ କରି ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରିଥିଲେ।

### କନ୍‌ଷ୍ଟେବଲଙ୍କ ମାଆଙ୍କୁ ଆକ୍ରମଣ କରି ଲୁଟ୍ ଘଟଣା

## ଏସ୍‌ଡିପିଓଙ୍କ ତଦନ୍ତ, ୨ ଅଟକ

**ବାରିପଦା/ବଡ଼ସାହି, ୧୦।୧(ସମିସ):** ଗୁରୁବାର ସନ୍ଧ୍ୟାରେ ବଡ଼ସାହି ଥାନା ଅଧୀନ ଟିକାୟତପୁର ଗ୍ରାମର ଜଣେ ପୁଲିସ କନେଷ୍ଟବଲଙ୍କ ଘରେ ପଶି ଦୁର୍ବୃତ୍ତ ରୋଗୀଣା ବୃଦ୍ଧା ମା'ଙ୍କ ପିନ୍ଧିଥିବା ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ସୁନାଗହଣା ଲୁଟ ଘଟଣାରେ ପୁଲିସ ୨ ଜଣ ସନ୍ଦିଗ୍ଧଙ୍କୁ ଥାନାକୁ ନେଇ ପଚରାଉଚରା ଚଳାଇଛି। ଅପରପକ୍ଷରେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ଶନିବାର ଘଟଣାସ୍ଥଳ ପରିଦର୍ଶନ କରି ଆକ୍ରମଣର ଶିକାର ହୋଇଥିବା ବୃଦ୍ଧା, ତାଙ୍କ ସାନପୁଅ ଓ ପଡୋଶୀଙ୍କ ବୟାନ ସଂଗ୍ରହ ପୂର୍ବକ ତଦନ୍ତ କରି ଫେରିଛନ୍ତି। ଖୁବଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



ଶୁଳିଆପଦା, ୧୦।୧ (ସମିସ): ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦେଉଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ମୃତ୍ୟୁଞ୍ଜୟ ପତିଙ୍କ ପରଲୋକ ଘଟିଛି। ସେ ଦେଉଳି ପଞ୍ଚାୟତରେ ୧୯୮୫-୯୦ ପର୍ଯ୍ୟନ୍ତ ସରପଞ୍ଚ ଥିଲେ। ସେ ସମୟରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱ ସମୟରେ ଜନତା ଦଳ ପକ୍ଷରୁ ବାରିପଦା ନିର୍ବାଚନମଣ୍ଡଳୀର ସଭାପତି ଦାୟିତ୍ୱ ତୁଲାଇଥିଲେ। ପରବର୍ତ୍ତୀ ସମୟରେ ମୋରଡ଼ା ନିର୍ବାଚନମଣ୍ଡଳୀ ଗଠିତ ହୋଇଥିଲା। ବିଜୁବାବୁଙ୍କ ପରେ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ ପକ୍ଷରୁ ମୋରଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶୁଳିଆପଦା ବ୍ଲକ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ପୁଣି ପରବର୍ତ୍ତୀ ସମୟରେ ବିଜେଡି ତରଫରୁ ମୟୂରଭଞ୍ଜ ଜିଲ୍ଲାର ସାଧାରଣ ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବନ୍ଧୁବାନ୍ଧବଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଗଣେଶ ପତି, ପୁତ୍ରବଧୂ ବୀଣାପାଣି ପତି, ନାତିନାତୁଣୀ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ବଡ଼ସାହି କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ବଡ଼ସାହି, ୧୦।୧(ସମିସ):** ବଡ଼ସାହି ମହାବିଦ୍ୟାଳୟରେ ମହିଳା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜନ ଦାସ ସଭାପତିତ୍ୱ କରିବା ସହିତ ଶିବରକୁ ଉଦ୍‌ଘାଟନ କରିଛନ୍ତି। ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି ୮ଦିନିଆ ଶିବିରରେ ମୋଟ ୮୬ ଜଣ ଶିବିରାର୍ଥୀ ଯୋଗ ଦେଇଛନ୍ତି। ସଂଯୋଜିକା ଅଧ୍ୟାପିକା ସନ୍ଧ୍ୟାରାଣୀ ଦାସ ପରିଚାଳନା କରୁଛନ୍ତି। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡ. ଜୀବନ କୁମାର ପଣ୍ଡିତ ଓ ଓଡ଼ିଆ ବିଭାଗ ମୁଖ୍ୟା ଡ. ରିତୁଲତା ବିଶ୍ୱାଳ ଯୋଗଦେଇ +୩ ପ୍ରଥମ ବର୍ଷର କଳା, ବିଜ୍ଞାନ, ବାଣିଜ୍ୟର ଛାତ୍ରୀଙ୍କୁ ଶାରୀରିକ ଓ ବୌଦ୍ଧିକ ସ୍ତରରେ ସଶକ୍ତ ହେବାକୁ କହିଥିଲେ। ଟ୍ରେନର ରଞ୍ଜିତା ସିଂ ଉପସ୍ଥିତ ରହି ଛାତ୍ରୀଙ୍କୁ ଆତ୍ମସୁରକ୍ଷା କୌଶଳ ଶିଖାଇଥିଲେ। ଇଂରାଜୀ ବିଭାଗ ଅଧ୍ୟାପକ ପାର୍ଥ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଦାମୋଦର ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ



**କୁଆମରା, ୧୦।୧(ସମିସ):** ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ସାଇଁକୁଳା ଦାମୋଦର ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟିତ ହୋଇଛି। ପ୍ରଥମେ ମୁଖ୍ୟଅତିଥିଙ୍କ ଦ୍ୱାରା ବିଦ୍ୟାଳୟ ସମ୍ମୁଖରେ ଥିବା ସୁବର୍ଣ୍ଣ ଜୟନ୍ତୀ ସ୍ମାରକୀ ଫଳକକୁ ଉନ୍ମୋଚିତ କରାଯାଇଥିଲା। ପୁରାତନ ଛାତ୍ର ସଂସଦ ଓ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ସମାରୋହରେ ପ୍ରଧାନଶିକ୍ଷକ ଭାସ୍କର ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ମୁଖ୍ୟବକ୍ତା ସାରସ୍ୱତ ସାଧକ କବି ପ୍ରଶାନ୍ତ ଦାସ, ସମ୍ମାନିତ ଅତିଥି ବିଡିଓ ପୃଥିରାଜ ପରିଡ଼ା, ବ୍ଲକ ଶିକ୍ଷାଧିକାରୀ ଡଃ ଅଭିମନ୍ୟୁ ସେଠୀ, ଖୁଣ୍ଟା ଥାନା ଅଧିକାରୀ ପଞ୍ଚାନନ ମହାନ୍ତି, କମିଟିର ପୁରାତନ ସମ୍ପାଦକ ସୁଦାମ ମହାନ୍ତି, ସଭାପତି ଗଣେଶ୍ୱର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ରବୀନ୍ଦ୍ର ମିଶ୍ରଙ୍କ ଦ୍ୱାରା ବେଦମନ୍ତ୍ର ପାଠ କରାଯାଇଥିଲା ଓ ଦିବଂଗତଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଏ ଅବସରରେ ବିଦ୍ୟାଳୟ ନିମନ୍ତେ ଭୂମିଦାନ, ବିଦ୍ୟାଳୟ ପ୍ରତିଷ୍ଠା ସହ ପୂର୍ବ ପରିଚାଳନା କମିଟି ସଦସ୍ୟ ବଂଶୀଧର ଦାସ, ସ୍ୱର୍ଗତ ଶ୍ରୀବସ୍ତ ମିଶ୍ର, ହରିଶ ଚନ୍ଦ୍ର ଦାସ, ଦିବାକର ମହାପାତ୍ର, ହରିହର ଜେନାଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ଭାସ୍କର ମହାପାତ୍ର, ରବିନାରାୟଣ ଜେନା ଓ ପୂର୍ବତନ ସମ୍ପାଦକ ସୁଦାମ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ବଙ୍କିମ ବାରିକ ଓ ପୁରାତନ ଛାତ୍ରୀ ଉପାସନା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ମୁକ୍ତିପ୍ରିୟ ମିଶ୍ର ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନ ରେ ମଶାଲ ଶୋଭାଯାତ୍ରା, ଜୁବୁଲି ପତାକା ଓ ସ୍କୁଲ ପତାକା ଉତ୍ତୋଳନ ସହ ମହାପ୍ରଭୁ ଶ୍ୟାମରାୟଙ୍କ ପୀଠରୁ କଳସ ଶୋଭାଯାତ୍ରା ବାହାରି ବିଦ୍ୟାଳୟରେ ପହଞ୍ଚିଥିଲା। ଆଲୁମୁନି କମିଟି ସଭାପତି ମାନସ ମହାରଣାଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଟକ ବାର୍ଦ୍ଧକ୍ୟର ବେଦନା ପରିବେଷଣ ହୋଇଥିଲା।

# ଦାମୋଦର ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ



### ସ୍ୱର୍ଣ୍ଣ ସ୍ମରଣିକା ଉନ୍ମୋଚିତ

**କୁଆମରା, ୧୦।୧(ସମିସ):** ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ଦାମୋଦର ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସରେ ଅତିଥିମାନଙ୍କ ଦ୍ୱାରା ସ୍ୱର୍ଣ୍ଣ ସ୍ମରଣିକା ଉନ୍ମୋଚିତ ହୋଇଛି। ଜୁବୁଲି କମିଟି ସଭାପତି ଗଣେଶ୍ୱର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ବିଶିଷ୍ଟ ସମାଜବାଦୀ ନିହାରରଞ୍ଜନ ମୋଦୀ, ଅସ୍ଥିଶଲ୍ୟ ବିଶେଷଜ୍ଞ ପ୍ରଫେସର ମନୋରଞ୍ଜନ ମଲ୍ଲିକ ଯୋଗ ଦେଇ ଅତୀତ ନଥିଲେ ବର୍ତ୍ତମାନ ଆସେ ନାହିଁ, ଉତ୍ତମ ଶିକ୍ଷା ସମାଜର ପରିବର୍ତ୍ତନ ଆଣେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ଉଗ୍ରସେନ ଦାସ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ମୁକ୍ତିପ୍ରୀୟ ମିଶ୍ର ପ୍ରାରମ୍ଭରେ ବେଦ ମନ୍ତ୍ର ପାଠ କରିଥିଲେ। ଏ ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଓ ସଦସ୍ୟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ପୂର୍ବାହ୍ନରେ ପ୍ରଥମ ଅଧିବେଶନରେ ଶିକ୍ଷାବିତ ସନାତନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ବାମନ ମହାନ୍ତି, ବାଙ୍ଗିରିପୋଷି କଲେଜର ପୂର୍ବତନ ଅଧ୍ୟକ୍ଷ ଡଃ ପୁଷ୍ପା ପାତ୍ର, ଅବସରପ୍ରାପ୍ତ ଅଧ୍ୟାପକ କରୁଣାକର ମହାପାତ୍ର, ସାରସ୍ୱତ ସ୍ନାତକ କଲେଜର ଅଧ୍ୟକ୍ଷ ସୁବଳ ଦାସ, ପଞ୍ଚପଲ୍ଲୀ କଲେଜର ଅଧ୍ୟକ୍ଷ ଗୁଣାକର ଦାସ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଭୟ ଅଧିବେଶନକୁ ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ ସଞ୍ଚାଳନ କରିଥିଲେ।

### ସୁଡ଼ଙ୍ଗ ଗ୍ରାମକୁ ହେଉନି ବିଦ୍ୟୁତ୍ ସଂଯୋଗ

## ୨୮ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ଚେତାବନୀ

**ଶରତ, ୧୦।୧(ସମିସ):** ସୁଡଙ୍ଗ ଗ୍ରାମକୁ ଆଜି ପର୍ଯ୍ୟନ୍ତ ହୋଇପାରୁନି ବିଦ୍ୟୁତ ସଂଯୋଗ। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ କଳମଗଡ଼ିଆ ପଞ୍ଚାୟତ ଅଧୀନ ଗୋକୁଳଚନ୍ଦ୍ରପୁର ରାଜସ୍ୱ ଗ୍ରାମରେ ଅବସ୍ଥିତ ସୁଡ଼ଙ୍ଗ ଗ୍ରାମର ୬୦ଟି ଜନଜାତି ପରିବାର ବସବାସ କରନ୍ତି। ସେମାନେ ବିଦ୍ୟୁତ ସେବା ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ପ୍ରସଙ୍ଗ ଅନେକବାର ଖବରକାଗଜରେ ପୃଷ୍ଠା ମଣ୍ଡନ କରିଥିଲେ ସୁଦ୍ଧା ସମସ୍ୟା ସମାଧାନ ଦିଗରେ ପ୍ରଶାସନ କିମ୍ବା ବିଦ୍ୟୁତ ବିଭାଗ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରିକି ଜିଲ୍ଲା ପ୍ରଶାସନ ନିକଟରେ ଗ୍ରାମବାସୀଙ୍କ ଦ୍ୱାରା ଦାବିପତ୍ର ମାଧ୍ୟମରେ ସମସ୍ୟା ଉପସ୍ଥାପନ କରାଯାଇଥିବା ସତ୍ତ୍ୱେ ନିରବ ରହିଛି ପ୍ରଶାସନ। କେବଳ ପାଣି ସମସ୍ୟା ସମାଧାନ କରିବାକୁ ଯାଇ ପ୍ରଶାସନ ଦୁଇଟି ନଳକୂପ ଖୋଳିଛି। ଗ୍ରାମରେ ରାସ୍ତାଘାଟ ନିର୍ମାଣ ହୋଇପାରିନାହିଁ। କେହି ଡାକ୍ତରଖାନାକୁ ଯିବାକୁ ହେଲେ ଖାଟିଆ ବା ସଙ୍ଗୀଭାର ହିଁ ଭରସା। ଗ୍ରାମକୁ ଯାଇପାରେନି ଆମ୍ବୁଲାନ୍ସ ଗାଡ଼ି। ବିଦ୍ୟୁତ ସଂଯୋଗ କରାଯିବା ସହିତ ରାସ୍ତାଘାଟ ନିର୍ମାଣ କରାଯିବା ଦାବିରେ ଗ୍ରାମବାସୀଙ୍କ ଦ୍ୱାରା ଚଳିତ ମାସ ୨୮ ତାରିଖ ଦିନ ଗ୍ରାମବାସୀଙ୍କ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ନିମନ୍ତେ ଆଜି ଗ୍ରାମବାସୀଙ୍କ ଦ୍ୱାରା ବୈଠକ ଆୟୋଜନ କରାଯାଇଛି। ବୈଠକରେ କଳମଗଡ଼ିଆ ଗ୍ରାମର ଯୁବ ସମାଜସେବୀ ଗାଲୁରାମ ଲାମାୟେ, ଜାମାଦାର ବାଲମୁଚୁ, ନବୀନ ମୁଣ୍ଡୁରୀ, ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ଗୋଇପାଇ, କାହ୍ନୁ ମାରାଣ୍ଡି, ରମେଶ ଟୁଡୁ, ରାମ ଟୁଡୁ, ଡେମ ପୂର୍ତ୍ତି, ଫୁଲମଣୀ ହାଁସଦା, ସାକ୍ରାତ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

**କରଞ୍ଜିଆ, ୧୦।୧(ସମିସ):** କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଜିଲ୍ଲା କୃଷି ଅଧିକାରୀ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ କରଞ୍ଜିଆ ମିଳନ ପଡ଼ିଆରେ ଚାଲିଥିବା ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ ହୋଇଛି। ଉଦଯାପନୀ ଦିବସରେ କରଞ୍ଜିଆ କୃଷି ଜିଲ୍ଲା ଅଧିକାରୀ ରବୀନ୍ଦ୍ର ସାହୁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର କେନ୍ଦୁଝର ସହକାରୀ ପରିଚାଳକ କିଶୋର ସାହୁ, ସମ୍ମାନିତ ଅତିଥି ଭାବେ ଉଦ୍ୟାନ କୃଷି ସହକାରୀ ପରିଚାଳକ ସୁରେନ୍ଦ୍ର ଡେଲକୀ ଓ ସହକାରୀ ମତ୍ସ୍ୟ ଅଧିକାରୀ ଶୁକ୍ଳି କ୍ଷୀରୋଦା ନାଏକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ମାଣ୍ଡିଆ ଚାଷୀ ଗୌରହରି ମହାନ୍ତ, ମା' ଲକ୍ଷ୍ମୀ ସ୍ୱୟଂସହାୟିକା ଗୋଷ୍ଠୀ କରଞ୍ଜିଆ, ଷ୍ଟବେରୀ ଚାଷୀ ଯଶିପୁରର ଗୀତା ନାଏକ, ପୁଷ୍ପକ ଏଜେନ୍ସି, ନୃତ୍ୟଶ୍ରୀ ଅନୁଷ୍ଠାନ, ଚାରୁସ୍ ଏକାଡେମୀ, କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟ, ମଳୟ ମହାନ୍ତ, ସନାତନ ପରମାଣିକ, ଶ୍ରୀଅନ୍ନ ଅଭିଯାନ ବ୍ଲକ ସଂଯୋଜକ ରଜତ ପାତ୍ର, କୃଷି ଅଧିଦର୍ଶକ ପ୍ରତାପ ପୁଷ୍ପାଳକଙ୍କୁ ସମ୍ମାନିତ କରାଯାଇଥିଲା। ଯଶିପୁର ଓ କରଞ୍ଜିଆ କୃଷି ଜିଲ୍ଲା କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ବିଜେଡି କର୍ମୀ ରଞ୍ଜିତଙ୍କ ବିୟୋଗରେ ଶୋକ



**ବାରିପଦା, ୧୦।୧(ସମିସ):** ବାରିପଦା ସହରର ପ୍ରିୟ ଯୁବକ ରଞ୍ଜିତ ମହାନ୍ତିଙ୍କ ୩୯ ବର୍ଷ ବୟସରେ ପରଲୋକ ଘଟିଛି। କର୍କଟ ରୋଗରେ ପୀଡ଼ିତ ମଣ୍ଟୁ ବିଜୁ ଜନତା ଦଳର ସକ୍ରିୟ କର୍ମୀ ଥିଲେ। ଦଳଗତ ନିର୍ବିଶେଷରେ ସମସ୍ତଙ୍କ ସୁଖଦୁଃଖରେ ସାହା ହେଉଥିଲେ। ସେ ଜୀବନ ଯୁଦ୍ଧରେ ହାରିଯାଇଛନ୍ତି। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ତାଙ୍କର ପତ୍ନୀ, ପୁଅ ଓ ୩ ମାସର ଝିଅଟିଏ ଅଛନ୍ତି। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ଯାତ୍ରୀବାହୀ ଅଟୋ ଓ ଡାଲା ଅଟୋ ଧକ୍କା

# ୩ ମୃତ, ୩ ଆହତ; ଆମ୍ବୁଲାନ୍ସ ବିଳମ୍ବ ପାଇଁ ଅସନ୍ତୋଷ



**ବେତନଟୀ, ୧୦।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ହାତୀଝୁରି ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଯାତ୍ରୀବାହୀ ଅଟୋ ସହିତ ଡାଲା ଅଟୋର ଧକ୍କା ହୋଇଥିଲା। ଏହି ଧକ୍କା ହେବା ପରେ ଦୁର୍ଘଟଣା ସ୍ଥାନରୁ ଗୁରୁତର ଥିବା ଦୁଇଜଣ ମହିଳାଙ୍କ ସମେତ ଚାରିଜଣ ଆହତଙ୍କୁ ଏନଏଚଏଆଇ ୧୦୩୩ ଆମ୍ବୁଲାନ୍ସରେ ସମସ୍ତ ଗୁରୁତର ଆହତଙ୍କୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବାବେଳେ ଅଧିକ ଗୁରୁତର ଥିବା ଦୁଇଜଣ ମହିଳାଙ୍କୁ ସେହି ଆମ୍ବୁଲାନ୍ସ ଯୋଗେ ବେତନଟୀରୁ ବାରିପଦା ପିଆରଏମ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ସେମାନଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହି ମୃତ ମହିଳା ହେଉଛନ୍ତି ବୈଶିଙ୍ଗା ଥାନା ଅଧୀନ ହାତୀଝୁରି ଗ୍ରାମର ବୁଦ୍ଧିଆ ଦେହୁରୀଙ୍କ ପତ୍ନୀ ବିନି ଦେହୁରୀ (୫୦), ଅନ୍ୟ ଜଣେ ହେଉଛନ୍ତି ଖୁଣ୍ଟା ଥାନା ଅଧୀନ ଭାନୁପୁର ଗ୍ରାମର ରମେଶ ଜେନାଙ୍କ ସ୍ତ୍ରୀ ସୁଭଦ୍ରା ଜେନା (୫୨) ବୋଲି ଜଣାପଡ଼ିଛି। ସେହିଭଳି ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ପରମାନନ୍ଦ ଦେହୁରୀଙ୍କର ମଧ୍ୟ ମୃତ୍ୟୁ ହୋଇଛି। ଆହତ ହୋଇଥିବା କନ୍ଦା ଦେହୁରୀ, ରମେଶ ଜେନା, ମିନା ଦେହୁରୀ, ବେତନଟୀ ଡାକ୍ତରଖାନାରେ ଚିକିତ୍ସା ହେଉଛନ୍ତି। ଘଟଣାରୁ ପ୍ରକାଶ ଏକ ଯାତ୍ରୀବାହୀ ଅଟୋଟି ହାତୀଝୁରୀରୁ ବୈଶିଙ୍ଗା ଅଭିମୁଖେ ଯାଉଥିବାବେଳେ ସେହି ହାତୀଝୁରି ସ୍ଥାନରେ ଅନ୍ୟଏକ ଡାଲା ଅଟୋ ସହିତ ଧକ୍କା ହେବାକୁ ଦୁର୍ଘଟଣା ଘଟିଥିଲା। ବୈଶିଙ୍ଗା ଥାନା ଏସଆଇ ସରୋଜ ଜେନା ବେତନଟୀ ଡାକ୍ତରଖାନା ଆସି ଘଟଣାର ତଦନ୍ତ କରିଥିବାର ଜଣାପଡ଼ିଛି। ଦୁଇଜଣ ଗୁରୁତରଙ୍କୁ ବେତନଟୀ ଡାକ୍ତରଖାନାରୁ ବାରିପଦା ପିଆରଏମ ମେଡିକାଲ କଲେଜକୁ ପଠାଇବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଫୋନ କରାଯାଇଥିଲେ ମଧ୍ୟ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହୋଇଥିଲା। ରୋଗୀଙ୍କ ପରିବାର ଲୋକ ହତାଶ ହୋଇପଡ଼ିଥିବାବେଳେ ବେତନଟୀ ବ୍ଲକ ମିଡିଆ ଆସୋସିଏସନର ସଦସ୍ୟ ଓ ଥାନା ଏସଆଇ ସରୋଜ ଜେନା ସେଠାରେ ଉପସ୍ଥିତ ରହି ବେତନଟୀ ଡାକ୍ତରଖାନାର ଚିକିତ୍ସା ଅଧିକାରୀ ସିପୁନ ପଣ୍ଡାଙ୍କୁ ସାକ୍ଷାତ କରି ଏହି ଆମ୍ବୁଲାନ୍ସ ବିଳମ୍ବ ହୋଇଥିବାର ଜଣାଇବାରୁ ଗୁରୁତରଙ୍କୁ ଛାଡ଼ି ପଳାଇ ଯାଉଥିବା ୧୦୩୩ ଆମ୍ବୁଲାନ୍ସ ଯୋଗେ ପୁନର୍ବାର ବାରିପଦାକୁ ପଠାଯାଇଥିଲା। ଏଭଳି ସମସ୍ୟା ବେତନଟୀ ଡାକ୍ତରଖାନାରେ ବାରମ୍ବାର ଲାଗି ରହୁଥିବାବେଳେ ବେତନଟୀ ଡାକ୍ତରଖାନା ପାଇଁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗାଇଦେବାକୁ ବେତନଟୀବାସୀ ଦାବି କରିଛନ୍ତି।



# ପୋଷ୍ଟ ଅଫିସ୍

ମହମ୍ମଦ ହିଫ୍‌ଜୁର ରହେମାନ୍





ଦେବାଶିଷ ବାବୁ ନିଜ କାମ ପାଇଁ ପୋଷ୍ଟ ଅଫିସ୍ ଯାଉଥିଲେ। କାଉଣ୍ଟରର ଆଗରେ ଲମ୍ବା ଧାଡ଼ି। କିନ୍ତୁ ଗୋଟିଏ କଥା ସେ ସବୁଦିନ ମାର୍କ କରୁଥିଲେ। ତାହା ଥିଲା, ଜଣେ ବୟସ୍କ ବ୍ୟକ୍ତି ସବୁଦିନ ଧାଡ଼ିରେ ଆସି ଠିଆ ହୁଅନ୍ତି। କାଉଣ୍ଟରରେ ପହଞ୍ଚିବା କ୍ଷଣି ଡାକ କର୍ମଚାରୀ ତାଙ୍କ ଉପରେ ବିରକ୍ତି ପ୍ରକାଶ କରି ସେଠାରୁ ଭଗାଇ ଦେଉଥିଲେ। ବୃଦ୍ଧ ବ୍ୟକ୍ତି ଜଣକ ନିରାଶ ହୋଇ ଡାକଘର ଦ୍ୱାର ମୁହଁରେ ଆସି ବସୁଥିଲେ। ଏଇଟା ସବୁ ଦିନର ବ୍ୟାପାର ହୋଇଯାଇଥିଲା।

ଦେବାଶିଷ ଏହି ସବୁ ଦୃଶ୍ୟ ଦେଖୁଥିଲେ ମଧ୍ୟ ଅନ୍ୟମାନଙ୍କ ଭଳି କିଛି କହୁନଥିଲେ। କିନ୍ତୁ ମନ ଭିତରେ ପ୍ରତିକ୍ରିୟା ହେଉଥିଲା। ସେଦିନ ଗୁରୁବାର ଥିଲା। ସବୁ ଦିନ ପରି ଏହି ବୃଦ୍ଧ ଜଣକ ମଧ୍ୟ ଧାଡ଼ିରେ ଠିଆ ହୋଇଥିଲେ। କାଉଣ୍ଟରରେ ପହଞ୍ଚିବା କ୍ଷଣି ସେ ତାଙ୍କର ପାସବୁକ୍ ଡାକ କର୍ମଚାରୀଙ୍କୁ ବଢ଼ାଇ ଦେଲେ। କର୍ମଚାରୀ ପୁଣି ରାଗିଯାଇ ବୁଢ଼ା ଉପରକୁ ପାସବୁକ୍ ଫୋପାଡ଼ି ଦେଲେ। କିନ୍ତୁ ବୁଢ଼ାଠାରେ କୌଣସି ପ୍ରତିକ୍ରିୟା ନଥିଲା। ସେ ପାସ୍‌ବୁକ୍‌କୁ ତଳୁ ଗୋଟାଇଲେ। ଏହାକୁ ତାଙ୍କ ଗାମୁଛାରେ ସଫା କରି ସାଙ୍ଗରେ ଆଣିଥିବା ବ୍ୟାଗରେ ପୂରାଇ ବାହାରି ଗଲେ।

ଡାକ କର୍ମଚାରୀ ଏହି ବୁଢ଼ା ସହିତ ଯେମିତି ଦୁର୍ବ୍ୟବହାର କଲେ, ତାହା ଦେବାଶିଷଙ୍କୁ ଭାରି ବାଧିଲା। ସେ ସହିବା ଅବସ୍ଥାରେ ନଥିଲେ। ତାଙ୍କ ପାଳି ଆସିବାରୁ ସେ କାଉଣ୍ଟର ଲୋକଟିକୁ ପଚାରିଲେ: "କ'ଣ ହେଇଛି? ସେ ବୁଢ଼ା ଲୋକଟି କିଏ?? ଆପଣ ତାଙ୍କୁ ଏମିତି କାହିଁକି ବ୍ୟବହାର କରୁଛନ୍ତି???" ଦେବାଶିଷ ବାବୁଙ୍କ ପ୍ରଶ୍ନ ବାଣ କିନ୍ତୁ କିଛି ପ୍ରଭାବିତ କଲା ଭଳି ଲାଗୁନଥିଲା।

ଦେବାଶିଷ ଆଉଥରେ ପଚାରିବାକୁ କର୍ମଚାରୀ ଜଣକ କହିଲେ; "କୁହନ୍ତୁନି ସେ ପାଗଳାଟା। ସବୁଦିନ ପାସ୍‌ବୁକ ଧରି ଆସୁଛି। କହୁଛି, ପୁଅ ଟଙ୍କା ପଠାଇଛି, ଦିଅ। ସବୁ ଦିନ ଆସୁଛି, ସବୁ ଦିନ ସେହି କଥା। ଲୋକ ଶୁଣି ଶୁଣି ବେଜାର ହେଇଗଲାଣି।"

ଦେବାଶିଷ ବାବୁ ପଚାରିଲେ; "ତାଙ୍କ ପାସ୍‌ବୁକ୍‌ରେ କେତେ ପଇସା ଅଛି।"

କ'ଣ ଶହେ ଟଙ୍କା ଥିବ। ଏମିତି କେତେ ପାଗଳ ଆସୁଛନ୍ତି। ମୁଣ୍ଡ ଖରାପ କରୁଛନ୍ତି।

କିନ୍ତୁ ଡାକ ବାବୁଙ୍କ କଥା କେଜାଣି କାହିଁକି ଦେବାଶିଷ ବାବୁଙ୍କୁ ହଜମ ହେଲାନି। ସେ ତାଙ୍କ କାମ ସାରି ବୁଢ଼ା ପାଖକୁ ଗଲେ। ଛିଣ୍ଡା କୁର୍ତ୍ତା ଏବଂ ଧୋତି ପିନ୍ଧା ବୁଢ଼ା କାନ୍ଥକୁ ଆଉଜି ବସିଛନ୍ତି। ଗୋଟିଏ ହାତରେ ଗାମୁଛା ଓ ଗୋଟିଏ ହାତରେ ପାସ୍‌ବୁକ୍ ଧରିଛନ୍ତି। ପାଖରେ ବାଡ଼ି ଥୁଆ ହୋଇଛି। ସେ ଖାଲି ପାସ୍‌ବୁକ୍‌କୁ ଦେଖୁ ଥାଆନ୍ତି, କ'ଣ ଗୋଟିଏ ଚିନ୍ତା କରୁଛନ୍ତି।

ଏହି ସମୟରେ ଦେବାଶିଷ ବାବୁ ବୁଢ଼ା ପାଖକୁ ଯାଇ ବସିଗଲେ। କିନ୍ତୁ ବୁଢ଼ା ମଉସା ଅନେଇଲେ ନାହିଁ। ସେ ପାସ୍‌ବୁକ୍‌କୁ ଓଲଟାଇ ପଲଟାଇ ଦେଖିବାରେ ବ୍ୟସ୍ତ। ଦେବାଶିଷ ବାବୁ ମଉସାଙ୍କ କାନ୍ଧରେ ହାତ ରଖି ପଚାରିଲେ; "ମଉସା କ'ଣ ହେଇଛି? ଏଠି ଏମିତି କାହିଁକି ବସିଛ ? କାହାକୁ କ'ଣ ଅପେକ୍ଷା କରିଛ ?"

ବୁଢ଼ା ମଉସା କହିଲେ; "ନାହିଁରେ ପୁଅ ଏମିତି ବସିଛି।"

ଦେବାଶିଷ ବାବୁ କହିଲେ; "ମୁଁ ତ ଦେଖୁଛି, ତମେ ସବୁ ଦିନ ଆସୁଛ। କ'ଣ ହେଇଛି?"

ବୁଢ଼ା ମଉସା କହିଲେ; "ପୁଅ ପଇସା ପଠାଇଛି ବୋଲି କହୁଛି। ଏ ମା ନେ ମନା କରୁଛନ୍ତି। କ'ଣ କରିବି? ରବି ମା' ଦେହ ବହୁତ ଖରାପ। ପଇସା ପାଇଲେ ଡାକ୍ତର ଦେଖାଇବି।"

"ରବି କିଏ ?" ପଚାରିଲେ ଦେବାଶିଷ

-"ମୋ ପୁଅ" କହିଲେ ବୁଢ଼ା ମଉସା

-"ପୁଅ କଉଠି ରହୁଛନ୍ତି ?" ପଚାରିଲେ ଦେବାଶିଷ ବାବୁ।

'ସେ ଗୁଜରାଟରେ ରହୁଛି।" କହିଲେ ବୁଢ଼ା ମଉସା।

-"ତାଙ୍କର ଫୋନ ନମ୍ବର ଅଛି ?"

- "ହଁ, ଦେଖ ଏହି ଫୋନ୍‌ରେ ଅଛି।" ଏହା କହି ମୋବାଇଲ୍ ଫୋନ୍ ବଢ଼ାଇ ଦେଲେ ବୁଢ଼ା ମଉସା।

ମଉସାଙ୍କ ସେହି ଫୋନରେ କଲ୍ କଲେ ଦେବାଶିଷ ବାବୁ। କିନ୍ତୁ ଯେତେଥର ଫୋନ ଲଗାଉଛନ୍ତି, ସେପଟୁ ଫୋନ୍ କାଟି ଦେଉଛି ତାଙ୍କ ପୁଅ।

ବ୍ୟସ୍ତ ହୋଇପଡ଼ିଲେ ଦେବାଶିଷ ବାବୁ। ଏ କେମିତି ପୁଅଟା, ବାପାର ଫୋନ୍ ଧରୁନି।

ଫୋନ୍‌କୁ ବୁଢ଼ା ମଉସାଙ୍କୁ ଫେରାଇ ଦେଇ ଦେବାଶିଷ ବାବୁ ପୁଅ ବିଷୟରେ ଯେତେ ପଚାରିଲେ ବି ସେ କିଛି ନ କହି ନଶୁଣିଲା ଭଳି ବସି ରହିଲେ।

ଦେବାଶିଷ ବାବୁ ସେଠୁ ଉଠି ପାଖ ପାନ ଦୋକାନକୁ ପାନ ପାଇଁ ଗଲେ। ପାନ ପାଇଁ ବରାଦ ଦେଲେ। ଦୋକାନୀ ପାନ ଭାଙ୍ଗୁଥିବା ବେଳେ ଦେବାଶିଷ ବାବୁ ପଚାରିଲେ, "ଆପଣ ଏ ବୁଢ଼ା ମଉସାଙ୍କୁ ଚିହ୍ନିଛନ୍ତି ?"

ପାନ ଦୋକାନୀ ଓଲଟା ପ୍ରଶ୍ନ କଲେ; "କାହିଁ କଣ ହେଲା କି ?"

"ନାହିଁ ମୁଁ ଏମିତି ପଚାରୁଥିଲି। ସବୁଦିନ ବୁଢ଼ା ମଉସା ଏଠି ଆସି ବସୁଛନ୍ତି ତ ? ପାଗଳ କି?"

ପାନ ଦୋକାନୀ କହିଲେ; "ଏମିତି ପୁଅ ବୋହୂ ମିଳିଲେ ଯିଏ ନା ସିଏ ପାଗଳ ହେଇଯିବ।"

ଏକଥା ଶୁଣିଲା ପରେ ଦେବାଶିଷ ବାବୁଙ୍କ ଉତ୍କଣ୍ଠା ବଢ଼ିଗଲା। ଭାବିଲେ ପାନ ଦୋକାନୀ ତାହାହେଲେ ସବୁକିଛି ଜାଣିଛି।

ପାନ ଭାଙ୍ଗୁ ଭାଙ୍ଗୁ ଦୋକାନୀ ବୁଢ଼ା ମଉସାଙ୍କ ପରିବାରର ପୂରା ଇତିହାସ ପଢ଼ି ଶୁଣାଇଲେ। ବୁଢ଼ାର ଦୁନିଆ ଜମିବାଡ଼ି। ଗୋଟିଏ ବୋଲି ପୁଅ ଥିଲା। ତା'ର ପାଠପଢ଼ା ପାଇଁ ସବୁ ବିକିଦେଲେ। ପୁଅ ଚାକିରି ପାଇ ଗୁଜରାଟର ଅହମଦାବାଦ ଚାଲିଗଲା। ସେଠି ଫ୍ଲାଟ୍ କିଣିବା ଲାଗି ଗାଁରେ ଯାହା ଜମି ଥିଲା ସବୁ ବିକିଦେଲା। କହିଲା ବାପା ମା'ଙ୍କୁ ଅହମଦାବାଦ ନେଇଯିବ। ମଉସା ମାଉସୀ ତ ଚାହିଁ ବସିଛନ୍ତି। ପୁଅ ତ ଆସୁଛି। ବୁଢ଼ି ରୋଗିଣା ହେଲାଣି। ପୁଅକୁ ନିଜ ବାପାମାଆ ପାଇଁ ମଧ୍ୟ ସମୟ ନାହିଁ। ସେଠି ବାହା ହେଇଯାଇଛି। ଆଉ ବାପା ମାଆଙ୍କୁ କାହିଁକି ପଚାରିବ? ଏମାନେ ଏମିତି ସଢୁଛନ୍ତି। ଗାଁବାଲା କେତେବେଳେ କ'ଣ ସାହାଯ୍ୟ କରୁଛନ୍ତି।

ଦୋକାନୀ ଏମିତି ବର୍ଣ୍ଣନା କରି ଚାଲିଥିବା ବେଳେ ଦେବାଶିଷ ବାବୁ ଅଧୈର୍ଯ୍ୟ ହୋଇପଡ଼ିଲେ। ଇଚ୍ଛା ହେଉ ନଥିଲା ଆଉ ଶୁଣିବାକୁ। ପାନ ଧରି ସେଠାରୁ ଚାଲିଗଲେ। ମନରେ ଭୀଷଣ କଷ୍ଟ। ଆରେ ଆମ ଅବସ୍ଥା ସେମିତି ହେଇଯିବନି ତ? ମନେ ମନେ ପ୍ରଶ୍ନ କରୁଥାଆନ୍ତି ଦେବାଶିଷ ବାବୁ।

କିଛି ଦିନ ପରେ ପେନସନ୍ ଟଙ୍କା ଉଠାଇବାକୁ ଦେବାଶିଷ ବାବୁ ପୋଷ୍ଟ ଅଫିସ୍ ଆସିଥିଲେ। ପୁଣି ସେହି ଦୃଶ୍ୟ। ବୁଢ଼ା ମଉସା ଡାକ ଘର ବାରଣ୍ଡାରେ ବସି ଥଆନ୍ତି। ହାତରେ ପାସ୍‌ବୁକ୍ ଧରି।

ପେନସନ୍ ନେବା ପାଇଁ ଦେବାଶିଷ ବାବୁ ଧାଡ଼ିରେ ଠିଆ ହେଲେ। ସେହି ବୁଢ଼ା ମଉସାଙ୍କୁ ନେଇ କେତେ କ'ଣ ଭାବୁଥିଲେ। ଭଗବାନ, ଏ ବୟସରେ ଏମିତି କଷ୍ଟ ଦେଉଛ କାହିଁକି ? କ'ଣ ଆମର ବି ଏମିତି ଅବସ୍ଥା ହେବ ? ନା ନା । ହେ ଭଗବାନ ରକ୍ଷା କର।

ପେନ୍‌ସନ୍ ଟଙ୍କା ଗଣୁଥିବା ବେଳେ ଦେବାଶିଷ ବାବୁ ଭାବିଲେ; ଆଜି ଏଥିରୁ କିଛି ଟଙ୍କା ବୁଢ଼ା ମଉସାଙ୍କୁ ଦେବି। କିଛି ତ ତାଙ୍କ କାମରେ ଆସିବ। କିନ୍ତୁ କ'ଣ କାହିଁକି ଦେବି। ସିଧା ଦେଲେ ନେବେ କି ନାହିଁ। ନହେଲେ କହିବି ଆପଣଙ୍କ ପୁଅ ପଠାଇଛି।

ଡାହାଣ ହାତ ମୁଠାରେ କିଛି ଟଙ୍କା ରଖି ଦେବାଶିଷ ବାବୁ ବୁଢ଼ା ମଉସା ପାଖକୁ ଗଲେ। ଏତିକି ବେଳେ ପୋଷ୍ଟ ଅଫିସ୍ ଭିତରୁ ପୋଷ୍ଟମ୍ୟାନ୍ ଡାକ ଛାଡ଼ିଲେ; "ମଉସା ଆସ। ତମ ପୁଅ ଟଙ୍କା ପଠାଇଛି।" ଏହା ଶୁଣି ଦେବାଶିଷ ବାବୁ ଚମକି ପଡ଼ିଲେ। ଯାହା ହେଉ ପୁଅ ଟଙ୍କା ପଠାଇଛି।

ପୋଷ୍ଟମ୍ୟାନ୍ ଦୁଇ ତିନି ଥର ଡାକିବା ପରେ ବୁଢ଼ା ମଉସା ପାସ୍‌ବୁକ୍ ଧରି ଭିତରକୁ ଗଲେ। ତାଙ୍କ ପଛେ ପଛେ ଦେବାଶିଷ ବାବୁ ବି ଗଲେ।

ପୋଷ୍ଟମ୍ୟାନ୍ ଗୋଟିଏ କାଗଜରେ ବୁଢ଼ା ମଉସାଙ୍କର ଟିପ ଚିହ୍ନ ନେଇ ଟଙ୍କା ବଢ଼ାଇ ଦେଲେ। ମଉସା ଗଣି ଦିଅ, ପୂରା ପାଞ୍ଚ ହଜାର ଟଙ୍କା ଅଛି। ମଉସା ସେହି ପୋଷ୍ଟମ୍ୟାନ୍ ମୁଣ୍ଡରେ ହାତ ରଖି ଆଶୀର୍ବାଦ ଦେଲେ। ଉପରକୁ ହାତ ଟେକି ପୁଅକୁ ମଧ୍ୟ ଆଶୀର୍ବାଦ ଦେଲେ। ପ୍ରଭୁ ମୋ ପୁଅକୁ ଭଲରେ ରଖି ଥାଅ। ଏତେ ଦୂରରେ ରହି ଆମ ପାଇଁ କେତେ ଚିନ୍ତା କରୁଛି। ଟଙ୍କା ଧରି ବୁଢ଼ା ମଉସା ବାହାରିଗଲେ।

ମଉସାଙ୍କ ଖୁସି ଦେଖି ଦେବାଶିଷ ବାବୁ ବି ଖୁସି ହେଇଗଲେ। ପୋଷ୍ଟମ୍ୟାନ୍ ଆଡ଼କୁ ଚାହିଁ କହିଲେ; ଯାହା ହେଉ ପୁଅ ପଇସା ପଠାଇଲା। ବୁଢ଼ା ଲୋକ କେତେ ହଇରାଣ ହେଉଥିଲେ। ଆପଣଙ୍କ ସେ କାଉଣ୍ଟର ବାବୁ କେତେ ଦୁର୍ବ୍ୟବହାର କରୁଥିଲେ। ଏମିତି କ'ଣ ଠିକ୍? ଯାହାହେଲେ ବି ବାପା ବୟସର ବୁଢ଼ା ଲୋକ।


ଏହି ସମୟରେ ପୋଷ୍ଟମ୍ୟାନ୍ ଦେବାଶିଷ ବାବୁଙ୍କୁ ଗୋଟିଏ କୋଣକୁ ଡାକି ନେଇ କହିଲେ; "ନା ନା ତାଙ୍କ ପୁଅ ଫୁଅ କେହି ଟଙ୍କା ପଠାଇନି। ପାସ୍‌ବୁକ୍ ଖୋଲିଲା ପରେ ତାଙ୍କ ପୁଅ କେବେ କେବେ ଟଙ୍କା ପଠାଉଥିଲା। ଏବେ ଆଉ ପଠାଉନି।"

ବୁଢ଼ା ଲୋକଟି ଏମିତି ହଇରାଣ ହେଉଥିବା ଦେଖି ଆମେ ଅଫିସ୍ ଭିତରେ ଚାନ୍ଦା କରି ଟଙ୍କା ସଂଗ୍ରହ କରିଥିଲୁ। ପୁଅ ନାଁ କହି ତାଙ୍କୁ ଟଙ୍କା ଦେଇଛୁ। ନହେଲେ ମଉସାଙ୍କୁ ଭୀଷଣ କଷ୍ଟ ହୋଇଥାଆନ୍ତା।

ଦେବାଶିଷ ବାବୁ ଉପରକୁ ଅନାଇ ପ୍ରଭୁଙ୍କୁ ଧନ୍ୟବାଦ ଦେଇ କହିଲେ, "ମାନବିକତା ଏବେ ବି ବଞ୍ଚିଛି।"

# ଆଧୁନିକ ଓଡ଼ିଆ ଗଳ୍ପର ଜନକ ଫକୀରମୋହନ

ଡକ୍ଟର ସଂଘମିତ୍ରା ମିଶ୍ର



କଥା ସମ୍ରାଟ ଫକୀର ମୋହନ ସେନାପତି ଆଧୁନିକ ଓଡ଼ିଆ ସାହିତ୍ୟର ଯୁଗ ପ୍ରବର୍ତ୍ତକ । ସେ ଥିଲେ ଏଜାତିର କର୍ଣ୍ଣଧାର, ସାମାଜିକ ଜୀବନର ନିଚ୍ଛକ ରୂପକାର ଏବଂ ଓଡ଼ିଆ ଭାଷା ଆନ୍ଦୋଳନର ଯୋଦ୍ଧୃ ସେନାପତି। ଓଡ଼ିଆ ଭାଷାର ଘୋର ସଙ୍କଟ କାଳରେ ଲେଖନୀ ରୂପକ ଅସ୍ତ୍ର ଧରି ଏ ଜାତିକୁ ଦେଇଥିଲେ ନୂତନ ପରିଚୟ । ଏହି ସଂକ୍ରାନ୍ତି ପୁରୁଷ ଥିଲେ ଏକାଧାରରେ ଜଣେ କଥାକାର, ଅନୁବାଦକ, ଜୀବନୀ ସାହିତ୍ୟର ରଚୟିତା, କବି, ପାଠ୍ୟ ପୁସ୍ତକ ପ୍ରଣେତା ଓ ସମ୍ପାଦକ।

୧୮୪୩ ମସିହା ଜାନୁୟାରୀ ୧୩ ତାରିଖ ମକର ସଂକ୍ରାନ୍ତି ଦିନ ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁର ଗ୍ରାମରେ ବ୍ୟାସକବିଙ୍କ ଜନ୍ମ ହୋଇଥିଲା। ତାଙ୍କ ପିତାଙ୍କ ନାମ ଲକ୍ଷ୍ମଣ କୁମାର ସେନାପତି ଓ ମାତା ତୁଳସୀ ଦେବୀ। ଅତ୍ୟନ୍ତ ଛୋଟ ଦିନରୁ ପିତା ମାତାଙ୍କୁ ହରେଇ ଠାକୁର ମା' କୋଚିଲା ଦେଈଙ୍କ ଦ୍ୱାରା ପାଳିତ ହୋଇଥିଲେ । ତାଙ୍କ ନାଁ ଥିଲା ବ୍ରଜ ମୋହନ। ସେ ପିଲା ବେଳେ ଖୁବ୍ ରୋଗୀଣା ଥିଲେ ବୋଲି ତାଙ୍କୁ ପୀର ବାବାଙ୍କଠାରେ ପିତାମହୀ ବିକ୍ରି କରି ଦେଇଥିଲେ। ତେଣୁ ସେ ଫକୀର ମୋହନ ନାଆଁରେ ପରିଚିତ ହେଲେ। ମାତ୍ର ତେର ବର୍ଷ ବୟସରେ ଲୀଳାବତୀଙ୍କୁ ବିବାହ କରିଥିଲେ। ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ କୃଷ୍ଣା କୁମାରୀଙ୍କୁ ସେ ଦ୍ୱିତୀୟ ବିବାହ କରିଥିଲେ। ପତ୍ନୀ କୃଷ୍ଣା କୁମାରୀଙ୍କ ପାଇଁ ସରଳ ଭାଷାରେ 'ରାମାୟଣ', 'ମହାଭାରତ' ଓ 'ଶ୍ରୀମଦ୍ ଭଗବତ ଗୀତା' ଅନୁବାଦ କରିଥିଲେ । ତାଙ୍କ ଅଜସ୍ର ଅନୁବାଦ ସାହିତ୍ୟ ପାଇଁ ସେ ବ୍ୟାସକବି ଭାବରେ ପରିଚିତ।

ଫକୀର ମୋହନ ଯେତେବେଳେ ମାତ୍ର ନଅ ବର୍ଷର, ସେତେବେଳେ ବଡ଼ବାପାଙ୍କ ସହ ଜାହାଜର ଅଖାଳ ସିଲେଇ କରି ଉପାର୍ଜନ କରୁଥିଲେ । ଅର୍ଥାଭାବରୁ ଅଧିକ ପଢ଼ି ନ ପାରି ଶିକ୍ଷକତାକୁ ବୃତ୍ତି ଭାବରେ ଗ୍ରହଣ କରିଥିଲେ, କିନ୍ତୁ ନିଜର ଅଧ୍ୟବସାୟ ବଳରେ ସଂସ୍କୃତ, ଇଂରାଜୀ, ଉର୍ଦ୍ଦୁ ପ୍ରଭୃତି ଭାଷାରେ ଗଭୀର ପ୍ରବେଶ ଥିଲା। ଇତିହାସ, ଭୂଗୋଳ, ଗଣିତର ପାଠ୍ୟ ପୁସ୍ତକ ସେ ରଚନା କରିଥିଲେ। ସେ ତତ୍କାଳୀନ କଲେକ୍ଟର ବିଦ୍ୱାନ ଜନ୍ ବୀମ୍‌ସଙ୍କ ସାହଚର୍ଯ୍ୟ ପାଇଥିଲେ । ପରବର୍ତ୍ତୀ ଜୀବନରେ ଶିକ୍ଷକତା ଛାଡ଼ି ନୀଳଗିରି ଡମପଡ଼ା, ଢେଙ୍କାନାଳ, ପାଲଲହଡ଼ା, ଦଶପଲ୍ଲା ପ୍ରଭୃତି ଜାଗାରେ ଦେୱାନ୍ ଭାବରେ କର୍ମମୟ ଜୀବନ ବିତେଇ ସାଧାରଣ ମଣିଷଙ୍କ ଜୀବନର ଅଜସ୍ର ଅନୁଭୂତି ଓ ଅଭିଜ୍ଞତା ସାଉଁଟି ଥିଲେ, ଯାହା ସାରସ୍ୱତ ଯାତ୍ରାରେ ଗଳ୍ପ ଓ ଉପନ୍ୟାସରେ ଜୀବନ୍ତ ରୂପ ପାଇଥିଲା ।

କଥା ସମ୍ରାଟ ଫକୀର ମୋହନ ତାଙ୍କ ସାରସ୍ୱତ ଯାତ୍ରାରେ ଅଜସ୍ର କାଳଜୟୀ ସୃଷ୍ଟି ଓଡ଼ିଆ ଭାଷା ସାହିତ୍ୟକୁ ଉପହାର ଦେଇ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି, ସେ ଗୁଡ଼ିକ ହେଲା କବିତା – 'ପୁଷ୍ପ ମାଳା', 'ଉପହାର', 'ଅବସର ବାସରେ', 'ପୂଜା ଫୁଲ', 'ଧୂଳି', 'ବୌଦ୍ଧାବତାର କାବ୍ୟ' । ଚାରିଟି ଉପନ୍ୟାସ ହେଲା – 'ଛ' ମାଣ ଆଠ ଗୁଣ୍ଠ', 'ଲଛମା', 'ମାମୁଁ' ଓ 'ପ୍ରାୟଶ୍ଚିତ' । 'ରେବତୀ', 'ରାଣ୍ଡିପୁଅ ଅନନ୍ତା', 'ପେଟେଣ୍ଟ ମେଡିସିନ୍', 'ଧୂଳିଆ ବାବା', 'ଗାରୁଡ଼ି ମନ୍ତ୍ର', 'ଡାକ ମୁନସୀ' ପ୍ରଭୃତି କୋଡ଼ିଏଟି କାଳଜୟୀ ଗଳ୍ପକୁ ନେଇ ଗଳ୍ପ ସ୍ୱଳ୍ପ ୧ ମ ଓ ୨ୟ ଭାଗ ୧୯୧୭ ମସିହାରେ ପ୍ରକାଶିତ । ଏତଦ୍ ବ୍ୟତୀତ ତାଙ୍କ 'ଆତ୍ମଜୀବନୀ ଚରିତ', 'ଉତ୍କଳ ଭ୍ରମଣ', ପ୍ରବନ୍ଧ – 'କବି ଗୋପାଳ କୃଷ୍ଣ', 'ନେପୋଲିୟନ୍ ବୋନାପାର୍ଟ' ଓ 'ଉତ୍କଳ ଭାଷାର ଭୂତ ଭବିଷ୍ୟତ' ତଥା ରମ୍ୟ ରଚନା 'ନନାଙ୍କ ପାଞ୍ଜି', 'ରାମାୟଣ', 'ମହାଭାରତ', 'ଉପନିଷଦ' ଓ 'ଭଗବଦ୍ ଗୀତା' ର ଅନୁବାଦ ତଥା ଅନେକ ପାଠ୍ୟ ପୁସ୍ତକ ।

ସେ ଥିଲେ ଆଧୁନିକ ଓଡ଼ିଆ ଗଳ୍ପର ଜନକ। ୧୯୯୮ ମସିହା ନାରୀ ଶିକ୍ଷାର ସଂଘର୍ଷକୁ ନେଇ ରଚିତ 'ରେବତୀ' ଗଳ୍ପ କେବଳ ଗୋଟିଏ ଗଳ୍ପ ନୁହେଁ, ବରଂ ଆଜିର କଥା ସାହିତ୍ୟ ପାଇଁ ସମଗ୍ର ନାରୀ ଜାତିର ଏକ ପ୍ରତିନିଧି । ସେ ଥିଲେ ଦରଦୀ ମଣିଷର ସ୍ୱର, ଜଣେ ସମାଜ ସଂସ୍କାରକ। ତାଙ୍କ କଥା ସାହିତ୍ୟ ଚରିତ୍ରର ଚାରୁ ଚିତ୍ରଶାଳା। ଯେଉଁ ଜୀବନର ସଂଘର୍ଷ, ଯେଉଁ ଆମ ଆଖପାଖର ମଣିଷର ଅଶ୍ରୁ ଓ କାରୁଣ୍ୟ, ଯେଉଁ ଗାଁ ମାଟିର କଥା ଦେଖି ମଧ୍ୟ ଦେଖି ପାରି ନ ଥିଲୁ ସେ ପ୍ରଥମେ ସାହିତ୍ୟରେ ନିଜ ଭାଷାରେ ଲେଖି ଦେଖେଇ ଦେଲେ ଯେ ମାଟିର ଲୋକ ଓ ମାଟିର କଥା ସବୁଠୁ ବେଶି ସୁନ୍ଦର। ତାଙ୍କ ହାସ୍ୟରସ ଓ ଗଦ୍ୟରୀତିର ପଟାନ୍ତର ନାହିଁ ।

ଫକୀର ମୋହନ ଓଡ଼ିଆ ଭାଷା ଆନ୍ଦୋଳନର ବିଦ୍ରୋହୀ ସେନାପତି। ବାଲେଶ୍ୱରରେ ସେ ଉତ୍କଳ ପ୍ରେସ୍ ସ୍ଥାପନା କରି 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା' ନାମରେ ଦୁଇଟି ପତ୍ରିକାର ନିଜ ସମ୍ପାଦନାରେ ପ୍ରକାଶିତ କରିଥିଲେ। ବାଲେଶ୍ୱରରେ ଛାପାଖାନା ବସେଇ ଥିଲେ। ସେ ଥିଲେ ଆଧୁନିକ ଗଳ୍ପର ଜନକ, ଓଡ଼ିଆ ନବ ଜାଗରଣର ଆଲୋକ ବର୍ତ୍ତିକା, ଆଧୁନିକତାର ଯୁଗ ପ୍ରବର୍ତ୍ତକ । ସେ ହିଁ ଯଥାର୍ଥରେ ଓଡ଼ିଆ ଅସ୍ମିତାର କାଳଜୟୀ ରୂପକାର। ମାତୃଭାଷା ଓ ମାତୃଭୂମି ପ୍ରତି ଅବହେଳା ଓ ଦୁର୍ଦ୍ଦଶା ଦେଖି ତାଙ୍କ ପ୍ରାଣ ବିକଳ ହୋଇ ଯାଉଥିଲା । ନିର୍ଭୀକ, ଜାତିପ୍ରେମୀ ଫକୀର ମୋହନ ନିଜ ମାଟି ଓ ଭାଷା ପାଇଁ ଲେଖିଥିଲେ -

"ପଢ଼ିଲି ନାନା ଦେଶ ଭାଷା
କାହିଁ ତ ନ ପୂରିଲା ଆଶା
ହେଉ ପଛକେ ସେ ନିକୃଷ୍ଟ
ମୋ ମାତୃଭାଷା ମତେ ଶ୍ରେଷ୍ଠ।"

ଯୋଗଜନ୍ମା ଫକୀର ମୋହନ ଯାବତୀୟ ବିପଦ, ପ୍ରତିରୋଧ, ଦାରିଦ୍ର୍ୟର କଷାଘାତରେ ହାରି ଯାଇ ନାହାନ୍ତି କି ତାଙ୍କ ପ୍ରତିଭା ମ୍ଳାନ ପଡ଼ି ଯାଇ ନାହିଁ, ବରଂ ଶତ ସୂର୍ଯ୍ୟର ଜ୍ୟୋତି ନେଇ ପରବର୍ତ୍ତୀ ପିଢ଼ିଙ୍କୁ ବାଟ ଦେଖାଉ ଅଛନ୍ତି ।

ଅଧ୍ୟାପିକା, ଓଡ଼ିଆ ବିଭାଗ
ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ, ବରଗଡ଼
ଜି: ବରଗଡ଼-୭୬୮୦୨୮

# ସର୍ତ୍ତ

ବାଦଲ ମହାନ୍ତି



ଆଉ କିଛି ରଙ୍ଗ କି ଚିହ୍ନର ପୋଷ୍ଟର
ମାରନି ଆମ ଗାଁ କାନ୍ଥରେ
ତମ ଉନ୍ନତି, ପ୍ରଗତି ଓ ବିକାଶର ତୁତୁମା
ଢେର୍ ତୁତୁମିଲୁ ଆମେ।
ଦେଶ ଦେଶ କହି
ଆଉ ଦେଶାନ୍ତରୀ କରନା କି
ଆମ ସବୁଜ ଗାଁକୁ
ଆଉ ଧୂସର କରନା ସାଆନ୍ତେ ।

ଦେଶର ଆତ୍ମା ଆଉ କାହିଁ ଗାଁରେ?
କିଛି ନହେଲା ନାହିଁ
ବର୍ଷକୁ ଥରେ
ହଉ, ଅଷ୍ଟମ ପ୍ରହରୀଟେ
ତମେ ଆଉ ଆସନି ଆମ ଗାଁକୁ
ତମ ଭୋଟ ତମକୁ ମିଳିଯିବ
ତମରି ଚିହ୍ନରେ ।

ଭୁବନେଶ୍ୱରକୁ ଆଣି ପାରୁନି
ମୁଁ ମୋ ବୟାନବେ ବର୍ଷର ବୋଉକୁ
କି ତା' ଭଲ ମନ୍ଦ ବୁଝିବା ପାଇଁ
ଯାଇ ପାରୁନି ଗାଁକୁ ।

ଅସହଣି ହେଲାଣି ଦରଦାମ ବୃଦ୍ଧି
ବସିଲେ ଟ୍ୟାକ୍ସ, ଉଠିଲେ ଟ୍ୟାକ୍ସ
ଆଉ କେତେ ନେଲେ
ଶାନ୍ତି ହେବେ ଆପଣ?

ନିଜ ମାଆ କଥା ବୁଝିହଉନି ଠିକ୍‌ରେ
ଦେଶ କଥା ବୁଝିବା ପାଇଁ
ଆଉ ବଳ ଅଛି ଅଣ୍ଟାରେ?

ଜୀବ ଥିଲେ ଲୋଭ ଅଛି
ଆଖିବୁଜି ଦିନେ
ବୁଲଡୋଜର୍ ଚଳେଇ ଦିଅ
ପିଲାଛୁଆଙ୍କ ସମେତ
ଆମ ଘର ଉପରେ
ଆମେ ଶାନ୍ତିରେ ଶୋଇଥିବା ବେଳେ ।


ଥିବୁ ଯେ ସର୍ତ୍ତ ବାଡ଼ିବୁ
ତମ ନରମ ପାଦପଦ୍ମ
ରାସ୍ତାକୁ ବାହାରିଲା ମାତ୍ରକେ
ଫୁଲ ବିଛାଇ ଦେଉଛନ୍ତି, ଫୁଜିପତିଏ
କାହିଁ ଏତେ କଲବଲ କରୁଛ ଆମକୁ?

ସୁଖରେ ନିଷ୍କଣ୍ଟକ ରାଜ ସିଂହାସନ
ଭୋଗ ହେ ସାଆନ୍ତେ
କାହିଁ ଘାଣ୍ଟି ହେଉଛ
ଏଇ ଭୋଆଟ ଖଣ୍ଡିକ ପଛରେ?

ପ୍ଲଟ ନଂ : ୫୧୩, ନୂଆସାହି,
ନୟାପଲ୍ଲୀ
ଭୁବନେଶ୍ୱର-୧୨
ମୋ : ୯୭୭୮୦୩୫୭୬୭

# ନିରୁଦ୍ଦିଷ୍ଟ

ମହାଦେବ ପ୍ରଧାନ



ଏଥର କିନ୍ତୁ
ଗୋଟେ ଅଟଳ ଝୁଙ୍କରେ
ବାହାରି ଆସିଲି ବହୁଦୂର..

ବାହାରି ଆସିଲି ଅନ୍ଧାରରୁ
ଅବିଶ୍ୱାସରୁ,
ପୁରୁଣା ଖୋଳପା ପରି ବେଢ଼ିଥିବା
ଆଟୋପ, ଆଡ଼ମ୍ବରରୁ ଏକେବାର!


ସାଙ୍ଗରେ ଥିଲା
ତାକୁ ଖୋଜିଯିବାର ଉତ୍କଣ୍ଠା
ପାଇଯିବାର ଉଲ୍ଲାସ,
ଖୁଚୁରାପଇସା ପରି ହାତ ମୁଠାରେ
କଳ୍ପିତ ସ୍ମୃତିରୁ ତା'ର କିଛି ଅଂଶ..

ବାହାରି ଆସିଲି ତ ଦେଖିଲି
ମୁଣ୍ଡ ଉପରେ ରଙ୍ଗଛଡ଼ା ଲୁଗାପରି
ଫିକା ଦିଶୁଛି ଆକାଶ
ମେଳା, ମହୋତ୍ସବରେ
ଲାଗିଥିବା ପୋଷ୍ଟର ପରି
ବାଟ ସାରା ସଜା ହେଇଛି
ଘଟଣ ଅଘଟଣର ରକ୍ତଚିତ୍ର..

ଆଖି ଆଗରେ ଏତେ ଯା' ଆସ,
ଗହଳ ଚହଳ
ତଥାପି; ଉଦଗ୍ର ଇଚ୍ଛାଟେ ହେଇ
ଚାରିଦିଗରୁ ଜାବୁଡ଼ି ଧରିଛି ମୋତେ
ତା' ଅଭାବବୋଧ ଇ' କେବଳ...

ଖୋଜିଲି ତାକୁ ଅବିଚଳ
ଖୋଜିଲି ଆଲୁଅ ଅନ୍ଧାର ଚରାଚର
ସମୁଦ୍ର ବାଲିରେ ହଜିଲା ମୁଦି ପରି
ଉତ୍କଣ୍ଠାର ଅତଳରେ ଅଣ୍ଡାଳୁ ଅଣ୍ଡାଳୁ
ଶେଷରେ ଛୁଇଁଲି
ଗୋଟେ ମୃଦୁ ଭ୍ରାନ୍ତିର ଅନ୍ତଃସ୍ଥଳ!!

ଫେରି ଆସୁ ଆସୁ ଦେଖିଲି
ଲକ୍ଷେ ବିଫଳ ପ୍ରାର୍ଥନା ପରେ
ନିର୍ବାକ ହେଇଯାଉଥିବା ମଣିଷ ପରି
ନୀରବି ଯାଉଛି ସଞ୍ଜ...
ଅନ୍ଧାର ଢେଉରେ ମଳାକଇଁଛ ପେଟ ପରି
ନିରୁଦ୍ଦେଶ୍ୟ ଭାସିଚାଲିଛି ଜହ୍ନ
ଆଉ ଖୋଜିବି କ'ଣ!
ପାଇଗଲି ଉତ୍ତର...




ମୋ: ୮୨୪୯୫୧୬୭୭୫

# ପୁସ୍ତକ ପରିଚୟ

## ଗାନ୍ଧୀ ଦର୍ଶନ ଓ ସାମାଜିକ ପରିବର୍ତ୍ତନ

ଡ. ଅବଶ ପରିଡ଼ା





ବିଶ୍ୱମୁକ୍ତି ପବ୍ଲିକେଶନ୍
ବାଲିସାହି ରୋଡ୍
ଉତ୍ତରା ଶାସନ, ଭୁବନେଶ୍ୱର-୨
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୩୫୦ ଟଙ୍କା

ସାମାଜିକ ପରିବର୍ତ୍ତନରେ ମହାତ୍ମା ଗାନ୍ଧୀଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ନିକଟ ଅତୀତରେ ପ୍ରକାଶ ପାଇଛି ଡକ୍ଟର ଅବଶ ପରିଡ଼ାଙ୍କ ପୁସ୍ତକ 'ଗାନ୍ଧୀ ଦର୍ଶନ ଓ ସାମାଜିକ ପରିବର୍ତ୍ତନ'। ଏହି ପୁସ୍ତକରେ ଗାନ୍ଧିଜୀଙ୍କ ସମାଜ ସଂସ୍କାରକର ଭୂମିକା, ଆଦର୍ଶ ବ୍ୟକ୍ତିତ୍ୱ, ସମସାମୟିକ ସମାଜକୁ ପ୍ରଭାବିତ କରୁଥିବା ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ରଚିତ ପ୍ରବନ୍ଧଗୁଡ଼ିକ ସଂକଳିତ ହୋଇଛି। 'ଜ୍ୟୋତିଷଶାସ୍ତ୍ର ଓ ଗାନ୍ଧୀଙ୍କ ଜାତକ', 'ନେତାଙ୍କ ଶିଷ୍ଟାଚାର ଓ ଗାନ୍ଧୀ ବିଚାର', 'ତ୍ରିବେଣୀ ସଙ୍ଗମ ଓ ଗାନ୍ଧୀଙ୍କ ଚିତା ଭସ୍ମ', 'ପୁଅ ବନାମ ଜ୍ୱାଇଁ', 'ରାଜନୀତିରେ ଅଦରକାରୀ ମହିଳା ସୁରକ୍ଷା ଆଇନ', 'ଭୂତଗପ', 'ଅନ୍ଧ ବିଶ୍ୱାସର ନୂଆ ଏଣ୍ଟୁଡ଼ିଶାଳ' 'ଗଣତନ୍ତ୍ର ଓ ଯୁବ ଭୋଟର' ଆଦି ପ୍ରବନ୍ଧ ଉଚ୍ଚକୋଟୀର ଓ ତଥ୍ୟ ଭିତ୍ତିକ ହୋଇଛି। ଏହି ପୁସ୍ତକର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ।

## ଶୂନ୍ୟଫର୍ଦ୍ଦ

ପୁଷ୍ପାରାଣୀ ପଟେଲ




ବ୍ଲାକ୍ ଇଗଲ୍ ବୁକ୍ସ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ ୨୫୦ ଟଙ୍କା

ଜୀବନ କେବେ ସୁଖ, କେବେ ଦୁଃଖ। ବେଳେ ବେଳେ ଆଞ୍ଜୁଳା ଆଞ୍ଜୁଳା ପ୍ରେମର ଫଲ୍‌ଗୁ ବହି ଯାଏ, ପୁଣି କେବେ ପ୍ରତାରଣାର ଶିକାର ହେବାକୁ ପଡ଼େ। ଜୀବନର ଏଇ ଫେଣ୍ଟି ଭାବ ଉତୁରି ଆସିଛି ପୁଷ୍ପାରାଣୀ ପଟେଲଙ୍କ 'ଶୂନ୍ୟଫର୍ଦ୍ଦ'ର ଗପଗୁଡ଼ିକରେ। ଏହି ପୁସ୍ତକରେ ସଂକଳିତ 'ଶୂନ୍ୟଫର୍ଦ୍ଦ', 'ଗୋଟିଏ ଅସରା ଗପ', 'ପ୍ରେମରଙ୍ଗ', 'ଶିକୁଳି', 'ଜୀବନ ଦୁଇ ଫର୍ଦ୍ଦର', 'ଜୀବନ ପରୀକ୍ଷା', 'ପ୍ରେମଗଛ', 'କଳି କାଳରେ ଲେଖନୀ', 'ପ୍ରିୟତମଙ୍କୁ ଚିଠିଟିଏ' ଆଦି ଗପଗୁଡ଼ିକ ମନଛୁଆ ହୋଇଛି। ଏହି ପୁସ୍ତକର ଅଧିକାଂଶ ଗପରେ ମାନବୀୟ ପ୍ରେମ, ମଣିଷର ଅସହାୟତା, ସାଂପ୍ରତିକ ସମାଜର ବାସ୍ତବତା, ସମାଜର ସ୍ୱାର୍ଥପର ଚରିତ୍ରଙ୍କ ମନୋଭାବ ପ୍ରତିଫଳିତ ହୋଇଛି। ପ୍ରେମର ଶାଶ୍ୱତ ଅନୁଭବକୁ ନେଇ 'ପ୍ରେମରଙ୍ଗ' ଗଳ୍ପର କାହାଣୀ ଗତିଶୀଳ ହୋଇଛି। ନିଆରା କାହାଣୀ, ନିରାଡ଼ମ୍ବର ଶୈଳୀ, ସରଳ ଓ ବୋଧଗମ୍ୟ ଭାଷା ଯୋଗୁଁ ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। 'ଶୂନ୍ୟଫର୍ଦ୍ଦ'ର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ।

## ବଡ଼ବାପାଙ୍କୁ ପିଟିପିଟି ମାରିଦେଲା ପୁତୁରା

କରଞ୍ଜିଆ,୧୦।୧(ସମିସ): କରଞ୍ଜିଆ ଥାନା ଅଧୀନ କରଡ଼ିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମାନସିକ ବିକାରଗ୍ରସ୍ତ ପୁତୁରା ଏକ ଠେଙ୍ଗାରେ ପିଟିପିଟି ବଡ଼ବାପାଙ୍କୁ ହତ୍ୟା କରିଛି। ଏପରିକି ହତ୍ୟା କରିବା ପରେ ମୃତଦେହକୁ ଦୀର୍ଘ ସମୟ ଧରି ଜଗି ରହିଥିଲା। ମୃତକ ହେଲେ, ପଟକ ନାଏକ(୪୮)। ପୁଲିସ ଅଭିଯୁକ୍ତ ପୁତୁରା ପପୁ ନାଏକ(୨୫)ଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।



ସୂଚନା ମୁତାବକ, ଶନିବାର ଅପରାହ୍ଣରେ ପଟକ ଖାଇ ପିଇ ଘରେ ଶୋଇଥିଲେ। ସେହି ସମୟରେ ପପୁ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ପାହାର ପରେ ପାହାର ପକାଇ ଚାଲିଥିଲା। ଫଳରେ ପଟକଙ୍କର ସେହିଠାରେ ହିଁ ମୃତ୍ୟୁ ଘଟିଥିଲା। କିନ୍ତୁ ପପୁ ସେଠାରୁ ନଯାଇ ପଟକଙ୍କ ଶବକୁ ଦୀର୍ଘ ସମୟ ଧରି ଜଗି ବସିଥିଲା। ସାହିପଡ଼ିଶା ଘଟଣାସ୍ଥଳରେ ପହଞ୍ଚି ପଟକଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ବିଧିବଦ୍ଧ ଭାବେ ମୃତ ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ, ତିନିଦିନ ତଳେ କୁଶପଦା ଅଞ୍ଚଳରେ ସମାନଧରଣର ଏକ ଅଘଟଣ ଘଟିଥିଲା। ଜଣେ ମାନସିକ ବିକାରଗ୍ରସ୍ତ ଯୁବକ ତା' ବାପା ସମେତ ପଡ଼ୋଶୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିଲା।

## ୨୮ରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା

କଟକ,୧୦।୧(ସମିସ):ଆସନ୍ତା ୨୮ ତାରିଖରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା-୨୦୨୫ ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଆଜି ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ପାଇଁ ସୂଚୀ ଜାରି କରାଯାଇଛି। ପରୀକ୍ଷା ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ (୩ ଘଣ୍ଟା) ଚାଲିବ। ଉଭୟ ଷ୍ଟେଜ୍-୧ ଏବଂ ଷ୍ଟେଜ୍-୨ ପରୀକ୍ଷା ପାଇଁ ଗୋଟିଏ ସିଟିଂରେ ପରୀକ୍ଷା କରାଯିବ। ସୂଚନାଯୋଗ୍ୟ ଯେ, ୨୦୨୫ ଡିସେମ୍ବର ୧୨ରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଏହି ପରୀକ୍ଷା ପାଇଁ ଆବେଦନ ଆହ୍ୱାନ କରାଯାଇଥିଲା। ପରୀକ୍ଷା ସମ୍ପର୍କିତ ଅଧିକ ସୂଚନା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବୋର୍ଡର ଅଫିସିଆଲ୍ ୱେବସାଇଟ୍ ପରିଦର୍ଶନ କରିପାରିବେ ବୋଲି କୁହାଯାଇଛି।

## ଇଭି ଶୋ'ରୁମ୍‌ରେ ଅଗ୍ନିକାଣ୍ଡ

### ୬୦ ଲକ୍ଷର ୩୨ ଗାଡ଼ି ପୋଡ଼ି ପାଉଁଶ

ବାରିପଦା, ୧୦।୧(ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ବାରିପଦା ସହରର ଦାରୋଗାଡ଼ାହିଠାରେ ଥିବା ଏକ ଇଭି ଗାଡ଼ି ଶୋ'ରୁମ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ କେହି ମୃତାହତ ହୋଇନଥିଲେ ହେଁ ୩୨ଟି ଗାଡ଼ି ପୋଡ଼ି ପାଉଁଶ ହୋଇଯାଇଛି। ସୋ'ରୁମ ମାଲିକ କମଲ ଜେନାଙ୍କ କହିବାନୁଯାୟୀ ଇନଭର୍ଟର୍ ବ୍ୟାଟେରୀ ବିସ୍ଫୋରଣ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମବାହିନୀ ଦୁଇଟି ଦମକଳ ସହିତ ପହଞ୍ଚି ୨ଘଣ୍ଟା ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ଶୋ'ରୁମ୍‌ରେ



୩୨ଟି ଗାଡ଼ି ସହ ଅନ୍ୟାନ୍ୟ ଆସବାବପତ୍ର ଓ ଦରକାରୀ କାଗଜପତ୍ର ଜଳିଯାଇଛି। କ୍ଷୟକ୍ଷତିର ପରିମାଣ ୬୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି କମଲ କହିଛନ୍ତି।

---

III-14

## ଓଡିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ
(ଶିଳ୍ପ ସମ୍ପର୍କିତ ପ୍ରକଳ୍ପ)

### ଅଧିସୂଚନା

ନମ୍ବର : ୧୨୦୦ ତାରିଖ: ୦୧.୧୨.୨୦୨୫

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଢେଙ୍କାନାଳ ଜିଲ୍ଲାର ଏମ/ଏସ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ / ନିର୍ମାଣ ନିମନ୍ତେ ମୌଜା- ତର୍କାବେଡ଼ା, ଥାନା- ବାଲିମି ନଂ-34, ତହସିଲ-ହିନ୍ଦୋଳ, ଜିଲ୍ଲା-ଢେଙ୍କାନାଳରେ ନିମ୍ନ ତଫସିଲ ମତେ ପ୍ରାୟ ଏ: 34.9640 ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାଯୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନା ଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ : - ଏମ/ଏସ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ :- IDCO (ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ)

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : -

For Installation and Expansion of M/s Rungta Mines Ltd, Dhenkanal Steel Plant of Phase-II., ଏମ/ଏସ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ।

୪. ସାମାଜିକ ପ୍ରଭାବ ମୂଲ୍ୟାଙ୍କନର ସାରାଂଶ :- ଏଥି ସହିତ ସଂଲଗ୍ନ କରାଯାଇଛି ଏଥି ସହିତ ସଂଲଗ୍ନ କରାଯାଇଛି

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ :- ଉପ ଜିଲ୍ଲାପାଳ, ହିନ୍ଦୋଳ

୬. ଜମିର ବିବରଣୀ:- ଏଥି ସହିତ ସଂଲଗ୍ନ କରାଯାଇଛି

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଏମ୍/ଏସ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୋଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାଯୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩: ର ଧାରା ୧୫ ର ବ୍ୟବସ୍ଥା ଅନୁଯାୟୀ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଢେଙ୍କାନାଳ

**ମୌଜା: ତର୍କାବେଡା, ତହସିଲ- ହିନ୍ଦୋଳ, ଥାନା- ବାଲିମି-୩୪, ଜିଲ୍ଲା - ଢେଙ୍କାନାଳ, ମୋଟ ରକବା - ଏ ୩୪.୯୬୪**

| କ୍ରମିକ ନଂ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ଅକ୍ଷୟ ପାଣିଗ୍ରାହୀ, ପି- ଭୁବନେଶ୍ୱର ପାଣିଗ୍ରାହୀ, ଜା- ବ୍ରାହ୍ମଣ, ବା- ବେଲୁଆଁପାଳ । | ୨ | ୬୮ | ଦଲଇ- ୨ | ୦.୧୨୦ | ୦.୧୨୦ | |
| ୨ | | ୨ | ୬୯ | ଦଲଇ- ୨ | ୦.୫୮୦ | ୦.୫୮୦ | |
| ୩ | | ୨ | ୮୦ | ଦଲଇ- ୨ | ୦.୩୯୦ | ୦.୩୯୦ | |
| ୪ | ଅଶ୍ୱତ୍ଥାମା ଜେନା, ପ୍ରଭାକର ଜେନା, ଦିବାକର ଜେନା, ପି- ଲିଙ୍ଗରାଜ ଜେନା, ଉପେନ୍ଦ୍ର ଜେନା, ପି- ମୋହନ ଜେନା, ଜା- ଚଷା, ବା- ଠିକର୍ଗାଁ । | ୩ | ୩୦୪ | ଦଲଇ- ୨ | ୦.୧୨୦ | ୦.୧୨୦ | |
| ୫ | | ୩ | ୩୦୫ | ଶାରଦ-୩ | ୦.୨୧୦ | ୦.୨୧୦ | |
| ୬ | | ୩ | ୩୦୬ | ପତିତ | ୦.୯୮୦ | ୦.୯୮୦ | |
| ୭ | | ୩ | ୩୦୭ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୮ | | ୩ | ୩୦୮ | ଶାରଦ-୩ | ୦.୦୯୦ | ୦.୦୯୦ | |
| ୯ | | ୩ | ୩୧୦ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୧୦ | | ୩ | ୩୧୧ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୧୧ | | ୩ | ୩୧୩ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୧୨ | | ୩ | ୩୨୬ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୧୩ | | ୩ | ୩୦୬/୫୨୦୮ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୧୪ | ଅଲି ବେଷ୍ଠା, ସ୍ୱା- ଲୋକନାଥ ଦାସ, ଚେଣ୍ଟ ଦାସ, ବୃଟିଆ ଦାସ, ମାଳୁଲି ଦାସ, ରମେଶ ଦାସ, ଆଦର ଦେଇ, ପି- ଲୋକନାଥ ଦାସ, ବଂଶୀ ଦାସ, ପି- ନିର୍ମଳ ଦାସ, ଜା- ଗଉଡ, ବା- ବେଲୁଆଁପାଳ । | ୧୪ | ୫୯ | ଦଲଇ- ୨ | ୦.୧୪୦ | ୦.୧୪୦ | |
| ୧୫ | | ୧୪ | ୬୩ | ଶାରଦ-୩/୪ | ୦.୧୫୦ | ୦.୧୫୦ | |
| ୧୬ | ଲକ୍ଷ୍ମଣ ସାହୁ, ଗଣିଆଁ ସାହୁ, ପି- ଅଧିକାରୀ ସାହୁ, ଜା- ଚଷା, ବା - ଠିକର୍ଗାଁ । | ୨୩ | ୮୦୪ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୧୭ | | ୨୩ | ୮୨୨ | ଶାରଦ-୩/୨ | ୦.୧୦୦ | ୦.୧୦୦ | |
| ୧୮ | କିଶା ଦେହୁରୀ, ପି- ଗଦା ଦେହୁରୀ, ଜା- ଚଷା, ବା- ବେଲୁଆଁପାଳ । | ୪୪ | ୬୪ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୧୯ | | ୪୪ | ୬୫ | ଶାରଦ-୩ | ୦.୨୮୦ | ୦.୨୮୦ | |
| ୨୦ | | ୪୪ | ୬୧ | ଶାରଦ-୨/୩ | ୦.୨୦୦ | ୦.୨୦୦ | |
| ୨୧ | | ୪୪ | ୬୬ | ଶାରଦ-୩/୨ | ୦.୨୩୦ | ୦.୨୩୦ | |
| ୨୨ | | ୪୪ | ୬୧/୫୨୯୮ | ଶାରଦ-୩ | ୦.୨୦୦ | ୦.୨୦୦ | |
| ୨୩ | ଶଶି ସାହୁ, ପି- ନନ୍ଦ ସାହୁ, ଜା- ଚଷା, ବା- ଠିକର୍ଗାଁ । | ୫୮ | ୮୧୩ | ଶାରଦ-୩ | ୦.୨୫୦ | ୦.୨୫୦ | |
| ୨୪ | ଶଶି ରାଉତ, ପି- କାଶି ରାଉତ, ଜା- ଗଉଡ, ବା- ଠିକର୍ଗାଁ । | ୫୯ | ୨୨୪ | ଶାରଦ-୨ | ୦.୩୦୦ | ୦.୩୦୦ | |
| ୨୫ | | ୫୯ | ୨୨୬ | ଶାରଦ-୨ | ୦.୦୫୦ | ୦.୦୫୦ | |
| ୨୬ | | ୫୯ | ୨୮୨ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୨୭ | ଗଙ୍ଗାଧର ଜେନା, ପି- ଚିନ୍ତାମଣି ଜେନା, ଚକ୍ରଧର ଜେନା, ପି- ଦୁର୍ଲଭ ଜେନା, ବଙ୍କା ଜେନା, ବୈରାଗି ଜେନା, ରଥୁଆ ଜେନା, ରଘୁ ଜେନା, ପି- ରାଉତରା ଜେନା, ଗୁଣ୍ଡଳ ବେଷ୍ଠା, ସ୍ୱା- ରାଉତରା ଜେନା, ସାବିଲା ଜେନା, ମୁକ୍ତିଆ ଜେନା, ପି- ଦ୍ୱାତିଆ ଜେନା, ଜା- ଚଷା, ବା- ଠିକର୍ଗାଁ । | ୬୨ | ୩୧୪ | ଶାରଦ-୩ | ୦.୧୫୦ | ୦.୧୫୦ | |
| ୨୮ | | ୬୨ | ୩୧୫ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୨୯ | | ୬୨ | ୩୧୬ | ଶାରଦ-୩/୨ | ୦.୦୨୦ | ୦.୦୨୦ | |
| ୩୦ | | ୬୨ | ୩୧୭ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୩୧ | | ୬୨ | ୩୧୮ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୩୨ | | ୬୨ | ୩୧୯ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୩୩ | | ୬୨ | ୩୨୦ | ପତିତ | ୦.୦୪୦ | ୦.୦୪୦ | |
| ୩୪ | | ୬୨ | ୩୨୧ | ଶାରଦ-୨ | ୦.୦୫୦ | ୦.୦୫୦ | |
| ୩୫ | | ୬୨ | ୩୨୨ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୩୬ | | ୬୨ | ୩୨୩ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୩୭ | | ୬୨ | ୮୦୩ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୩୮ | | ୬୨ | ୮୦୪ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୩୯ | | ୬୨ | ୮୦୬ | ଶାରଦ-୩ | ୦.୦୩୦ | ୦.୦୩୦ | |
| ୪୦ | ଗୁଣ୍ଡଳ ବେଷ୍ଠା, ସ୍ୱା- ରାଉତରା ଜେନା, ବାଙ୍କ ଜେନା, ବଇରା ଜେନା, ରଥୁଆ ଜେନା, ରଘୁ ଜେନା, ପି- ରାଉତରା ଜେନା, ଜା- ଚଷା, ବା- ଠିକର୍ଗାଁ । | ୬୨ | ୨୧୬ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୪୧ | | ୬୨ | ୩୦୨ | ଶାରଦ-୩/୪ | ୦.୫୫୦ | ୦.୫୫୦ | |
| ୪୨ | | ୬୨ | ୮୨୬ | ଶାରଦ-୩/୩ | ୦.୩୩୦ | ୦.୩୩୦ | |
| ୪୩ | ଗୁଣ୍ଡି ଦେଇ, ପି- ନନ୍ଦ ରାଉତ, ଗୋବିନ୍ଦ ରାଉତ, ପି- ଫକୁ ରାଉତ, ମିଛୁ ରାଉତ, ପି- ହୃଷୀକେଶ ରାଉତ, ଜା- ଗୋପାଳ, ବା- ଠିକର୍ଗାଁ । | ୬୨ | ୨୮୧ | ଶାରଦ-୨ | ୦.୧୧୦ | ୦.୧୧୦ | |
| ୪୪ | ଗତିକୃଷ୍ଣ ପ୍ରଧାନ, ପି- ଗୁଣଧର ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୬୯ | ୮୧୨ | ଶାରଦ-୩ | ୦.୨୦୦ | ୦.୨୦୦ | |
| ୪୫ | | ୬୯ | ୮୧୯ | ଶାରଦ-୩ | ୦.୫୩୦ | ୦.୫୩୦ | |
| ୪୬ | | ୬୯ | ୮୪୪ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୪୭ | ଗୋଲୁକନନ୍ଦ ପ୍ରଧାନ, ଲୋକନାଥ ପ୍ରଧାନ, ସାଧବାଣୀ ଦେଇ, ପି- ରାମକୃଷ୍ଣ ପ୍ରଧାନ, ସ୍ନେହମଣି ବେଷ୍ଠା, ସ୍ୱା- ରାମକୃଷ୍ଣ ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୭୧ | ୮୨୯ | ଶାରଦ-୩ | ୦.୨୮୦ | ୦.୨୮୦ | |
| ୪୮ | | ୭୧ | ୮୫୧ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୪୯ | ଗୋପାଳ ପ୍ରଧାନ, ଚକ୍ରଧର ପ୍ରଧାନ, ପି- ଦେଣୁ ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ, ବିଶ୍ୱନାଥ ଆଠଗଣା ବା ଗୌରି ବେଷ୍ଠା, ସ୍ୱା- ମିଲୁ ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ, ବିଶ୍ୱନାଥ ଆଠଗଣା । | ୨୨ | ୨୨୦ | ଶାରଦ-୩/୩ | ୦.୨୧୦ | ୦.୨୧୦ | |
| ୫୦ | | ୨୨ | ୨୧୮ | ଶାରଦ-୩/୨ | ୦.୧୧୦ | ୦.୧୧୦ | |
| ୫୧ | | ୨୨ | ୨୧୯ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୫୨ | | ୨୨ | ୩୦୦ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୫୩ | | ୨୨ | ୮୪୫ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୫୪ | | ୨୨ | ୮୪୬ | ଶାରଦ-୨ | ୦.୨୫୦ | ୦.୨୫୦ | |
| ୫୫ | | ୨୨ | ୮୪୮ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୫୬ | ଗୌରାଙ୍ଗ ପରିଡା, ପି- କେଳା ପରିଡା, ଜା- ଗଉଡ, ବା- ବେଲୁଆଁପାଳ । | ୭୮ | ୫ | ଶାରଦ-୩/୨ | ୦.୨୮୦ | ୦.୨୮୦ | |
| ୫୭ | | ୭୮ | ୫/୫୨୮୧ | ଘରବାରି | ୦.୨୦୦ | ୦.୨୦୦ | |
| ୫୮ | ଚିର୍ଣ୍ଣ ପ୍ରଧାନ, ରଘୁ ପ୍ରଧାନ, ପି- ବିଶ୍ୱମ୍ବର ପ୍ରଧାନ, ପ୍ରଭାକର ପ୍ରଧାନ, ଦିବାକର ପ୍ରଧାନ, ପି- ଜ୍ଞାନଶଙ୍କର ପ୍ରଧାନ, ଧନେଶ୍ୱର ପ୍ରଧାନ, ପ୍ରହଲ୍ଲାଦ ପ୍ରଧାନ, ପି- ଅକ୍ରୁର ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୦୭ | ୫୫ | ଦଲଇ- ୨ | ୦.୨୩୦ | ୦.୨୩୦ | |
| ୫୯ | | ୧୦୭ | ୭୫ | ଦଲଇ- ୨ | ୦.୩୨୦ | ୦.୩୨୦ | |
| ୬୦ | ଦୁର୍ଯୋଧନ ପ୍ରଧାନ, ଲୋକନାଥ ପ୍ରଧାନ, ଗୁଣ୍ଡିଚା ପ୍ରଧାନ, ପି- ସିଧ ପ୍ରଧାନ, ଉଦ୍ଧବ ପ୍ରଧାନ, ପି- ପୁରୁଷୋତ୍ତମ ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୧୭ | ୫୬ | ଦଲଇ- ୨ | ୦.୨୨୦ | ୦.୨୨୦ | |
| ୬୧ | ଧନେଶ୍ୱର ପ୍ରଧାନ, ପି- ଚକ୍ରଧର ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୨୨ | ୮୨୫ | ଶାରଦ-୩/୪ | ୦.୧୯୦ | ୦.୧୯୦ | |
| ୬୨ | ଧରଣୀଧର ଜେନା, ମାୟାଧର ଜେନା, ଧୁର୍ଜିଅ ଜେନା, ଦୁର୍ଯୋଧନ ଜେନା, ପି- ନକୁଳ ଜେନା, ଜା- ଚଷା, ବା- ଠିକର୍ଗାଁ । | ୧୨୫ | ୨୦୬ | ପତିତ | ୦.୧୦୦ | ୦.୧୦୦ | |
| ୬୩ | | ୧୨୫ | ୨୦୯ | ଶାରଦ-୨ | ୦.୨୪୦ | ୦.୨୪୦ | |
| ୬୪ | | ୧୨୫ | ୨୬୫ | ଶାରଦ-୨ | ୦.୨୦୦ | ୦.୨୦୦ | |
| ୬୫ | | ୧୨୫ | ୩୧୨ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୬୬ | | ୧୨୫ | ୩୨୨ | ଶାରଦ-୩ | ୦.୧୯୦ | ୦.୧୯୦ | |
| ୬୭ | | ୧୨୫ | ୮୧୦ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୬୮ | | ୧୨୫ | ୮୧୧ | ଶାରଦ-୩ | ୦.୨୯୦ | ୦.୨୯୦ | |
| ୬୯ | ଧରଣୀଧର ଜେନା, ମାୟାଧର ଜେନା, ଧୁର୍ଜିଅ ଜେନା, ଦୁର୍ଯୋଧନ ଜେନା, ପି- ନକୁଳ ଜେନା, ରମା ଜେନା, ବାଉରି ଜେନା,କୃପା ଜେନା, ପି- ସହଦେବ ଜେନା, ଭୁଖୁଆ ଜେନା, ପି- ଭୁବନ ଜେନା, ଚକ୍ରଧର ଜେନା, ପି- ଦୁର୍ଲଭ ଜେନା, ବଙ୍କା ଜେନା, ବୈରାଗୀ ଜେନା, ରଥୁଆ ଜେନା, ରଘୁ ଜେନା, ପି- ରାଉତରା ଜେନା, ଗୁଣ୍ଡଳ ବେଷ୍ଠା, ସ୍ୱା- ରାଉତରା ଜେନା, ଗଙ୍ଗା ଜେନା, ପି- ଚିନ୍ତାମଣି ଜେନା, ଅଶ୍ୱତ୍ଥାମା ଜେନା, ପ୍ରଭାକର ଜେନା, ଦିବାକର ଜେନା, ପି- ଲିଙ୍ଗରାଜ ଜେନା, ଉପେନ୍ଦ୍ର ଜେନା, ପି- ମୋହନ ଜେନା, ଜା- ଚଷା, ବା- ଠିକର୍ଗାଁ । | ୧୨୨ | ୮୩୦ (ସ୍ଥି) | ବଗାୟତ- ୨ | ୨.୦୩୦ | ୦.୫୨୪ | |
| ୭୦ | ଧ୍ରୁବା ରାଉତ, ପି- ଅର୍ଜୁଣ ରାଉତ, ଜା- ଗଉଡ, ବା- ବେଲୁଆଁପାଳ । | ୧୩୦ | ୨୨୨ | ଦଲଇ- ୨ | ୦.୧୦୦ | ୦.୧୦୦ | |
| ୭୧ | | ୧୩୦ | ୨୨୨ | ଶାରଦ-୩/୪ | ୦.୧୨୦ | ୦.୧୨୦ | |
| ୭୨ | | ୧୩୦ | ୨୨୮ | ଶାରଦ-୩/୨ | ୦.୫୧୦ | ୦.୫୧୦ | |
| ୭୩ | | ୧୩୦ | ୨୨୫ | ଶାରଦ-୨ | ୦.୨୩୦ | ୦.୨୩୦ | |
| ୭୪ | | ୧୩୦ | ୨୮୨ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୭୫ | | ୧୩୦ | ୮୫୩ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୭୬ | ନରେନ୍ଦ୍ର ପ୍ରଧାନ, ପି- ରାମଚନ୍ଦ୍ର ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୩୩ | ୨୧୪ | ଶାରଦ-୩/୨ | ୦.୪୮୦ | ୦.୪୮୦ | |
| ୭୭ | | ୧୩୩ | ୩୦୧ | ଶାରଦ-୩ | ୦.୪୪୦ | ୦.୪୪୦ | |
| ୭୮ | ନରେନ୍ଦ୍ର ପ୍ରଧାନ, ପ୍ରାଣବନ୍ଧୁ ପ୍ରଧାନ, ପି- ନୀରେନ୍ଦ୍ର ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୩୪ | ୮୫୦ | ଶାରଦ-୩ | ୦.୦୫୦ | ୦.୦୫୦ | |
| ୭୯ | ନାରାୟଣ ପ୍ରଧାନ, ପ୍ରଭୁଦ ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୩୯ | ୮୬୨ | ଶାରଦ-୨ | ୦.୦୩୦ | ୦.୦୩୦ | |
| ୮୦ | | ୧୩୯ | ୮୫୭ | ଶାରଦ-୩ | ୦.୯୨୦ | ୦.୯୨୦ | |
| ୮୧ | ପ୍ରାଣବନ୍ଧୁ ନାୟକ, ନବଘନ ନାୟକ, ପି- ବାଙ୍କୁଲୁ ନାୟକ, ଜା- ଚଷା, ବା- ଠିକର୍ଗାଁ । | ୧୬୩ | ୮୦୯ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୮୨ | | ୧୬୩ | ୮୧୨ | ଶାରଦ-୩/୩ | ୦.୧୪୦ | ୦.୧୪୦ | |
| ୮୩ | ପିତେଇ ପ୍ରଧାନ, ପି- ନିଶ୍ଚେଇ ପ୍ରଧାନ, ଜା- ଖଣ୍ଡ, ବା- ବେଲୁଆଁପାଳ । | ୧୭୫ | ୧ | ଶାରଦ-୩ | ୦.୩୫୦ | ୦.୩୫୦ | |
| ୮୪ | | ୧୭୫ | ୨ | ଶାରଦ-୩/୨ | ୦.୨୨୦ | ୦.୨୨୦ | |
| ୮୫ | | ୧୭୫ | ୩ | ଶାରଦ-୩ | ୦.୨୩୦ | ୦.୨୩୦ | |
| ୮୬ | | ୧୭୫ | ୪ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୮୭ | କାନି ବେଷ୍ଠା, ସ୍ୱା- ଗଙ୍ଗାଧର ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୮୦ | ୮୧୮ | ଶାରଦ-୩ | ୦.୫୫୦ | ୦.୫୫୦ | |
| ୮୮ | ବାନାମ୍ବର ପ୍ରଧାନ, ପି- ଜଗନ୍ନାଥ ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୮୩ | ୮୫୬ | ଶାରଦ-୩ | ୦.୮୩୦ | ୦.୮୩୦ | |
| ୮୯ | ରବିନାରାୟଣ ଜେନା, ସଙ୍କର୍ଷଣ ଜେନା, ଶିବନାରାୟଣ ଜେନା, ପ୍ରମୋଦ କୁମାର ଜେନା, ପି- ଲୋଚନ ଜେନା, ଜା- ଚଷା, ବା- ଠିକର୍ଗାଁ । | ୧୯୬ | ୩୨୪ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୯୦ | | ୧୯୬ | ୮୦୫ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୯୧ | | ୧୯୬ | ୮୦୬ | ଶାରଦ-୩ | ୦.୨୨୦ | ୦.୨୨୦ | |
| ୯୨ | | ୧୯୬ | ୨୧୯(ସ୍ଥି) | ଶାରଦ-୨/୪ | ୦.୩୮୦ | ୦.୦୨୦ | |
| ୯୩ | ମଙ୍ଗୁଳୁ ପ୍ରଧାନ, ପି- ବୃନ୍ଦା ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୧୯୯ | ୮୧୫ | ଶାରଦ-୩/୩ | ୦.୨୫୦ | ୦.୨୫୦ | |
| ୯୪ | ମିଛୁ ରାଉତ, ପି- ହୃଷୁରୁ ରାଉତ, ଜା- ଗଉଡ, ବା- ଠିକର୍ଗାଁ । | ୨୧୦ | ୨୧୯/୫୪୨୦ | ଘରବାରି | ୦.୧୦୦ | ୦.୧୦୦ | |
| ୯୫ | ଉପେନ୍ଦ୍ର ବେହେରା, ପି- ଶ୍ରୀନିବାସ ବେହେରା, ଅଶ୍ୱତ୍ଥାମା ବେହେରା, ହେମନ୍ତ ବେହେରା, ପି- ଜାଳନ୍ଧି ବେହେରା, ଜା- ଗୋପାଳ, ବା- ବେଲୁଆଁପାଳ । | ୨୧୫ | ୨୬୩ | ଶାରଦ-୨ | ୦.୨୫୦ | ୦.୨୫୦ | |
| ୯୬ | | ୨୧୫ | ୨୮୮ | ଶାରଦ-୨/୨ | ୦.୧୩୦ | ୦.୧୩୦ | |
| ୯୭ | ରମା ଜେନା, ବାଉରିଆ ଜେନା, କୃପା ଜେନା, ପି- ସହଦେବ ଜେନା, ଜା- ଚଷା, ବା- ଠିକର୍ଗାଁ । | ୨୧୯ | ୨୪୬ | ପତିତ | ୦.୧୨୦ | ୦.୧୨୦ | |
| ୯୮ | | ୨୧୯ | ୩୨୫ | ଶାରଦ-୩ | ୦.୩୫୦ | ୦.୩୫୦ | |
| ୯୯ | ରଶ୍ମି ଦେଇ, ପି- ମଧୁ ପ୍ରଧାନ, ଜା- ଚଷା, ବା- କୃଷ୍ଣପୁର । | ୨୩୪ | ୮୩୩ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୧୦୦ | | ୨୩୪ | ୮୩୪ | ଶାରଦ-୨ | ୦.୨୨୦ | ୦.୨୨୦ | |
| ୧୦୧ | | ୨୩୪ | ୮୩୫ | ଶାରଦ-୩ | ୦.୪୨୦ | ୦.୪୨୦ | |
| ୧୦୨ | | ୨୩୪ | ୮୩୬ | ଶାରଦ-୨ | ୦.୨୨୦ | ୦.୨୨୦ | |
| ୧୦୩ | | ୨୩୪ | ୮୪୪ | ଶାରଦ-୩/୨ | ୦.୧୨୦ | ୦.୧୨୦ | |
| ୧୦୪ | | ୨୩୪ | ୮୫୫ | ଶାରଦ-୩/୩ | ୦.୨୫୦ | ୦.୨୫୦ | |
| ୧୦୫ | | ୨୩୪ | ୮୨୦ (ସ୍ଥି) | ଶାରଦ-୩/୨ | ୦.୫୪୦ | ୦.୧୮୦ | |
| ୧୦୬ | ହୃଷୀକେଶ ପ୍ରଧାନ, ଗଣେଶ ପ୍ରଧାନ, ଗିରିଧାରୀ ପ୍ରଧାନ, ଚନ୍ଦ୍ରମଣୀ ପ୍ରଧାନ, ପି- ହୃଷୁରୁ ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୨୫୮ | ୨୨୯ | ଶାରଦ-୩ | ୦.୨୧୦ | ୦.୨୧୦ | |
| ୧୦୭ | | ୨୫୮ | ୨୨୨ | ଶାରଦ-୩ | ୦.୩୦୦ | ୦.୩୦୦ | |
| ୧୦୮ | | ୨୫୮ | ୨୭୮ | ଶାରଦ-୩/୨ | ୦.୧୮୦ | ୦.୧୮୦ | |
| ୧୦୯ | | ୨୫୮ | ୨୮୯ | ଦଲଇ- ୨ | ୦.୨୮୦ | ୦.୨୮୦ | |
| ୧୧୦ | | ୨୫୮ | ୨୯୦ | ଦଲଇ- ୨ | ୦.୩୨୦ | ୦.୩୨୦ | |
| ୧୧୧ | | ୨୫୮ | ୨୯୧ | ଶାରଦ-୩/୩ | ୦.୨୧୦ | ୦.୨୧୦ | |
| ୧୧୨ | | ୨୫୮ | ୨୯୨ | ଶାରଦ-୩/୫ | ୧.୦୦୦ | ୧.୦୦୦ | |
| ୧୧୩ | | ୨୫୮ | ୨୯୩ | ଶାରଦ-୩ | ୦.୪୧୦ | ୦.୪୧୦ | |
| ୧୧୪ | | ୨୫୮ | ୨୯୬ | ଶାରଦ-୩ | ୦.୧୩୦ | ୦.୧୩୦ | |
| ୧୧୫ | | ୨୫୮ | ୩୦୩ | ଶାରଦ-୩ | ୦.୩୨୦ | ୦.୩୨୦ | |
| ୧୧୬ | | ୨୫୮ | ୮୧୬ | ଶାରଦ-୩ | ୦.୪୨୦ | ୦.୪୨୦ | |
| ୧୧୭ | | ୨୫୮ | ୮୪୦ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୧୧୮ | | ୨୫୮ | ୮୦୩ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୧୧୯ | | ୨୫୮ | ୮୪୯ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୧୨୦ | ପୁରନ୍ଦର ମାଝୀ, ପି- ବନମାଳୀ ମାଝୀ, ଜା- ଚଷା, ବା- ବେଲୁଆଁପାଳ । | ୨୬୬ | ୬୬ | ଦଲଇ- ୨ | ୧.୦୨୦ | ୧.୦୨୦ | |
| ୧୨୧ | | ୨୬୬ | ୭୮ | ଶାରଦ-୨ | ୧.୫୨୦ | ୧.୫୨୦ | |
| ୧୨୨ | ଲୁଲୁ ବାରିକ, ପି- କାଠି ବାରିକ, ଜା- ଭଣ୍ଡାରି, ବା- ଠିକର୍ଗାଁ । | ୩୫୨ | ୫୯/୫୩୫୧ | ଦଲଇ- ୨ | ୦.୨୦୦ | ୦.୨୦୦ | |
| ୧୨୩ | ଯୋଗିନାଥ ଜେନା, ନରୋତ୍ତମ ଜେନା, ପି- ବୈରାଗି ଜେନା, ଜା- ଚଷା, ବା- ଠିକର୍ଗାଁ । | ୪୨୩ | ୮୩୬ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୧୨୪ | | ୪୨୩ | ୮୪୧ | ଶାରଦ-୨ | ୦.୦୨୦ | ୦.୦୨୦ | |
| ୧୨୫ | | ୪୨୩ | ୮୩୫/୫୨୮୬ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୧୨୬ | ବଙ୍କା ଜେନା, ପି- ରାଉତରା ଜେନା, ଜା- ଚଷା, ବା- ଠିକର୍ଗାଁ । | ୫୦୪ | ୮୩୯ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୧୨୭ | | ୫୦୪ | ୮୩୮/୫୨୦୪ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୧୨୮ | ମଦନ ଦଳେଇ, ପି- ଅଗସ୍ତି ଦଳେଇ, ଜା- କେଉଟ, ବା- ଠିକର୍ଗାଁ । | ୫୧୫ | ୨୦୬୨/୫୨୧୮ | ଘରବାରି | ୦.୦୪୦ | ୦.୦୪୦ | |
| ୧୨୯ | ଭ୍ରମରବର ପ୍ରଧାନ, ସୁଧାକର ପ୍ରଧାନ, ପି- ଗୁଣ୍ଡିଚା ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୫୩୫ | ୫୪ | ଘରବାରି | ୦.୨୨୦ | ୦.୨୨୦ | |
| ୧୩୦ | | ୫୩୫ | ୬୬ | ଦଲଇ- ୨ | ୦.୨୨୦ | ୦.୨୨୦ | |
| ୧୩୧ | | ୫୩୫ | ୬୭ | ଦଲଇ- ୨ | ୦.୧୮୦ | ୦.୧୮୦ | |
| ୧୩୨ | ଚନ୍ଦ୍ର ଦେହୁରି, ପି- ବାୟା ଦେହୁରି, ଜା- ଚଷା, ବା- ଠିକର୍ଗାଁ । | ୫୩୮ | ୮୨୮ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୧୩୩ | ଅକ୍ଷୟ କୁମାର ପାଣିଗ୍ରାହୀ, ପି- ଭୁବନେଶ୍ୱର କୁମାର ପାଣିଗ୍ରାହୀ, ଜା- ବ୍ରାହ୍ମଣ, ବା- ବେଲୁଆଁପାଳ । | ୫୫୨ | ୫୮/୫୨୫୦ | ଦଲଇ- ୨ | ୦.୧୧୦ | ୦.୧୧୦ | |
| ୧୩୪ | ନବ କିଶୋର ଦେହୁରି, ପି- କିଶା ଦେହୁରି, ଜା- ଚଷା, ବା- ବେଲୁଆଁପାଳ । | ୫୫୭ | ୭୩/୫୨୫୩ | ଦଲଇ- ୨ | ୦.୧୨୦ | ୦.୧୨୦ | |
| ୧୩୫ | ଚେଣ୍ଟ ଦାସ, ପି- ଲୋକନାଥ ଦାସ, ଜା- ଗୋପାଳ, ବା- ବେଲୁଆଁପାଳ । | ୫୬୬ | ୬୩/୫୨୬୧ | ଦଲଇ- ୨ | ୦.୨୩୦ | ୦.୨୩୦ | |
| ୧୩୬ | ଉପେନ୍ଦ୍ର ବେହେରା, ପି- ଶ୍ରୀନିବାସ ବେହେରା, ଜା- ଗୋପାଳ, ବା- ବେଲୁଆଁପାଳ । | ୫୮୯ | ୨୬୧ | ଶାରଦ-୩/୪ | ୦.୧୦୦ | ୦.୧୦୦ | |
| ୧୩୭ | ଗୌରହରି ପ୍ରଧାନ, ଶରତ ଚନ୍ଦ୍ର ପ୍ରଧାନ, ପ୍ରିୟନାଥ ପ୍ରଧାନ, ପି- ବାନାମ୍ବର ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୫୯୧ | ୨୬୫/୫୨୯୫ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୧୩୮ | ପ୍ରମିଳା ବେହେରା, ସ୍ୱା- ଉପେନ୍ଦ୍ର ବେହେରା, ଜା- ଗୋପାଳ, ବା- ବେଲୁଆଁପାଳ । | ୫୯୨ | ୨୨୨ | ଶାରଦ-୩/୨ | ୦.୧୩୦ | ୦.୧୩୦ | |
| ୧୩୯ | ସୁନିବର ପ୍ରଧାନ, ପି- ପ୍ରାଣବନ୍ଧୁ ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୬୦୨ | ୮୩୫ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୧୪୦ | | ୬୦୨ | ୮୩୮ | ଶାରଦ-୩ | ୦.୨୧୦ | ୦.୨୧୦ | |
| ୧୪୧ | | ୬୦୨ | ୨୫୮/୫୮୫୫ | ଶାରଦ-୨ | ୦.୨୧୦ | ୦.୨୧୦ | |
| ୧୪୨ | | ୬୦୨ | ୨୪୯/୫୨୦୭ | ଶାରଦ-୨ | ୦.୨୦୦ | ୦.୨୦୦ | |
| ୧୪୩ | ଗୌରହରି ପ୍ରଧାନ, ଶରତ ଚନ୍ଦ୍ର ପ୍ରଧାନ, ପ୍ରିୟନାଥ ପ୍ରଧାନ, ପି- ବାନାମ୍ବର ପ୍ରଧାନ, ଜା- ଚଷା, ବା- ଠିକର୍ଗାଁ । | ୬୨୪ | ୨୨୪ | ଶାରଦ-୨ | ୦.୧୫୦ | ୦.୧୫୦ | |
| ୧୪୪ | ନବ କିଶୋର ଦେହୁରି, ପି- କିଶା ଦେହୁରି, ଜା- ଚଷା, ବା- ଠିକର୍ଗାଁ । | ୬୬୬ | ୭୦ | ଶାରଦ-୨ | ୦.୧୦୦ | ୦.୧୦୦ | |
| ୧୪୫ | ନେପାଳ ଚନ୍ଦ୍ର ସେନାପତି, କୈଳାସ ଚନ୍ଦ୍ର ସେନାପତି, ପି- ଦୈତାରୀ ସେନାପତି, ଜା- ଗୋପାଳ, ବା- ଠିକର୍ଗାଁ । | ୬୬୯ | ୫୭ | ଦଲଇ- ୨ | ୦.୨୨୦ | ୦.୨୨୦ | |
| ୧୪୬ | | ୬୬୯ | ୫୮ | ଦଲଇ- ୨ | ୦.୨୧୦ | ୦.୨୧୦ | |
| ୧୪୭ | କଣ୍ଟୁ ରାଉତ, ପି- କୁଲୁ ରାଉତ, ଜା- ଗୋପାଳ, ବା- ଠିକର୍ଗାଁ । | ୬୯୬ | ୮୫୨ | ଶାରଦ-୩ | ୦.୧୩୦ | ୦.୧୩୦ | |
| ୧୪୮ | ଶତ୍ରୁଘ୍ନ ବେହେରା, ଅନନ୍ତ ବେହେରା, ପି- ଈଶ୍ୱର ବେହେରା, ଜା- ଗୋପାଳ, ବା- ତର୍କାବେଡା । | ୮୨୨ | ୨୨୩/୫୧୨୦ | ଶାରଦ-୨ | ୦.୧୩୦ | ୦.୧୩୦ | |
| ୧୪୯ | ମାୟାଧର ଜେନା, ପି- ନକୁଳ ଜେନା, ଜା- ଚଷା, ବା- ଠିକର୍ଗାଁ । | ୮୨୨ | ୨୫୮ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୧୫୦ | | ୮୨୨ | ୨୨୪/୫୧୨୬ | ଶାରଦ-୨ | ୦.୧୫୦ | ୦.୧୫୦ | |
| ୧୫୧ | ସନାତନ ଦାସ, ପି- ଲକ୍ଷ୍ମଣ ଦାସ, ଜା- ଗଉଡ, ବା- ଠିକର୍ଗାଁ । | ୮୮୫ | ୬୨/୫୨୧୯ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୧୫୨ | ଲକ୍ଷ୍ମଣ ଦାସ, ପି- ବଂଶୀଧର ଦାସ, ଜା- ଗଉଡ, ବା- ଠିକର୍ଗାଁ । | ୮୮୬ | ୫୯/୫୨୩୦ | ଦଲଇ- ୨ | ୦.୨୨୦ | ୦.୨୨୦ | |
| ୧୫୩ | | ୮୮୬ | ୬୧/୫୨୩୨ | ଶାରଦ-୩ | ୦.୦୨୦ | ୦.୦୨୦ | |
| ୧୫୪ | | ୮୮୬ | ୬୩/୫୨୩୧ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୧୫୫ | ମଞ୍ଜୁଲତା ଦାସ, ସ୍ୱା- ରୁଚିର ଦାସ, ଜା- ଗଉଡ, ବା- ବେଲୁଆଁପାଳ । | ୮୮୬ | ୭୦ | ଦଲଇ- ୨ | ୦.୧୯୦ | ୦.୧୯୦ | |
| ୧୫୬ | ପ୍ରମୋଦ କୁମାର ଜେନା, ପି- ଲୋଚନ ଜେନା, ଜା- ଚଷା, ବା- ଠିକର୍ଗାଁ । | ୮୮୮ | ୮୦୮ | ଶାରଦ-୩ | ୦.୧୧୦ | ୦.୧୧୦ | |
| ୧୫୭ | ସ୍ୱର୍ଣ୍ଣମଣୀ ଦାସ, ପି- ବୃଟିଆ ଦାସ, ଜା- ଗୋପାଳ, ବା- ବେଲୁଆଁପାଳ, ଥା- କାଲିମା, ଜି- ଢେଙ୍କାନାଳ । | ୨୮୨/୧୮ | ୬୧ | ଶାରଦ-୩/୨ | ୦.୦୮୦ | ୦.୦୮୦ | |
| ୧୫୮ | | ୨୮୨/୧୮ | ୫୯/୫୧୫୬ | ଦଲଇ- ୨ | ୦.୧୦୦ | ୦.୧୦୦ | |
| ୧୫୯ | | ୨୮୨/୧୮ | ୬୧/୫୧୫୭ | ଶାରଦ-୩/୨ | ୦.୦୨୦ | ୦.୦୨୦ | |
| ୧୬୦ | | ୨୮୨/୧୮ | ୬୩/୫୧୫୮ | ଶାରଦ-୩/୪ | ୦.୦୪୦ | ୦.୦୪୦ | |
| ୧୬୧ | ଧୁନିଆ ଜେନା, ପି- ନକୁଳ ଜେନା, ଜା- ଚଷା, ବା- ତର୍କାବେଡା । | ୨୮୨/୨୮ | ୩୦୧ | ଶାରଦ-୩/୨ | ୦.୨୦୦ | ୦.୨୦୦ | |
| ୧୬୨ | ବୃନ୍ଦାବନ ଦାସ, ପି- ଲକ୍ଷ୍ମଣ ଦାସ, ଜା- ଗଉଡ, ବା- ବେଲୁଆଁପାଳ । | ୮୮୨/୪ | ୬୬ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୧୬୩ | | ୮୮୨/୪ | ୬୩ | ଦଲଇ- ୨ | ୦.୧୨୦ | ୦.୧୨୦ | |
| ୧୬୪ | ସଞ୍ଜୁଲତା ପ୍ରଧାନ, ସ୍ୱା- ଗୋଲେଖ ପ୍ରଧାନ, ଜା- ଚଷା, ବା- ତର୍କାବେଡା । | ୮୮୨/୫୩ | ୨୧୫ | ଶାରଦ-୩ | ୦.୪୦୦ | ୦.୪୦୦ | |
| ୧୬୫ | ଅଜୟ କୁମାର ମାଝୀ, ପି- ଅନଙ୍ଗ ମାଝୀ, ଜା- ଚଷା, ବା- ବେଲୁଆଁପାଳ । | ୮୮୨/୫୫ | ୬୧/୫୨୨୯ | ଘରବାରି | ୦.୦୮୦ | ୦.୦୮୦ | |
| | | | | | ମୋଟ | ଏ ୩୪.୯୬୪ | |

ଅମିନ୍
ତହସିଲ କାର୍ଯ୍ୟାଳୟ, ହିନ୍ଦୋଳ

ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ
ହିନ୍ଦୋଳ

ଜିଲ୍ଲାପାଳ
ଢେଙ୍କାନାଳ

OIPR-

# ହାତୀ ଉପଦ୍ରବ; ଘର କାନ୍ଥ ପଡ଼ି ମହିଳା ଆହତ

ତେଲକୋଇ, ୧୦।୧(ସମିସ):





କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ବଣୁଆ ହାତୀଙ୍କ ଉପଦ୍ରବ ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ଗୋଠଛଡ଼ା ଦନ୍ତାର ଦୌରାତ୍ମ୍ୟ ଲୋକଙ୍କ ନିଦ ହଜାଇ ଦେଇଛି। କେତେବେଳେ ଘର ଭାଙ୍ଗି ଖାଦ୍ୟ ଶସ୍ୟ ଖାଉଛି ତ କେତେବେଳେ ଲୋକଙ୍କୁ ଆକ୍ରମଣ କରି ମୃତ୍ୟୁ ମୁଖରେ ପକାଉଛି। ଫଳରେ ଲୋକଙ୍କ ମଧ୍ୟରେ ଗୋଠଛଡ଼ା ଦନ୍ତାକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ଦେଉଳଡିହା ପଞ୍ଚାୟତ ମଣ୍ଡେଇ ସାହିରେ ଗୋଠଛଡ଼ା ଦନ୍ତା ପଶି ଖାଦ୍ୟ ଅନ୍ୱେଷଣରେ ଘର ଭାଙ୍ଗୁଥିବା ବେଳେ କାନ୍ଥ ପଡ଼ି ଜଣେ ମହିଳା ଗୁରୁତର ହୋଇଛନ୍ତି। ସାଙ୍ଗରେ ସୋଇଥିବା ୩ ବର୍ଷର ଶିଶୁକନ୍ୟା ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଗୁରୁତର ମହିଳା ହେଲେ ମିଥୁନ ମୁଣ୍ଡାଙ୍କ ପତ୍ନୀ ରଶ୍ମିତା (୨୨)। ସ୍ୱାମୀ ମିଥୁନ ସାହି ପଡିଶାଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ସକାଳ ପ୍ରାୟ ୯ଟା ସମୟରେ ଆମ୍ବୁଲାନ୍ସ ଯୋଗେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମହିଳାଙ୍କ ମୁଣ୍ଡ ଉପରେ ଓ ଡାହାଣ ପାର୍ଶ୍ୱ ଛାତିରେ କାନ୍ଥ ପଡ଼ିବାରୁ ଗଭୀର ଆଘାତ ଲାଗିଥିବା ଜଣାପଡିଛି। ଚିକିତ୍ସା ଜାରି ରହିଛି। ଏହସହିତ ଉକ୍ତ ସାହିର ହାଡ଼ି ବନ୍ଧୁ ମୁଣ୍ଡାଙ୍କ ଘର ମଧ୍ୟ ହାତୀ ଭାଙ୍ଗିଥିବା ଅଭିଯୋଗ ହୋଇଛି।

ପ୍ରକାଶ ଥାଉକି, ଏହି ଘଟଣା ପରେ ରଶ୍ମିତାଙ୍କ ପରିବାର ଓ ସାହିପଡ଼ିଶା ଲୋକେ ହାତୀ ଘର ଭାଙ୍ଗି ଥିବା ଓ କାନ୍ଥ ପଡ଼ି ଜଣେ ମହିଳା ଗୁରୁତର ହୋଇଥିବା ଖବର ବନ ବିଭାଗକୁ ଜଣାଇଥିଲେ ସୁଦ୍ଧା ବନ କର୍ମଚାରୀ ଘଟଣାସ୍ଥଳକୁ ପହଞ୍ଚି ନଥିବା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ନଥିବା ଅଭିଯୋଗ ହୋଇଛି। ମିଥୁନ ନିଜେ ଶିଶୁ କନ୍ୟା ସହିତ ଗୁରୁତର ପତ୍ନୀଙ୍କୁ ଧରି ସ୍ୱାସ୍ଥ୍ୟକେନ୍ଦ୍ର ପହଞ୍ଚିଥିଲେ। ବନ ବିଭାଗ ଅଧିକାରୀଙ୍କ ଖାମ୍‌ଖିଆଲି ମନୋଭାବ ଏଥିରୁ ସ୍ପଷ୍ଟ ପ୍ରତିଫଳିତ ହେଉଛି। ବିଳମ୍ବିତ ରାତିରେ ଏହି ବିପଦପୂର୍ଣ୍ଣ ଘଟଣା ଘଟିଥିବା ବେଳେ ଗୁରୁତର ସକାଳ ୯ଟାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିବା ଜଣାପଡ଼ିଛି। ଏ ସମ୍ବନ୍ଧରେ ବନାଞ୍ଚଳ ଅଧିକାରୀ ଅଶୋକ ମାଝୀ ଅଭିଯୋଗକୁ ଖଣ୍ଡନ କରିବା ସହ ବନ କର୍ମଚାରୀ ଘଟଣାର ଅନୁଧ୍ୟାନ କରିବା ଏବଂ ଗୁରୁତରଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା ଯୋଗାଇଥିବା କହିଛନ୍ତି। ଅନ୍ୟପଟେ, ତେଲକୋଇ ବନାଞ୍ଚଳର ଦୋବଲାପାଳ, କାଳିଆହତା ଓ ରାଙ୍କି ଅଞ୍ଚଳରେ ତିନୋଟି ଦଳରେ ୬୦ରୁ ଊର୍ଦ୍ଧ୍ୱ ହାତୀ ଡେରା ପକାଇଥିବା ଜଣାପଡ଼ିଛି। ବନ ବିଭାଗ ପକ୍ଷରୁ ଡ୍ରୋନ ଓ ହାତୀ ସ୍କ୍ୱାଡ ଦ୍ୱାରା କଡ଼ା ନଜର ରଖାଯାଇଛି। ଗୋଠ ଛଡ଼ା ଦନ୍ତା ଓ ଗୋଟିଏ ମାଈ ହାତୀ ଖାଦ୍ୟ ଅନ୍ୱେଷଣରେ ବିଭିନ୍ନ ସ୍ଥାନ ବୁଲି ବୁଲି ଘର ଭାଙ୍ଗିବା ସହ ଫସଲ ନଷ୍ଟ କରୁଥିବା ଅଭିଯୋଗ ହେଉଛି।

## ଅଳ୍ପକେ ବର୍ତ୍ତିଲା ଶିଶୁ

# ମହତାବ ଉଚ୍ଚବିଦ୍ୟାଳୟରେ ପିଏମଶ୍ରୀ ମେଳା



ଚମ୍ପୁଆ,୧୦।୧(ସମିସ): ୧୯୪୮ ମସିହାରେ ସ୍ଥାପିତ ଚମ୍ପୁଆସ୍ଥିତ ମହତାବ ଉଚ୍ଚ ବିଦ୍ୟାଳୟଠାରେ ପିଏମଶ୍ରୀ ମେଳା ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ନିକଟ ଅତୀତରେ ଏହି ବିଦ୍ୟାଳୟକୁ ପିଏମଶ୍ରୀ ମାନ୍ୟତା ମିଳିଥିବା ବେଳେ ପ୍ରଥମ ଥର ପାଇଁ ଏହି ମେଳା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ୫୨ଟି ପ୍ରକଳ୍ପରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଦକ୍ଷତା ପ୍ରତିପାଦନ କରିଥିଲେ। କ୍ରୀଡାଙ୍ଗନା, କୌଶଳ, ଜିଜ୍ଞାସା, ସାହିତ୍ୟ ସୃଜନି କ୍ଲବ ଦ୍ୱାରା ବିଭିନ୍ନ ଉପାଦେୟ ପ୍ରକଳ୍ପ ମଧ୍ୟ ସ୍ଥାନ ପାଇଥିଲା। ଶିକ୍ଷକ କୁଳମଣି ନାଏକଙ୍କ ତତ୍ତ୍ୱାବଧାନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମ ଯୋଜନାରେ ଅନୁଷ୍ଠିତ ମେଳାକୁ ମୋ ସ୍କୁଲ ଅଭିଯାନର ସଭାପତି ପ୍ରେମଚାନ୍ଦ ପଦାର, ପରିଚାଳନା କମିଟି ସଭାପତି ଏସ୍‌କେ ମାସୁକଅଲି ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକନାଥ ଗୁଇଁ ଉଦଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ନାଏକ ମୁଖ୍ୟଅତିଥି, ବକ୍ତା ଭାବେ ପ୍ରଧାପକ ପ୍ରଶାନ୍ତ ନନ୍ଦ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ରିମୁଳିର ଅଧ୍ୟକ୍ଷ ସଂଜିତ ପ୍ରଧାନ, ଓକିଲ ସଂଘ ସଭାପତି ରମେଶଚନ୍ଦ୍ର ପ୍ରଧାନ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ ଗିରିଶଚନ୍ଦ୍ର ପ୍ରଧାନ, ଗାୟତ୍ରୀ ଗିରି, ପ୍ରିୟରଂଜନ ଦାସ, ପୁଷ୍ପମଂଜରୀ ଦାସ, ପ୍ରଦୀପ ନାଏକ ପ୍ରମୁଖ ପରିଚାଳନା କରିଥିଲେ।

# ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତିତ୍ୱ



ଚମ୍ପୁଆ, ୧୦।୧(ସମିସ): ପାଣିପଞ୍ଚାୟତ ପକ୍ଷ ପାଳନ ଅବସରରେ ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଚମ୍ପୁଆ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ମଧ୍ୟରୁ ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧିକାଂଶ ପ୍ରତିଯୋଗୀ ବିବିଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଓଡ଼ିଆ ବକ୍ତୃତାରେ ଦଶମ ଶ୍ରେଣୀ ଛାତ୍ର ଅଶୋକ ଦେହୁରୀ ପ୍ରଥମ, ଚିତ୍ରାଙ୍କନରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ଅଷ୍ଟମ ଶ୍ରେଣୀ ଛାତ୍ରୀ ପ୍ରଥମ, ସାଧାରଣଜ୍ଞାନରେ ପ୍ରୀୟାଂଶୀ ରାଉତ ନବମ ଶ୍ରେଣୀ ଛାତ୍ରୀ ଦ୍ୱିତୀୟ ସ୍ଥାନରେ କୃତକାର୍ଯ୍ୟ ହୋଇଥିଲେ। ପ୍ରତିଯୋଗୀଙ୍କୁ ଜିଲ୍ଲା ସଦର ମହକୁମା କେନ୍ଦୁଝରଠାରେ ଆୟୋଜିତ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଓ ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସମ୍ପାଦକ କେଶବଚନ୍ଦ୍ର ମହାନ୍ତ, ଅଧ୍ୟକ୍ଷ ରୁସ୍‌କିନ ମେଟିଲ ଏବଂ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ

## ବରମାଳ ଆଶ୍ରମ ବିଦ୍ୟାଳୟ



ଆନନ୍ଦପୁର, ୧୦।୧ (ସମିସ): ଘସିପୁରା ବ୍ଲକ ଦରଡିପାଳ ପଞ୍ଚାୟତ ବରମାଳସ୍ଥିତ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଭଗାମୁଣ୍ଡା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଆନନ୍ଦପୁର ଏଡିଡବ୍ଲୁଓ ବିଜୟ ପୂର୍ତ୍ତି, ମୁଖ୍ୟବକ୍ତା ଭାବେ ଡବ୍ଲୁଇଓ ଆକାଶ ଜେନା, ସ୍ୱତନ୍ତ୍ର ଅତିଥି ଭାବେ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସାନ୍ତାକୁମାର ପଣ୍ଡା, ସମ୍ମାନିତ ଅତିଥି ଦରଡିପାଳ ସିଆରସିସି ସଂଜୟ ସାହୁ, ଓସ୍ତପୁରା ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ ନାଏକ, କୋହ୍ଲବେଡା ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଏକାଦଶୀ ଖୁଣ୍ଟିଆ, ଏସଏମସି ସଭାପତି ଶରତ ମଲିକ, ଉପସଭାପତି କୁନି ମଲ୍ଲିକ, ଝରଣା ମଲ୍ଲିକ, ଦାମୋଦର ଖଟୁଆ, ମିଲି ଖଟୁଆ, କଳ୍ପନା ଜେନା ସହ ଏସଏମସିର ସମସ୍ତ ସଦସ୍ୟ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ପ୍ରଧାନ ବିବରଣୀ ପାଠ କରିବା ସହ ଅତିଥି ପରିଚୟ ଶୁଭେନ୍ଦୁ ସୁନ୍ଦର ରାଉତ ପ୍ରଦାନ କରିଥିଲେ। ହରେକୃଷ୍ଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରଛାତ୍ରୀଙ୍କୁ ନିମନ୍ତ୍ରିତ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପଣ୍ଡା, ଅଧିକ୍ଷିକା ସୁକାନ୍ତି ସାହୁ, ସିସିଏ ପୂର୍ଣ୍ଣିମା କିସ୍କୁ ଓ ଦୁଲାରୀ ସୋରେନ ସକ୍ରିୟ ସହଯୋଗ କରିଥିଲେ।

## ନରଦା ଆଶ୍ରମ ବିଦ୍ୟାଳୟ



ଘସିପୁରା ବ୍ଲକ ଗଡ଼ବାନ୍ଧଗୋଡା ପଞ୍ଚାୟତ ନରଦାସ୍ଥିତ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୃଜନୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲା ବିଦ୍ୟାଳୟ ନିରୀକ୍ଷକ ସଂଜୟ କୁମାର ଧଳ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବାଲେଶ୍ୱର ଭୋଗରାଇ ବ୍ଲକ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ରାମଚନ୍ଦ୍ରପୁର ଥାନା ଆଇଆଇସି ମନୋଜ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ଚକ୍ର, ବେଣୁଧର ବେହେରା, ସର୍ବେଶ୍ୱର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର ନାୟକ, ୱାର୍ଡସଭ୍ୟ ଅନନ୍ତ ଚରଣ ପଲେଇ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଦେବାଶିଷ ସାମଲ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ କଲ୍ୟାଣୀ ଦକ୍ଷିଣରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ସୋଲକ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ବାର୍ଷିକ କ୍ରୀଡା, ବିଭିନ୍ନ ଅନ୍ୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପିଲାମାନେ ଶିଶୁ ଶ୍ରମିକ ପ୍ରଥାକୁ ରୋକିବା ନିମନ୍ତେ ଅଭିନୟ ମାଧ୍ୟମରେ ଏକ ସୁନ୍ଦର ଶିକ୍ଷଣୀୟ ବିଷୟବସ୍ତୁକୁ ମଞ୍ଚସ୍ଥ କରିଥିଲେ। ଶିକ୍ଷୟିତ୍ରୀ ହିରନ୍ୟ ସିଂ ବିଦ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗ୍ରାମବାସୀ, ଅଭିଭାବକ ତଥା ଦର୍ଶକ ଉପଭୋଗ କରିଥିଲେ।

## ତ୍ରିଲୋଚନପୁର ଉଚ୍ଚବିଦ୍ୟାଳୟ

ଘସିପୁରା ବ୍ଲକ ଗୋହିରା ପଞ୍ଚାୟତ ତ୍ରିଲୋଚନପୁର ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍ପନ୍ଦନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନୁର୍ଜୟ ମହାନ୍ତଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ମୁଖ୍ୟବକ୍ତା ଆନନ୍ଦପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, ଜୟନ୍ତ ସାମନ୍ତସିଂହାର, ବିଜୟ ପୃଷ୍ଟି, ଆକାଶ ଜେନା ଓ ଗୋହିରା ସରପଞ୍ଚ ମନ୍ଦାକିନୀ ପାତ୍ର ପ୍ରମୁଖ ଅଧିକାରୀ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯମୁନା ନାଇକ ମାନସ ପାତ୍ର, ସମ୍ପାଦକ ରାକେଶ କୁମାର ମହାନ୍ତି ଓ ସଦସ୍ୟ ଦୈତାରୀ ମହାକୁଡ଼ଙ୍କ ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଆନନ୍ଦପୁର, ୧୦।୧(ସମିସ): ଆନନ୍ଦପୁର ବ୍ଲକ ହାତୀବନ୍ଧାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟା ପଟ୍ଟନାୟକଙ୍କ ବିଦାୟ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅତୁଲ୍ୟ ବଳଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକାରୀ ହରିହର ଦଳାଇ, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି, ସମ୍ମାନିତ ଅତିଥି ପ୍ରତିଷ୍ଠାନ ଅଧିକାରୀ ରବିନାରାୟଣ ମିଶ୍ର, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିମନ୍ୟୁ ସାହୁ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବଂଶପାଳ ଅର୍ଜୁନ ଚରଣ ବେହେରା, ଏୟୁପିଟିଏଫ୍ କେନ୍ଦୁଝର ସଭାପତି ସନ୍ତୋଷ ଜେନା, ଏୟୁପିଟିଏଫ୍ ସମ୍ପାଦକ ମଦନମୋହନ ମୁଦୁଲି, ବୁଦ୍ଧଦେବ ନାୟକ, ମହେନ୍ଦ୍ର ନୋଡାଲ ପ୍ରାଥମିକ ବିଦ୍ୟାଳୟ ପଞ୍ଚୁପଲୀ ପ୍ରଧାନ ଶିକ୍ଷକ ଅଲେଖଚନ୍ଦ୍ର ସାହୁ, ସିଆରସିସି ଟୁକୁଣା ପ୍ରହଲ୍ଲାଦ ସ୍ୱାଇଁ, ପ୍ରାକ୍ତନ ସିଆରସିସି ଟୁକୁଣା ଶଶିକାନ୍ତ ମହାନ୍ତି, ହାତୀବନ୍ଧା ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଅନିତା ଦାସ, ରଙ୍କନାଥ ମଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚକ୍ରଧର ବେହେରା ଯୋଗଦାନ କରିଥିଲେ। ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କ ସୁସ୍ଥ ନିରାମୟ ଜୀବନ କାମନା କରିବା ସହ ମାନପତ୍ର ଓ ଉପଢ୍ୌକନ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ଆଦିବାସୀ ଅଞ୍ଚଳରେ ଶିକ୍ଷାର ଆଲୋକ

ଆନନ୍ଦପୁର, ୧୦।୧(ସମିସ): ଆନନ୍ଦପୁର ବ୍ଲକ ଗୟଳମୁଣ୍ଡା ପଞ୍ଚାୟତର ନୋଡାଲ୍ ବିଦ୍ୟାଳୟ ଭାବେ ପରିଚିତ ଗୟଳମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷାର ଏକ ଉତ୍ତମ ଦୃଷ୍ଟାନ୍ତ ହୋଇଉଠିଛି। ଆର୍ଥିକ ଦୁର୍ବଳତା ସତ୍ତ୍ୱେ ଏହି ବିଦ୍ୟାଳୟ ଶିକ୍ଷାକୁ ସାମାଜିକ ଉନ୍ନତିର ମୁଖ୍ୟ ମାଧ୍ୟମ ଭାବେ ସ୍ଥାପିତ କରିପାରିଛି। ବର୍ତ୍ତମାନ ବିଦ୍ୟାଳୟରେ ପ୍ରାୟ ୪୦୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଓ ପଞ୍ଚାୟତର ପ୍ରାୟ ସମସ୍ତ ଗ୍ରାମରୁ ଛାତ୍ରଛାତ୍ରୀ ଏଠାରେ ଶିକ୍ଷା ଲାଭ କରୁଛନ୍ତି। ଅଭିଭାବକମାନଙ୍କର ଆସ୍ଥା ଓ ଶିକ୍ଷକମାନଙ୍କର ନିଷ୍ଠା ଏହି ବିଦ୍ୟାଳୟକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଶିଶୁ ମହୋତ୍ସବ 'ସୁରଭି', ବିଜ୍ଞାନ ପ୍ରଦର୍ଶନୀ ଓ ବିଭିନ୍ନ ବୃତ୍ତି ପରୀକ୍ଷାରେ ମିଳିଥିବା ସଫଳତା ମାଧ୍ୟମରେ ବିଦ୍ୟାଳୟର ଶିକ୍ଷା ଗୁଣବତ୍ତା ପ୍ରମାଣିତ ହୋଇଛି। ସମ୍ପ୍ରତି ବିଦ୍ୟାଳୟର ତୃତୀୟ ଶ୍ରେଣୀର ଛାତ୍ରୀ ଉପାସନା ପ୍ରିୟଦର୍ଶିନୀ ଭୋଇ ବ୍ଲକ୍‌ସ୍ତରୀୟ ବୃତ୍ତି ପରୀକ୍ଷାରେ ଚୟନିତ ହୋଇ ସମଗ୍ର ପଞ୍ଚାୟତକୁ ଉଜ୍ଜ୍ୱଳମୟ କରିଛନ୍ତି। ଏହି ସଫଳତା ଅଭିଭାବକ, ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି କରିଛି। ଗୟଳମୁଣ୍ଡା ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଠିକ୍ ଦିଗଦର୍ଶନ, ନିଷ୍ଠା ଓ ପରିଶ୍ରମ ଦ୍ୱାରା ଗ୍ରାମୀଣ ଆଦିବାସୀ ଅଞ୍ଚଳରେ ସଫଳତାର ନୂତନ ଇତିହାସ ସୃଷ୍ଟି କରିପାରିଥିବା ପ୍ରମାଣ କରିଦେଇଛି।



# ଆନନ୍ଦପୁର ମହାବିଦ୍ୟାଳୟର ଶୀତକାଳୀନ ଶିବିର



ଆନନ୍ଦପୁର, ୧୦।୧(ସମିସ): ଆନନ୍ଦପୁର ମହାବିଦ୍ୟାଳୟର ଏନଏସଏସ ତରଫରୁ ଆୟୋଜିତ ଶୀତକାଳୀନ ଶିବିରର ଷଷ୍ଠ ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଓ ଏନଏସଏସ ପ୍ରୋଗ୍ରାମ ଅଫିସର ଓଜେଲ ପଟ୍ଟନାୟକଙ୍କ ସଂଯୋଜନାରେ ସାରଦାପୁର ଗ୍ରାମରେ ସ୍ୱାସ୍ଥ୍ୟ ସଚେତନାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ରୂପେ ଡକ୍ଟର ଶଶିକାନ୍ତ ମାଝୀ କ୍ୟାନ୍ସର ଭଳି ମାରାତ୍ମକ ରୋଗର କାରଣ ପ୍ରଭାବ ଓ ପ୍ରତିକାର ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ବିଶେଷକରି ମହିଳା ସ୍ୱେଚ୍ଛାସେବୀଙ୍କୁ ବ୍ରେଷ୍ଟ କ୍ୟାନ୍ସର, ସରଭିକଲ୍ କ୍ୟାନ୍ସର ଆଦି ସମ୍ବନ୍ଧରେ ବୁଝାଇଥିଲେ। ଆନନ୍ଦପୁର ମହାବିଦ୍ୟାଳୟର ଆଡମିନଷ୍ଟ୍ରେଟିଭ ବର୍ସର୍ ପ୍ରଫୁଲ୍ଲ କୁମାର ପଣ୍ଡା ଉଦବୋଧନ ଦେଇଥିଲେ। ସଭାରେ ସାରଦାପୁର ଗ୍ରାମବାସୀ ଡକ୍ଟର ଶଶିକାନ୍ତ ମାଝୀଙ୍କଠାରୁ ବିଭିନ୍ନ ରୋଗ ସମ୍ପର୍କରେ ବୁଝିଥିଲେ। ଅନ୍ତିମ ପର୍ଯ୍ୟାୟରେ ଏନଏସଏସ ପ୍ରୋଗ୍ରାମ ଅଫିସର ମଧୁସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


# କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର 'ସ୍ପୋର୍ଟିଭା'




ଚମ୍ପୁଆ,୧୦।୧(ସମିସ): ଚମ୍ପୁଆ ଶିକ୍ଷାନଗରୀଠାରେ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୧୬ତମ ସ୍ପୋର୍ଟିଭା-୨୦୨୬ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଖେଳପଡ଼ିଆଠାରେ ଅନୁଷ୍ଠିତ ଏହି କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଉମାକାନ୍ତ ପରିଡା ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ଚେୟାରମ୍ୟାନ ଡ.ପିଏସ ରାଜମୋହନ କ୍ରୀଡ଼ାବିତଙ୍କ ମନୋବଳ ବୃଦ୍ଧି କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କଣ୍ଟ୍ରୋଲର ଚିନ୍ମୟ ପ୍ରଧାନ ଓ ଅନ୍ୟତମ ଅତିଥି ଭାବେ ଅନ୍ତର୍ଜାତୀୟ ଜୁନିୟର କୋଚ ବିଏସ୍‌କେ ସାମଲ ଯୋଗ ଦେଇଥିଲେ। ବିଦ୍ୟାଳୟର ପରିଚାଳନା ମୁଖ୍ୟ ଦୈତାରି ସାହୁ ପରିଚାଳନା କରିଥିବା ବେଳେ ଅନୁଷ୍ଠାନ ସମ୍ପାଦିକା ଉମା ରାଜମୋହନ, ଅଧ୍ୟକ୍ଷ ବିଜୟ ଭାରତି, ପରିଚାଳକ କେ. ମୁରଲୀଧରନ, ବି ରାମା ରାଜୁଙ୍କ ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଅତିଥି ଅଧିକାରୀଙ୍କ ଦ୍ୱାରା କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା।

## ଜାଡ଼ରେ ଥରୁଛି ଖଣି ଓ ଘାଟି ଅଞ୍ଚଳ

# ସ୍ଥାନେ ସ୍ଥାନେ ତୁଷାରପାତ; ଜନଜୀବନ ଅସ୍ତବ୍ୟସ୍ତ





ଯୋଡ଼ା/ତୁରୁମୁଙ୍ଗା, ୧୦।୧(ସମିସ): ଅସହ୍ୟ ଥଣ୍ଡା ସାଙ୍ଗକୁ ଜାଡ଼ରେ ଥରୁଛି କେନ୍ଦୁଝର ଜିଲ୍ଲା। ବିଳମ୍ବିତ ରାତିରେ ପାଟଣା ଅଞ୍ଚଳରେ ତୁଷାରପାତ ହୋଇଛି। ପାଟଣା ବ୍ଲକର କେଦେଇପଶି, ବଲାଣିପଶି, ତୁରୁମୁଙ୍ଗା ଅଞ୍ଚଳ ସହ ସାହାରପଡା ବ୍ଲକର ଉଦୟପୁର ଏବଂ ବିଭିନ୍ନ ସ୍ଥାନରେ ବରଫପାତ ହୋଇଛି। ବିଲର ଘାସ ସହ ପାଳଗଦାରେ ବରଫର ଆସ୍ତରଣ ଜମିଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଛୁଆ, ବୃଦ୍ଧବୃଦ୍ଧାଙ୍କ ପାଇଁ ଜାଡ଼ ଅସହ୍ୟ ହେଉଛି। ଉତ୍ତରାପବନ ଜନଜୀବନ ଉପରେ ପ୍ରଭାବ ପକାଉଛି। ଲୋକ ରାତ୍ରିକାଳୀନ ଡିଉଟି କରି ଫେରିଲା ବେଳେ ଶୀତ ଅନୁଭୂତି ଅଧିକ ହେଉଥିବା କହିଛନ୍ତି। ବରିଷ୍ଠ ନାଗରିକ ସନ୍ତୋଷ ସାମଲ, ନନ୍ଦକିଶୋର ମହାପାତ୍ର, ନିରଞ୍ଜନ ବହିଦାର ପ୍ରମୁଖଙ୍କ ମତାନୁସାରେ, ପ୍ରାୟ ୧୯୮୦ ମସିହା ବେଳେ ଏପରି ଶୀତ ଯୋଡ଼ା ସହରରେ ଅନୁଭୂତ ହେଉଥିଲା। ଶୁକ୍ରବାର ଏବଂ ଶନିବାର ତୁଷାରପାତ ଥଣ୍ଡାକୁ ଦ୍ୱିଗୁଣିତ କରିଛି। ଭିଟି ସେଣ୍ଟର ପଡ଼ିଆରେ ମୃଦୁ ତୁଷାରପାତ ହୋଇଛି। ଅଧିକ ତୁଷାରପାତ ଯୋଡା ବ୍ଲକର ଜଙ୍ଗଲ ପରିବେଷ୍ଟିତ ଗ୍ରାମ ଭୂୟାଁ ରୋଇଡା, କଲହୋ ରୋଇଡା, ମୁଣ୍ଡାସାହି, ଟନ୍‌ଟୋ ପ୍ରଭୃତି ଅଞ୍ଚଳରେ ହୋଇଛି। ରାତ୍ରି ବେଳେ ତାପମାତ୍ରା ସର୍ବନିମ୍ନ ଦୁଇ ଡିଗ୍ରୀରୁ ତିନି ଡିଗ୍ରୀ ମଧ୍ୟରେ ରହୁଛି। ରୋଇଡା ଅଞ୍ଚଳରେ ଚାରିଚକିଆ ଯାନଗୁଡ଼ିକରେ ବରଫର ଆସ୍ତରଣ ଜମିଥିବା ଦେଖିବାକୁ ମିଳିଛି। ବିଲବାଡ଼ିରେ ତୁଷାର ଆଚ୍ଛାଦିତ ହୋଇ ରହିଛି। ଗ୍ରାମର ସୁଦେସ ମୁଣ୍ଡା ଓ ଅଶୋକ ତିର୍କୀ କହିଥିଲେ ଯେ ଦୀର୍ଘ ତିରିଶ ବର୍ଷ ପରେ ଏହିପରି ତୁଷାରପାତ ଦେଖିବାକୁ ମିଳିଛି। ଯୋଡ଼ା ସହରରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ଏବଂ ପବନର ବେଗ ୪ କିମି ଘଣ୍ଟା ପ୍ରତି ରହୁଥିବା ବେଳେ ଆଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକରେ ସର୍ବନିମ୍ନ ତାପମାତ୍ରା ତିନି ଡିଗ୍ରୀ ରହୁଛି।

# ପାଇପ୍ ଫାଟି ରାସ୍ତାରେ ଭାସୁଛି ପାଣି, ବିଭାଗ ଚୁପ୍

ହାଟଡ଼ିହୀ,୧୦।୧(ସମିସ): ସରକାରଙ୍କର ପାନୀୟଜଳ ପ୍ରକଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳର ଘରକୁ ଘର ପାନୀୟଜଳ ଯୋଗାଇଦେବା ପାଇଁ ବ୍ୟବସ୍ଥା ଚାଲିଥିବା ବେଳେ ପାଇପ୍ ଫାଟି ରାସ୍ତାରେ ପାଣି ଭାସୁଥିବା ଦେଖିବାକୁ ମିଳୁଛି। ହାଟଡ଼ିହୀ ବ୍ଲକ ଛେନପଦୀ ବଜାର ତଥା ଆନନ୍ଦପୁର-ଭଦ୍ରକ ୫୩ନଂ ରାଜ୍ୟ ସଡକ କଡ଼ରେ ଯାଇଥିବା ପାନୀୟଜଳ ପାଇପ୍ କିଛିଦିନ ହେବ ଫାଟି ଯାଇଥିବାରୁ ରାସ୍ତାକଡ଼ ଡ୍ରେନ୍ ବୁଡ଼ି ରାସ୍ତାସାରା ଜଳମଗ୍ନ ହେଉଛି। ଏହି ରାସ୍ତାଦେଇ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଯାତାୟାତ କରୁଥିବେଳେ ରାସ୍ତାରେ ପାଣି ଜମି ରହିବା ଦ୍ୱାରା ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଥାଉକି, ରାସ୍ତାରେ ଡ୍ରେନ୍ ଥିବା ସତ୍ତ୍ୱେ ଡ୍ରେନଗୁଡ଼ିକ ଧୀରେ ଧୀରେ ପୋତି ହୋଇଗଲାଣି। ଯାହାଫଳରେ ପାଣି ନିଷ୍କାସନ ହୋଇପାରୁନି। ଏନେଇ ସ୍ଥାନୀୟ ଲୋକପ୍ରତିନିଧି ଏବଂ ସ୍ଥାନୀୟ ପ୍ରଶାସନ ଯଥାଶୀଘ୍ର ଦୃଷ୍ଟିଦେବା ସହ ଫାଟିଥିବା ପାଣି ପାଇପ୍‌ଗୁଡ଼ିକୁ ମରାମତି କରାଇଲେ ଜନସାଧାରଣ ଉପକୃତ ହୋଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି।



# ଜିନ୍ଦଲ୍ ଷ୍ଟିଲ୍ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ



ଯୋଡ଼ା, ୧୦।୧(ସମିସ): ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କ ସହ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ଜିନ୍ଦଲ ଷ୍ଟିଲ ପକ୍ଷରୁ ନୂତନ ବର୍ଷ ଅବସରରେ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଆଇରନ ଓ ଡୋଲୋମାଇଟ ମାଇନ୍ସ ଓ ରୋଇଡା-ଓ ମାଇନ୍ସ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗ୍ରାମ ମୁଖିଆ, ସରପଞ୍ଚ, ସମିତିସଭ୍ୟ ଓ ସମାଜସେବୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଦେଓଝରରେ ଆୟୋଜିତ ଜନସମ୍ପର୍କ କାର୍ଯ୍ୟକ୍ରମରେ ଦେଓଝର ସମିତିସଭ୍ୟ ଲକ୍ଷ୍ମୀ ମୁଣ୍ଡା, ଦେଓଝର ନାଏବ ସରପଞ୍ଚ କାଦମ୍ବିନୀ ନାଏକ, କଣ୍ଡରା ସମିତିସଭ୍ୟ ସୋମନାଥ ମହାନ୍ତ, ବୀରକଳା ସମିତିସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ, ଦେଓଝରର ପୂର୍ବତନ ସମିତିସଭ୍ୟ, ଯୁଧିଷ୍ଠିର ପଲେଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୀରବର ନାଏକ, ପୂର୍ବତନ ସରପଞ୍ଚ ମଙ୍ଗଳ ମୁଣ୍ଡା, ଦୋଳଗୋବିନ୍ଦ ନାଏକ ଓ ଜନାର୍ଦ୍ଦନ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ସମାଜସେବୀ ତ୍ରିଲୋଚନ ପଲେଇ, କାଳୀଚରଣ ମୁଣ୍ଡା, ପାଣ୍ଡିଆ ମୁଣ୍ଡା, ବିଳାସିନୀ ନାଏକ, ଅର୍ଜ୍ଜୁନ ମୁଣ୍ଡା, ପ୍ରଫୁଲ୍ଲ ନାଏକଙ୍କ ସହ ଶିଆଳିଯୋଡ଼ା, ଦେଓଝର, କଣ୍ଡରା, ଗୋବର୍ଦ୍ଧନପୁର ଓ ଅଁଶେଇକଳା ସମେତ ଅନେକ ଗ୍ରାମର ପ୍ରମୁଖ ବ୍ୟକ୍ତି ସକ୍ରିୟ ଅଂଶଗ୍ରହଣ କରିଥିଲେ।

ଜିନ୍ଦଲ ଷ୍ଟିଲର ବିକେଟିଆର କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ର, ବଡ଼ବିଲ ୟୁନିଟ ହେଡ୍ ପୁରୁଷୋତ୍ତମ ଏମଡି, ଏଚଆର ଏଣ୍ଡ ଇଏସ ମୁଖ୍ୟ ବିପିନ ବିହାରୀ ପ୍ରଧାନ, ସିଏସଆର ହେଡ୍ ଭର୍ଜିଲ ଲାକ୍ରା ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜିନ୍ଦଲ ଷ୍ଟିଲ ବିକେଟିଆର କ୍ଲଷ୍ଟର ହେଡଙ୍କ ନେତୃତ୍ୱରେ କାଶିଆ ମାଇନ୍ସ ଓ ରୋଇଡା- ଓ ମାଇନ୍ସର ପାରିପାର୍ଶ୍ୱିକ ଅଞ୍ଚଳର ଜନପ୍ରତିନିଧି, ସମାଜସେବୀ ଓ ପ୍ରମୁଖ ବ୍ୟକ୍ତିଙ୍କୁ ନେଇ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସେରେଣ୍ଡା ସରପଞ୍ଚ ସୁସ୍ମିତା ସିଦ୍ଧୁ, ଭଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ ଓ ଭୂୟାଁରୋଇଡ଼ା ସରପଞ୍ଚ ତୁଳସୀ ବୋବାଙ୍ଗା ଯୋଗ ଦେଇଥିଲେ। ସେରେଣ୍ଡା ସମିତିସଭ୍ୟ ଶଙ୍କର ଚଟମ୍ବା, ଭଦ୍ରାସାହି ସମିତିସଭ୍ୟ ଯଶବନ୍ତ ପାତ୍ର ଓ ୱାର୍ଡମେମ୍ବର ଭାଗବତ ପଲେଇଙ୍କ ସମେତ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜୟନ୍ତୀ ବନରା, ସମାଜସେବୀ ମଦନ ବେହେରା, କୁବେର ପଲେଇ, ପୁରୁଷୋତ୍ତମ ବାରିକ, ସୁନୀଲ ଦତ୍ତ, ବିପିନ ନାଏକ, ସଞ୍ଜୟ ପାତ୍ର, ନିଶିକାନ୍ତ ପଲେଇ ସଞ୍ଜୀବ ପଲେଇ ଓ ଗୌତମ ପଲେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# କାଞ୍ଜିପାଣି ଅଞ୍ଚଳର ଗଞ୍ଜେଇ ଚାଷରେ ମିଳିତ ଚଢ଼ଉ

କେନ୍ଦୁଝର, ୧୦।୧(ସମିସ):



କେନ୍ଦୁଝର ଜିଲ୍ଲାର ଅଭ୍ୟନ୍ତରୀଣ ଅଞ୍ଚଳର ବ୍ୟାପକ ଗଞ୍ଜେଇ ଚାଷ ହୋଇଛି। ଏହାକୁ ନଷ୍ଟ କରିଛି ମିଳିତ ଟିମ। ଜିଲ୍ଲାର ଦୁର୍ଗମ କାଞ୍ଜିପାଣି

## ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଗଛକୁ ପୋଡ଼ି ନଷ୍ଟକଲେ ଟିମ୍

ଅଞ୍ଚଳରେ ସୁଚିନ୍ତିତ ଏବଂ ସୁପରିକଳ୍ପିତ ଭାବେ ଗଞ୍ଜେଇ ଚାଷ କରାଯାଇଥିଲା। ଚାଷ ସମ୍ପର୍କରେ ଗୁଇନ୍ଦା ଖବର ପାଇବା ପରେ ବନ ବିଭାଗ, ଅବକାରୀ ବିଭାଗ ଏବଂ ପୁଲିସ ମିଳିତ ଭାବେ ଚଢ଼ଉ କରି ସବୁ ନଷ୍ଟ କରି ଦେଇଛନ୍ତି। ଶନିବାର ଏହି ଅଭିଯାନକୁ ମିଶାଇ ଜିଲ୍ଲାରେ ପାଖାପାଖି ଦେଢ଼ କୋଟି ଟଙ୍କାର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଯାହା ଜିଲ୍ଲାରେ ଏକ ବଡ଼ ସଫଳତା ବୋଲି ଜଣାପଡ଼ିଛି।

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ଦୁର୍ଗମ କାଞ୍ଜିପାଣି ଅଞ୍ଚଳର ସୁନାଝରୀ ଗାଁ ପାଖ ଜଙ୍ଗଲ। ଶନିବାର ଦୂର ଦିଗବଳୟ ଯାଏ ଏଠାରେ ଧୂଆଁର ବଳୟ ଦୃଶ୍ୟମାନ ହେଉଥିଲା। ଯେଉଁଠି ପାଦରେ ଚାଲିଯିବା ମଧ୍ୟ ଅସମ୍ଭବ ସେଠାରେ ବ୍ୟାପକ ଅଞ୍ଚଳରେ ଗଞ୍ଜେଇ ଚାଷ ହୋଇଥିବା ଖବର ପାଇ ସଦଳବଳେ ପହଞ୍ଚିଥିଲେ ବନ ବିଭାଗ, ଅବକାରୀ ବିଭାଗ ଏବଂ କାଞ୍ଜିପାଣି ଥାନା ପୁଲିସ। ସମସ୍ତ ଗଞ୍ଜେଇ ଗଛ କାଟି ଏକ ସଙ୍ଗେ ନିଆଁ ଲଗାଇ ନଷ୍ଟ କରି ଦିଆ ଯାଇଥିଲା। ଏଥିରେ ସାମିଲ୍ ହୋଇଥିଲେ ସମସ୍ତ କର୍ମଚାରୀ ଓ ଅଧିକାରୀ। ୪୦ ଲକ୍ଷରୁ ଅଧିକ ଟଙ୍କାର ଗଞ୍ଜେଇ ଗଛକୁ ମିଶାଇ ଜିଲ୍ଲାରେ ପାଖାପାଖି ଦେଢ଼ କୋଟି ଟଙ୍କାର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା କହିଛନ୍ତି ବନ ବିଭାଗ ଅଧିକାରୀ।

ଏଭଳି ଦୁର୍ଗମ ଅଞ୍ଚଳରେ ଗଞ୍ଜେଇ ଚାଷ ଠାବ କରିବା ବିଭାଗ ପାଇଁ ଏତେ ସହଜ ନଥିଲା। ଏଥିପାଇଁ ପ୍ରଥମେ ଡ୍ରୋନ୍ କ୍ୟାମେରା ବ୍ୟବହାର କରିଥିଲା ବନ ବିଭାଗ। ସ୍ୱତନ୍ତ୍ର ଭାବେ ଗାତ ଖୋଳାଯାଇ ସେଠାରେ ଗଞ୍ଜେଇ ଗଛ ଲଗାଯାଇଥିଲା ବେଳେ ଗଞ୍ଜେଇ ଗଛକୁ ସୁରକ୍ଷା ଦେବାପାଇଁ ଚାରିପଟେ ବାଡ଼ା ଦିଆଯାଇଥିଲା। ଗଛରେ ପାଇପ୍ ଯୋଗେ ଏଠାରେ ବହିଯାଉଥିବା ଝରଣାର ଜଳକୁ ଯୋଗାଇ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଗଞ୍ଜେଇ ଗଛରେ ଖତ, ସାର ଦେବାର ବ୍ୟବସ୍ଥା ମଧ୍ୟ କରିଥିଲେ ମାଫିଆ। ଆଗକୁ ବିଭାଗ ତରଫରୁ ବେଆଇନ ଗଞ୍ଜେଇ ଗଛ ଚାଷ ନଷ୍ଟ ଅଭିଯାନ ଜାରି ରହିବ ବୋଲି ସୂଚନା ମିଳିଛି।

# ମା'ତାରିଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଆମ୍ଭୋର ଚାମ୍ପିଅନ

ଆନନ୍ଦପୁର, ୧୦।୧ (ସମିସ): ଆନନ୍ଦପୁର ବ୍ଲକ ଖଡ଼ିବିଲଠାରେ ୧୫ତମ ମା'ତାରିଣୀ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲରେ ଶାଳପଡ଼ାକୁ ଆମ୍ଭୋର ୪ ୱିକେଟ୍‌ରେ ହରାଇ ଚାମ୍ପିଅନ ହୋଇଛି। ଦଳର ମଙ୍ଗଳମୟ ନାୟକ ୧୬ ବଲରେ ୪୫ କରି ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ୍ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ପିସିସି ଅନୁସୂଚିତ ଜାତି ସେଲ୍ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ସମ୍ମାନିତ ଅତିଥି ବାବାସାହେବ ଆମ୍ବେଦକର ସଂଘର ମୁଖ୍ୟ ଉପଦେଷ୍ଟା ଅକ୍ରୁର ଚରଣ ଜେନା, ସରୋଜ ବିଶ୍ୱାଳ, ସାମ୍ବାଦିକ ସୁଶାନ୍ତ ସାହୁ, ନୀଳମଣି ଜେନା, ଦାମୋଦର ଜେନା ଓ କଳାକାର ଜେନା ଯୋଗ ଦେଇଥିଲେ। ବିଚିତ୍ର ପେରେଇ ଓ ଚନ୍ଦନ ଜେନା ଅମ୍ପାୟାର ଥିବା ବେଳେ ସ୍କୋରର ଭାବେ ଶକ୍ତିରଞ୍ଜନ ପେରେଇ ଦେବବ୍ରତ ପେରେଇ ଏବଂ ସୁରେଶ ଜେନା ଧାରା ବିବରଣୀରେ ସହଯୋଗ କରିଥିଲେ। କ୍ଲବ୍ ସମ୍ପାଦକ ସୁରେଶ ଜେନା, ସମ୍ପାଦକ ସିପୁନ ଜେନା, ମକରନ୍ଦ ଜେନା, ବାପି ଜେନା, ସନ୍ତୋଷ ପେରେଇ, ଫୁକୁନ ଜେନା, ଲିପୁନ ଜେନା, ଆଲୋକ ଜେନା, ତପୁ ଜେନା, ଜଗନ ଜେନା, ମନୋଜ ଜେନା, ସୁଶୀଲ ଜେନା, ରାଜା ଦଳେଇ, ସୌମ୍ୟରଞ୍ଜନ ଜେନା ପ୍ରମୁଖ ସହଯୋଗ କରିଥିଲେ।



# ଧଳାଜହର ଜବତ; ୨ ଗିରଫ

ହାଟଡ଼ିହୀ, ୧୦।୧(ସମିସ): ନନ୍ଦିପଦା ଥାନା ହାଟଡ଼ିହୀ ଟ୍ରେଜେରୀ ଅଫିସ୍ ନିକଟରୁ ଧଳାଜହର ଜବତ ସହ ଦୁଇଜଣ ଯୁବକଙ୍କୁ ଧରିବାରେ ସକ୍ଷମ ହୋଇଛି ପୁଲିସ। ଗତ ଶୁକ୍ରବାର ସନ୍ଧ୍ୟାସମୟରେ ନନ୍ଦିପଦା ପୁଲିସ ଘସିପୁରା ଥାନା ଝାରଖଣ୍ଡ ଅଞ୍ଚଳର ସ୍ମୃତିରଞ୍ଜନ ଦାସ ଓ ଶାଳପଡ଼ା ଅଞ୍ଚଳର ସ୍ୱର୍ଣ୍ଣପ୍ରକାଶ ପତିଙ୍କଠାରୁ ୨ଗ୍ରାମର ଧଳାଜହର ଜବତ କରିବା ପରେ ଉଭୟଙ୍କୁ କେସ ନଂ ୧୫/୨୬ରେ କୋର୍ଟ ଚାଲାଣ କରିଥିବା ନେଇ ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି

# ରାଜନଗରରେ ମକର ବୁଡ଼ ପକାଇବେ ମୁଖ୍ୟମନ୍ତ୍ରୀ; ଜିଲ୍ଲା ପ୍ରଶାସନ ତତ୍ପର

ଡୁବୁମୁଙ୍ଗା, ୧୦।୧(ସମିସ): ପବିତ୍ର ମକରସଂକ୍ରାନ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଣ୍ୟତୋୟା ବୈତରଣୀ ନଦୀରେ ବୁଡ଼ ପକାଇବେ।



ଏଥିପାଇଁ ପାଟଣା ବ୍ଲକ ପ୍ରଶାସନ ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ମୁଖ୍ୟମନ୍ତ୍ରୀଙ୍କ ବୁଡ଼ ପକାଇବା ପାଇଁ ଭୀମକୁଣ୍ଡ ଓ ରାଜନଗର ବୈତରଣୀନଦୀ ଘାଟକୁ ପ୍ରଶାସନ ପକ୍ଷରୁ ଚୟନ କରାଯାଇଥିବା ବେଳେ ରାଜନଗର ହାଇସ୍କୁଲ ନିକଟ ପଡ଼ିଆରେ ହେଲିପ୍ୟାଡ ନିର୍ମାଣ କରାଯାଇଛି। ଏଥିସହ ପାର୍କିଂସ୍ଥଳ ନିର୍ମାଣ କରାଯିବା ସହ ଗାଧୁଆସ୍ଥଳ ନିକଟ ରାସ୍ତାକୁ ସଫେଇ କରାଯାଇଛି। ସେହିପରି ପର୍ଯ୍ୟଟନସ୍ଥଳ ଭୀମକୁଣ୍ଡରେ ମଧ୍ୟ ଜୋରଦାର ପ୍ରସ୍ତୁତି ଚାଲିଛି। ନଦୀରେ ପାହାଚ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତରେ ଚାଲୁଛି। ଶନିବାର ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ, ସହକାରୀ ଯନ୍ତ୍ରୀ ସୁସ୍ମିତା ବେହେରା, ଯନ୍ତ୍ରୀ ଖେଳାରାମ ମୁର୍ମୁ, ଏପିଓ ଦୀପକ ବେହେରା, ରାଜନଗର ସରପଞ୍ଚ ସୁଧାଂଶୁ ଶେଖର ନାଏକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ବିଦ୍ୟାଧର ମହାନ୍ତ ପ୍ରମୁଖ ରାଜନଗର ବୈତରଣୀ ନଦୀର ଶୈବ୍ୟାକାବେରୀ ଘାଟ ଅଞ୍ଚଳ ପରିଦର୍ଶନ କରିଥିଲେ।

# ଗୁଳି ଫୁଟାଇ ଔଷଧ ଦୋକାନୀଙ୍କୁ ଲୁଟ୍

ଆନନ୍ଦପୁର, ୧୦।୧ (ସମିସ): ଦୋକାନୀଙ୍କୁ ଔଷଧ ମାଗିବା ପରେ ଜବରଦସ୍ତି ଲୁଟି ନେଲେ ତାଙ୍କ ସୁନାଚେନ। ଲୋକ ପାଟି କରିବାରୁ ଦୁର୍ବୃତ୍ତ କଲେ ଫାଙ୍କା ଗୁଳି ଚାଳନା କରି ଚମ୍ପଟ ମାରିଛନ୍ତି। ଘସିପୁରା ଥାନା ବେଲବାହାଳି ବଜାରରେ ସୁବାସ ଖୁଣ୍ଟିଆଙ୍କ ଔଷଧ ଦୋକାନରେ ଏଭଳି କାଣ୍ଡ କରି ଦୁର୍ବୃତ୍ତ ଖୋଲାଖୋଲି ଲୁଟ୍ ତରାଜ କରିଛନ୍ତି। ଦୋକାନୀ କାବୁ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ତାଙ୍କୁ ଠେଲି ପକାଇଦେବା ସହ ଫାଙ୍କା ଗୁଳି ଚାଳନା କରି ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିଥିଲେ। ସେଠାରୁ ବାଇକ ଯୋଗେ ଫେରାର ହୋଇଯିବାରେ ସଫଳ ହୋଇଛନ୍ତି। ଖବର ପାଇ ଘସିପୁରା ପୁଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିବା ସହ ଛାନଭିନ ଆରମ୍ଭ କରିଛି। ସନ୍ଧ୍ୟା ସମୟରେ ବଜାର ଅଞ୍ଚଳରେ ଏଭଳି ଗୁଳି ଫୁଟାଇବା ଭଳି ଘଟଣା ସାରା ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।



# ନବନିର୍ମାଣ କୃଷକ ସଂଗଠନର ବୈଠକ

ବେତନଟୀ, ୧୦।୧(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ନିକଟସ୍ଥ ମହୁରୀ ପଡ଼ିଆରେ ନବନିର୍ମାଣ କୃଷକ ସଂଗଠନର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଚାଷୀ ନେତାମାନେ ଧାନ ମଣ୍ଡିରେ ଚାଲିଥିବା କଟ୍‌ନି ଛଟ୍‌ନିକୁ ଦୃଢ଼ ନିନ୍ଦା କରିଛନ୍ତି। ଯାହା ମିଲର୍‌ଙ୍କ ମନମାନି ଓ ସରକାରୀ ବିଫଳତାର ପ୍ରମାଣ ବୋଲି କହିଛନ୍ତି। ଏହା ସମଗ୍ର ଜିଲ୍ଲାର ଚାଷୀଙ୍କୁ ଶୋଷଣ କରୁଛି ଓ ରାଜ୍ୟର କୃଷି ଅର୍ଥନୀତିକୁ ଦୁର୍ବଳ କରୁଛି ବୋଲି କହିଛନ୍ତି ଚାଷୀ ନେତା। ବ୍ଲକ୍ ସଭାପତି ପ୍ରଶାନ୍ତ କରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସଭାପତି ପ୍ରାଣବନ୍ଧୁ ପଲେଇ ଏହି ଦୁର୍ନୀତିର ମୂଳ ଉପୁଡ଼ାଇବାକୁ ଆହ୍ୱାନ ଦେଇଛନ୍ତି। ଜିଲ୍ଲା ପ୍ରଭାରୀ ଚିନୁ ଦାଶ କହିଛନ୍ତି, ଅନ୍ୟ ଜିଲ୍ଲା ତୁଳନାରେ ମୟୂରଭଞ୍ଜରେ ଏତେ ଅଧିକ ହରିଲୁଟ କାହିଁକି? ଏହା ରାଜନୈତିକ-ବ୍ୟବସାୟିକ ଷଡ଼ଯନ୍ତ୍ରର ସଙ୍କେତ। ଯାହାକୁ ଭିଜିଲାନ୍ସ ତଦନ୍ତ ଦରକାର। ଏ ନେଇ ୨୧ ତାରିଖରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯିବା ନେଇ ନିଷ୍ପତ୍ତି ହୋଇଛି। ବୈଠକରେ ମଙ୍ଗଳ ସିଂ, ମହେନ୍ଦ୍ର ମହାନ୍ତ, ପଦ୍ମଲୋଚନ ମହାନ୍ତ, ଦଲୁରାମ ସିଂ, ଶ୍ରବଣ ଛାଟିଆ, ସୁବଳ ସାମଲ, ଜୟନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।



# ବଡ଼ସାହି କଲେଜ ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ବଡ଼ସାହି, ୧୦।୧(ସମିସ): ସ୍ଥାନୀୟ ତାଳପଦାସ୍ଥ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ରଞ୍ଜନ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। 'ଭାରତର ସମ୍ବିଧାନ ଏକ ଜୀବନ୍ତ ଦସ୍ତାବିଜ; କ୍ରମବିକାଶ ଓ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ରରେ ଶ୍ରୀମା ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାପକ ଶ୍ରୀକାନ୍ତ ରାଉତ ଓ ବେଦନନୀ କଲେଜର ବରିଷ୍ଠ ଅଧ୍ୟାପକ ଦେବବ୍ରତ ମହାପାତ୍ର, ରିସୋର୍ସ ପରସନ୍ ଭାବେ ଯୋଗଦେଇ ବିଷୟଭିତ୍ତିକ ଅଭିଭାଷଣ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ବିନୋଦ ପରିଡ଼ା "ବିଷୟଭିତ୍ତିକ ମୁଖ୍ୟାଂଶ' ଅଭିଭାଷଣ ମାଧ୍ୟମରେ ପ୍ରଦାନ କରି ଭାରତୀୟ ସମ୍ବିଧାନର ମହାନତା ଓ କ୍ରମ ବିକାଶ ସହିତ ବିଭିନ୍ନ ଆହ୍ୱାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ଅଧ୍ୟାପକ ଡ. ଅନ୍ତର୍ଯ୍ୟାମୀ ବେରିଆ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀ ମିନତୀ ସିଂ, ପ୍ରିୟଦର୍ଶିନୀ ପଣ୍ଡା, ଲିପିକା ନାଏକ, ଛାତ୍ର ସତ୍ୟଜିତ୍ ସିଂ, ଶରତ ବେହେରା ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ଗୀତିସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



■ ନାବାଳକ ଛାତ୍ରଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ

# କୋଚିଂ ସେଣ୍ଟର ଶିକ୍ଷକ ଗିରଫ



ଉଦଳା, ୧୦।୧(ସମିସ): କୋଚିଂ ସେଣ୍ଟରରେ ଶିକ୍ଷକଙ୍କ ହୀନ କାମ। ଜଣେ ୮ ବର୍ଷର ନାବାଳକ ଛାତ୍ର ସହିତ ରଖିଲେ ଅପ୍ରାକୃତିକ ଯୌନ ସମ୍ପର୍କ। ଏ ନେଇ ପରିବାର ଲୋକ ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ଶିକ୍ଷକଙ୍କୁ ଗିରଫ କରାଯାଇଛି। ଉଦଳା ଥାନା ଏନଏସିର ୧୧ନଂ ୱାର୍ଡରେ ଥିବା ଏକ କୋଚିଂ ସେଣ୍ଟର ଶିକ୍ଷକ ଚିନ୍ମୟ ପାତ୍ର କୋଚିଂ କ୍ଲାସ ସରିବା ପରେ ସେହି ସେଣ୍ଟରରେ ପଢୁଥିବା ୮ ବର୍ଷର ନାବାଳକ ସହ ଜୋର ଜବରଦସ୍ତ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ଛାତ୍ର ଜଣକ ଗୁରୁତର ହୋଇଥିଲେ ଓ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପରିବାର ଲୋକେ ଏ ନେଇ ଉଦଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଘଟଣା ଭିଆଇବା ପରେ ଶିକ୍ଷକ ଚିନ୍ମୟ ପାତ୍ର ଫେରାର ହୋଇଥିବାବେଳେ କୋଚିଂ ସେଣ୍ଟରର ବ୍ୟାନର ଓ ସାଇନ ବୋର୍ଡ ହଟାଇ ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

ଠାକୁରମୁଣ୍ଡା/ମହୁଲଡ଼ିହା, ୧୦।୧(ସମିସ): ଶନିବାର ଦିନ ପ୍ରାୟ ୧୧ଟା ସମୟରେ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାରେ ଯାଉଥିବା ଏକ ଗୋରୁ ବୋଝେଇ ପିକଅପ ଭ୍ୟାନ୍‌କୁ କରଞ୍ଜିଆ ଏସଡିପିଓ ନବକିଶୋର ନାୟକ ଧରି ଠାକୁରମୁଣ୍ଡା ଥାନାରେ ଆଣି ଅଟକ ରଖିଛନ୍ତି। ଠାକୁରମୁଣ୍ଡାରୁ ଏକ ପିକଅପ ଭ୍ୟାନ ଯୋଗେ ୬ଟି ଗୋରୁ ବୋଝେଇ କରି କରଞ୍ଜିଆ ଆଡକୁ ଯାଉଥିବାବେଳେ କରଞ୍ଜିଆରୁ ଠାକୁରମୁଣ୍ଡା ଆସୁଥିବା ପୁଲିସ ଏସଡିପିଓ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର କେନ୍ଦୁଜିଆଣି ଓ ଆସନବଣି ନିକଟରୁ ଭ୍ୟାନକୁ ଅଟକାଇ ଧରିଥିଲେ।



# ଉଦଳା ପ୍ରାଥମିକ ଶିକ୍ଷକ ମହାସଂଘର ସମ୍ମିଳନୀ

ଉଦଳା, ୧୦।୧(ସମିସ): ପ୍ରାଥମିକ ଶିକ୍ଷକ ମହାସଂଘର ନବବର୍ଷ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ସଭାପତି ବିରେନ୍ଦ୍ରନାଥ ମଢେଇଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୨୦୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ସକାଳେ ଉଦଳାରୁ ବସ୍ ଯୋଗେ ଯାତ୍ରା ଆରମ୍ଭ କରି ଶମିବୃକ୍ଷରେ ପହଞ୍ଚିଥିଲେ। ବିଧାୟକ ଭାସ୍କର ମଢେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏଥିରେ ଏକ୍ସ କ୍ୟାଡର ସଂଘ ସଭାପତି ଶାନ୍ତନୁ ନାୟକ, ଏମ୍‌ଏଲ୍‌ଇ ସଂଘ ସଭାପତି ରବିନ୍ଦ୍ର ସୋରେନ, ଜୁନିୟର ଶିକ୍ଷକ ସଂଘ ସଭାପତି ବିଭୁଦତ୍ତ ବିନ୍ଧାଣି, ବରିଷ୍ଠ ଶିକ୍ଷକ ଅଜୟ ପଣ୍ଡା, ସୁଧାଂଶୁ ବେହେରା, ଲାଲମୋହନ ମାରାଣ୍ଡି, ହିରଣ୍ୟ ବେହେରା, ରମେଶ ଖଣ୍ଡେଇ, ରଜତ ମହାପାତ୍ର, ପ୍ରଭାତ ଶଙ୍ଖୁଆ, ନରୋତ୍ତମ ପ୍ରଧାନ, ମୁକ୍ତିକାନ୍ତ ନାଏକ, ଶିକ୍ଷୟିତ୍ରୀ ଅସୀମା ଅରୁନ୍ଧତୀ, ପଦ୍ମଗନ୍ଧା ଦାସବାବୁ ପ୍ରମୁଖ ସାମିଲ ଥିଲେ।



ରୟାଲ୍ସ ପ୍ରିମିୟର ଲିଗ୍

# ପରୀ ଚ୍ୟାଲେଞ୍ଜର ଓ ଭି ରୋର ଫାଇନାଲ୍‌କୁ ଉନ୍ନୀତ

ବାରିପଦା, ୧୦।୧(ସମିସ): ଷ୍ଟେସନ ଆଥଲେଟିକ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଏକାଦଶତମ ରୟାଲ୍ସ ପ୍ରିମିୟର ଲିଗର ଅଷ୍ଟମ ଦିନରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଶିଷ୍ଟ କ୍ରୀଡ଼ା ସଂଗଠକ ସୌମ୍ୟ ସ୍ୱରୂପ ମହାପାତ୍ର ଯୋଗଦେଇ ଖେଳକୁ ଉଦଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଗ୍‌ର ସଭାପତି ସଞ୍ଜୀବ ଦ୍ୱିବେଦୀ, ଷ୍ଟେସନ ଆଥଲେଟିକ ଆସୋସିଏସନର ଉପସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ ଓ ବରିଷ୍ଠ ସଦସ୍ୟ ପଵନ କୁମାର ଅଗ୍ରୱାଲ, କ୍ଲବ୍ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମ କ୍ୱାଲିଫାୟାର ମ୍ୟାଚ୍‌ରେ ପରୀ ଚ୍ୟାଲେଞ୍ଜର ୩୪ ରନରେ ଆଞ୍ଜେଲ ରଣା ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଶୁଭେନ୍ଦୁ ଦାସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଲିମିନେଟର ମ୍ୟାଚରେ ଭି ରୋର ୭ ୱିକେଟରେ ମା' ତାରିଣୀ ୱାରିୟର୍ସ ଦଳକୁ ପରାସ୍ତ କରିଥିଲା। ଆଦିତ୍ୟ ବସା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ କ୍ୱାଲିଫାୟାର ମ୍ୟାଚରେ ଭି ରୋର ୭ ୱିକେଟରେ ଆଞ୍ଜେଲ ରଣା ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଆଦିତ୍ୟ ବସା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଲକ୍ଷ୍ମୀଧର ସିଂ, ପ୍ରସନ୍ନଜିତ ମହାନ୍ତି, ଅବିନାଶ କଲିଆ ଓ ତାପସ ଦେ ଖେଳ ପରିଚାଳନା କରିଥିବାବେଳେ ବିଭୁ ସ୍କୋରର ଓ ରାଜେଶ ସାହୁ ମ୍ୟାଚ୍ ରେଫରୀ ଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ।



# ନୂତନ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



ରାସଗୋବିନ୍ଦପୁର, ୧୦।୧(ସମିସ): ରାସଗୋବିନ୍ଦପୁର ବ୍ଲକ୍ ଅନ୍ତର୍ଗତ ବିନୋଦ ବିହାରୀ ଆଞ୍ଚଳିକ ମହାବିଦ୍ୟାଳୟରେ ମନୋରଞ୍ଜନ ମଲ୍ଲିକ ନୂତନ ଭାବେ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ଅବସରରେ ତାଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ତତ୍‌ସହିତ ରାସଗୋବିନ୍ଦପୁର ପ୍ରେସ କ୍ଲବର ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା। ନୂତନ ଅଧ୍ୟକ୍ଷ ଭାବେ କଲେଜର ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ମଲ୍ଲିକ ମହାବିଦ୍ୟାଳୟ ଉନ୍ନତି କରିବା ସହିତ ମହାବିଦ୍ୟାଳୟର ସମସ୍ୟାର ସମାଧାନ କରିବେ ଓ ପିଲାଙ୍କ ପାଠପଢା ସହ କିଭଳି ପିଲାମାନେ ପରୀକ୍ଷାରେ କୃତକାର୍ଯ୍ୟ ହେବେ ସେ ଦିଗରେ ବିହୀତ ପଦକ୍ଷେପ ଗ୍ରହଣ କରିବେ। ଅଧ୍ୟାପକ ଡ ଦିଲ୍ଲୀପ କୁମାର ରଥ, ବିଭାସବିନ୍ଦୁ ମହାପାତ୍ର, ତପନ ଦାସ, ଜୟନ୍ତ ପରିଡ଼ା, ନକୁଳି ମାହାଲା, ରତିକାନ୍ତ ଦାସଅଧିକାରୀ, ମନୋରଞ୍ଜନ ଦାସ, ବିଶେଶ୍ୱର ଘୋଷ, ଜୟନ୍ତ ରାଉଳ, ଅଧ୍ୟାପିକା ଆରତୀ ଷଡ଼ଙ୍ଗୀ, ବରଦାଲକ୍ଷ୍ମୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସିମ ନଦୀପଠାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଠାକୁରମୁଣ୍ଡା/ମହୁଲଡ଼ିହା, ୧୦।୧(ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ରାଇପଦା ଗ୍ରାମ ନିକଟ ସିମ ନଦୀପଠାରୁ ଶନିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଖଣ୍ଡବନ୍ଧ ପଞ୍ଚାୟତ ବାଲିପକ୍ଷି ଦେହୁରୀ ସାହିର ବାବୁ ନାଏକ (୨୨) ବୋଲି ଜଣାପଡ଼ିଛି। ଠାକୁରମୁଣ୍ଡା ଥାନା ପୁଲିସ ମୃତଦେହ ଉଦ୍ଧାର କରି ୧/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଦେହୁରୀ ସାହିର ସ୍ୱର୍ଗତ ନୀଳମଣି ନାୟକଙ୍କ ପୁଅ ବାବୁ ଗ୍ରାମ ନିକଟରେ ଶୁକ୍ରବାର ଦିନ ରାଇପଦା ଗ୍ରାମରେ ହେଉଥିବା ସାପ୍ତାହିକ ହାଟକୁ ଯାଇଥିଲେ। କୌଣସି କାରଣରୁ ହାଟ ନିକଟରେ ପ୍ରବାହିତ ସିମ ନଦୀକୁ କୂଳରେ ପାଣିରେ ପଡିଯାଇଥିଲେ। ତାଙ୍କ ମୃତଦେହକୁ ସ୍ଥାନୀୟ ଲୋକେ ପରଦିନ ସକାଳେ ଦେଖିବା ପରେ ଠାକୁରମୁଣ୍ଡା ଥାନାକୁ ଖବର ଦେଇଥିଲେ।

ଅତିରିକ୍ତ ଜିଲ୍ଲାପାଳଙ୍କ ଦୁର୍ବ୍ୟବହାର

# ଥାନାରେ ଅଭିଯୋଗ, ଭିଡିଓ ଭାଇରାଲ

ରାଇରଙ୍ଗପୁର, ୧୦।୧(ସମିସ):




ରାଇରଙ୍ଗପୁରସ୍ଥ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ ସ୍ଥାନୀୟ ଲୋକଙ୍କୁ ଦୁର୍ବ୍ୟବହାର କରିବା ନେଇ ଅଭିଯୋଗ ହୋଇଛି। ଯାହାକୁ ନେଇ ଦୁର୍ବ୍ୟବହାରର ଶିକାର ସୁଲୋଚନା ସାହୁ ଓ ପରିବାର ଲୋକେ ଶନିବାର ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପାଟିତୁଣ୍ଡ ନେଇ ଭିଡିଓ ଭାଇରାଲ ହେଉଛି। ଯାହାକି ମୋବାଇଲରୁ ମୋବାଇଲ ଘୁରି ବୁଲିବାରେ ଲାଗିଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି।

ରାଇରଙ୍ଗପୁରସ୍ଥ କଚେରୀ କ୍ୟାଣ୍ଟିନ ନିର୍ମାଣ ହୋଇଥିବାବେଳେ ବିଭିନ୍ନ ସମସ୍ୟା ପାଇଁ ତାହା ଆରମ୍ଭ ହୋଇପାରୁନି। ଉକ୍ତ କ୍ୟାଣ୍ଟିନ ପରିଚାଳନା ନିମନ୍ତେ ସ୍ଥାନୀୟ ଅଞ୍ଚଳର ସନ୍ତୋଷ ସାହୁଙ୍କୁ ଟେଣ୍ଡର ପ୍ରଦାନ କରାଯାଇଛି। ଏ ନେଇ ୯,୭୦,୦୦୦ଟଙ୍କା ଖର୍ଚ୍ଚ କରିଥିଲେ। ୩ ବର୍ଷ ୬ ମାସର ଏଗ୍ରିମେଣ୍ଟ ମଧ୍ୟ ହୋଇଛି। କିଛିଦିନ ପୂର୍ବେ ସାଂସଦ ନବଚରଣ ମାଝୀ ଉଦଘାଟନ କରିଥିବାବେଳେ ପୁନଶ୍ଚ ବନ୍ଦ ହୋଇଯାଇଛି। କ୍ୟାଣ୍ଟିନ ଆରମ୍ଭ ନ ହେବାରୁ ସେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ କ୍ୟାଣ୍ଟିନ ଚାବି ମାଗିବା ପାଇଁ ସେ ଓ ତାଙ୍କ ସ୍ତ୍ରୀ, ପୁଅ ଓ ମହିଳା ଜଣକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବଳଙ୍କ ପାଖକୁ ଶୁକ୍ରବାର ଅପରାହ୍ନ ସମୟରେ ଯାଇଥିଲେ। ଶ୍ରୀ ସାହୁ ଅନେକ ଟଙ୍କା ଖର୍ଚ୍ଚ କରିସାରିଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ କ୍ୟାଣ୍ଟିନ ଆରମ୍ଭ କରି ନ ପାରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ତାଙ୍କୁ କ୍ୟାଣ୍ଟିନ ଚାବି ପ୍ରଦାନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବଳଙ୍କୁ କହିଥିଲେ। ସେ କ୍ରୋଧିତ ହୋଇ ଦୁର୍ବ୍ୟବହାର କରିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ପାଟିତୁଣ୍ଡ ହୋଇଥିଲା। ମୋବାଇଲରେ ତାହାକୁ ଭିଡିଓ ଉତ୍ତୋଳନ କରିବାରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବଳ ତାଙ୍କୁ ଚ୍ୟାମ୍ବରରୁ ବାହାର କରି ଦେଇଥିଲେ। ଏମିତିକି ପେଲି ବାହାର କରି କବାଟ ବନ୍ଦ କରି ଦେଇଥିଲେ। ଏହାର ଭିଡିଓ ମୋବାଇଲରେ ଉତ୍ତୋଳନ ହୋଇଥିବାବେଳେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଘଟଣା ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବଳଙ୍କୁ ପଚାରିବାରୁ ତାଙ୍କୁ ଦୁର୍ବ୍ୟବହାର କରିବା ସହ ମୋବାଇଲରେ ଭିଡିଓ ଉତ୍ତୋଳନ କରିବାରୁ ତାଙ୍କୁ ଚ୍ୟାମ୍ବରରୁ ବାହାର କରିଦେଇଥିବା କହିଛନ୍ତି। ତେବେ ଶ୍ରୀମତୀ ସାହୁ ଅତିରିକ୍ତ ଜିଲ୍ଲାପାଳ ଦୁର୍ବ୍ୟବହାର କରିଥିବା ନେଇ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। କ୍ୟାଣ୍ଟିନ ଚାବି ପାଇବା ପାଇଁ ଆଗକୁ ଆଇନ ଆଶ୍ରୟ ନେବେ ବୋଲି କହିଛନ୍ତି। ଲୋକଙ୍କ ସରକାରରେ ଜଣେ ପ୍ରଶାସନିକ ଅଧିକାରୀ ସାଧାରଣ ଜନତାଙ୍କୁ ଏଭଳି ବ୍ୟବହାର ସ୍ୱାଗତଯୋଗ୍ୟ ନୁହେଁ ବୋଲି ମତ ପ୍ରକାଶ କରିଛନ୍ତି।

## ଫେଲ୍ ମାରୁଛି ମଧ୍ୟାହ୍ନ ଭୋଜନ ଯୋଜନା

# ୨ ଦିନ ଧରି ଉପାସରେ ଛାତ୍ରଛାତ୍ରୀ

ବାସୁଦେବପୁର, ୧୦।୧(ସମିସ): ଫେଲ୍ ମାରିଛି ପିଏମ୍ ପୋଷଣ ଯୋଜନା। ଖାଦ୍ୟ ଗାଡ଼ି ସ୍କୁଲ ଆଗରେ ଠିଆ ହୋଇ ହୋଇ ଫେରିଯାଉଛି ସିନା କିନ୍ତୁ ପିଲାଙ୍କୁ ଦିଆଯାଉନି। ଫଳରେ ୨ଦିନ ଧରି ଛାତ୍ରଛାତ୍ରୀ ଉପାସରେ। ଖାଇବା ଛୁଟିରେ କିଏ ପାଣି

ଛାତ୍ରଛାତ୍ରୀ। ସ୍କୁଲରେ ରହିଛି ବେଆଇନ ଭାବେ ବସ୍ତା ବସ୍ତା ଚାଉଳ। ରୋଷେଇ ଘରେ ପଡ଼ିଛି ତାଲା। ସେପଟେ ଅର୍ଥ ଅଭାବରୁ ରୋଷେଇ ହୋଇପାରୁନାହିଁ

ଅଭିଭାବକ ନିମ୍ନମାନର ଖାଦ୍ୟ ପ୍ରଦାନ କରୁଥିବାର ଅଭିଯୋଗ କରି ନଭେମ୍ବର ମାସରୁ ଖାଦ୍ୟ ଯୋଗାଣ ବନ୍ଦ କରିଦେଇଥିଲେ। ବନ୍ଦ ପଛରେ ପ୍ରଧାନଶିକ୍ଷକଙ୍କ



### ଫେରିଲା ଖାଦ୍ୟ ଗାଡ଼ି

ପିଇ ଭୋକ ମେଣ୍ଟାଉଛି ତ କିଏ ଭୋକ ସହି ନପାରି ଘରକୁ ପଳାଉଛି। ବାସୁଦେବପୁର ପୌରପାଳିକା ଶୁକଦେବପୁର ସ୍କୁଲରେ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ପ୍ରଧାନଶିକ୍ଷକଙ୍କ ପରିଚାଳନାଗତ ତ୍ରୁଟି ଓ କିଛି ଅଭିଭାବକଙ୍କ ମନମାନି ଯୋଗୁଁ ଏଭଳି ଅଚଳାବସ୍ଥା ଦେଖାଦେଇଥିବା ଅଭିଭାବକମହଲରେ ଅଭିଯୋଗ ହୋଇଛି।

ପୁଷ୍ଟିକର ଖାଦ୍ୟ ଯୋଜନାରେ କୁନିକୁନି ଶିଶୁମାନଙ୍କୁ ପୋଷଣ ଯୋଜନାରେ ଯୋଗାଇ ଦିଆଯାଉଛି ମଧ୍ୟାହ୍ନଭୋଜନ। ବାସୁଦେବପୁର ପୌରପାଳିକା ଶୁକଦେବପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇ ଦିନ ଧରି ଉପାସରେ

ବୋଲି ପ୍ରଧାନଶିକ୍ଷକ ସଫେଇ ଦେଉଛନ୍ତି। ବାସୁଦେବପୁର ପୌରପାଳିକାର ଶୁକଦେବପୁର ସ୍କୁଲର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ମଧ୍ୟାହ୍ନଭୋଜନ ବଣ୍ଟନ ଦାୟିତ୍ୱ ଭଦ୍ରକର ଦାମୋଦରଜୀଉ ସେବା ସଂସ୍ଥା ହାତକୁ ନେଇଥିଲା। ଶୁକଦେବପୁରର କିଛି

ପ୍ରଚ୍ଛନ୍ନ ହାତ ରହିଥିବାର ଚର୍ଚ୍ଚା ହେଉଛି। କିଛି ଦିନ ରୋଷେଇ କରି ଦେବା ପରେ ଏବେ ୨ ଦିନ ଧରି ରୋଷେଇ ବନ୍ଦ ହେବାରୁ ଛାତ୍ରଛାତ୍ରୀ ଉପାସରେ ଆଉଟୁପାଉଟୁ ହେଉଛନ୍ତି। ସେପଟେ, ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ଖାଦ୍ୟ ଗାଡ଼ି ମଧ୍ୟ ଠିଆ ହୋଇ ହୋଇ ଫେରୁଛି।

# ଓସ୍କାରର ୩ ବିଭାଗରେ ଅକ୍ଷୟ ପରିଜାଙ୍କ 'ପାପା ବୁକା'

ଭୁବନେଶ୍ୱର, ୧୦।୧(ସମିସ): ଅନ୍ତର୍ଜାତୀୟସ୍ତରରେ ପ୍ରଶଂସିତ ଚଳଚ୍ଚିତ୍ର 'ପାପା ବୁକା' ୯୮ତମ ଏକାଡେମୀ ଆୱାର୍ଡସ୍ (ଓସ୍କାର)ର ତିନୋଟି ବିଭାଗରେ ସ୍ଥାନ ପାଇ ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ଏକ ଗୌରବମୟ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ଚଳଚ୍ଚିତ୍ରଟି ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଚିତ୍ରନାଟ୍ୟ ଏବଂ ଶ୍ରେଷ୍ଠ ଅଭିନେତା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ଏହା ଓଡ଼ିଆ ତଥା ଭାରତୀୟ ସ୍ୱାଧୀନତା ସିନେମା ପ୍ରତି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ଓଡ଼ିଶାର ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା, ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ବିଜେତା ଅକ୍ଷୟ କୁମାର ପରିଜା। ପି.ଏ ରଞ୍ଜିତ ଏବଂ ପ୍ରକାଶ ବେରେ ପ୍ରଯୋଜନାରେ ସହଯୋଗ କରିଛନ୍ତି। ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଡକ୍ଟର ବିଜୁ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

'ପାପା ବୁକା'ରେ ପପୁଆ ନ୍ୟୁ ଗିନିର ଆଦିବାସୀ ସଂସ୍କୃତି ଓ ପରମ୍ପରା ପ୍ରଦର୍ଶିତ ହୋଇଛି। ପପୁଆ ନ୍ୟୁ ଗିନିର ପୃଷ୍ଠଭୂମିରେ ନିର୍ମିତ ଏହି ଚଳଚ୍ଚିତ୍ରଟି ପରିଚୟ, ସ୍ମୃତି ଏବଂ ମାନବୀୟ ଶକ୍ତିକୁ ଉଜ୍ଜୀବିତ କରିଛି। ଅନେକ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଏହା ପ୍ରଦର୍ଶିତ ହେବା ସହ ନିଜର ସଚ୍ଚୋଟ କାହାଣୀ ପାଇଁ ବେଶ୍ ପ୍ରଶଂସା ସାଉଁଟିଛି। ଓସ୍କାରର ଏକାଧିକ ବିଭାଗରେ ଏହାର ଚୟନ ଓଡ଼ିଶାର ଚଳଚ୍ଚିତ୍ର ନିର୍ମାତାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଏବଂ ବିଶ୍ୱ ଦରବାରରେ ଭାରତୀୟ ସିନେମାର ବଢ଼ୁଥିବା ପ୍ରଭାବକୁ ଦର୍ଶାଉଛି। ଏହି ସଫଳତାକୁ ବିଶ୍ୱସ୍ତରରେ ଓଡ଼ିଆ ସିନେମାର ଏକ ଐତିହାସିକ ବିଜୟ ଭାବେ ପାଳନ କରାଯାଉଛି।




## ପି. ସାଇ ପ୍ରସାଦଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହୃତ

ଭୁବନେଶ୍ୱର,୧୦।୧(ସମିସ): ରାୟଗଡ଼ା ଜିଲ୍ଲା ରାୟଗଡ଼ା ମ୍ୟୁନିସିପାଲିଟି ଅନ୍ତର୍ଗତ ରୋହିତ କଲୋନୀର ପି. ସାଇ ପ୍ରସାଦଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛି ବିଜେଡି। ଏନେଇ ଦଳ ପକ୍ଷରୁ ଶନିବାର ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

## ମା'କୁ ପିଟିପିଟି ମାରିଦେଲା ପୁଅ

ଗଣିଆ,୧୦।୧(ସମିସ): ଯେଉଁ ପୁଅକୁ ଜନ୍ମ କରିଥିଲା ସେ ପୁଅ ସାଜିଲା ହତ୍ୟାକାରୀ। ଜନ୍ମ କଲା ମାଆକୁ ପୁଅ ପ୍ରଥମେ ବାଡ଼େଇ ବାଡେଇ ଓ ପରେ ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ କରଡ଼ାପଡ଼ା ପଞ୍ଚାୟତ କଳାଶିମିଳି ଗ୍ରାମରେ ଏଭଳି ଘଟଣା ଘଟିଛି। ଗ୍ରାମର ରବୀନ୍ଦ୍ର ବାରିକିଙ୍କ ପୁଅ କୁନା ବାରିକି ଶୁକ୍ରବାର ରାତିରେ ମା' ସୁକାନ୍ତି ଦେଈଙ୍କ ସହିତ ଗଣ୍ଡଗୋଳ, ପାଟିତୁଣ୍ଡ କରିଥିଲା। ଏପରିକି ମା'କୁ ଅମାନୁଷିକ ଭାବରେ ବାଡ଼େଇ ବାଡ଼େଇ ଘରକୁ ଆଣିଥିବା ବେଳେ ପରେ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘରେ ବାପା ନ ଥିବା ବେଳେ କୁନା ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଖବର ପାଇ ଶନିବାର ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏଏସଆଇ ଶାହା ଆଲାମ ଖାଁ ପହଞ୍ଚି କୁନାକୁ ଥାନାକୁ ଆଣିଛନ୍ତି।

କୁନା ଅନେକ ସମୟରେ ଘରେ ମା' ସହ ପାଟିତୁଣ୍ଡ ଗଣ୍ଡଗୋଳ କରୁଥିବା ବାପା ଜଣାଇଛନ୍ତି। କୁନାର ସ୍ତ୍ରୀ ଘରଛାଡ଼ି ଚାଲି ଯାଇଥିବା ବେଳେ ତାର ଗୋଟିଏ ଛୋଟ ପୁଅ ଅଛି। ଶୁକ୍ରବାର ସନ୍ଧ୍ୟାରେ ମୃତ ସୁକାନ୍ତିଙ୍କ ଝିଅ ମା' ସାଙ୍ଗରେ କଥା ହେବାକୁ ଫୋନ କରିଥିଲେ ବି ଅଭିଯୁକ୍ତ ମା' ସାଙ୍ଗରେ ଭଉଣୀର କଥାବାର୍ତ୍ତା କରାଇ ନ ଦେଇ ଗାଳିଗୁଲଜ କରିଥିବା ଭଉଣୀ ଅଭିଯୋଗ କରିଛନ୍ତି। ଘଟଣାର ଅଧିକ ତଦନ୍ତ ପାଇଁ ଏସଡିପିଓ ମଦନ ମୋହନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ତଦନ୍ତ ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଅଭିଯୁକ୍ତକୁ କଠୋର ଦଣ୍ଡ ଦେବାକୁ ସାଧାରଣରେ ଦାବି ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହାଡ଼ଭଙ୍ଗା ଜାଡ଼...

ବେଳେ ଏହା ଜାନୁଆରୀ ମାସରେ ସହରର ଇତିହାସରେ ସବୁଠାରୁ ଥଣ୍ଡା ରାତି ବୋଲି ଜଣାପଡ଼ିଛି। ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ରାତିରେ ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୩.୨ ଡିଗ୍ରୀ ରେକର୍ଡ କରାଯାଇଥିଲା। ଏହାତଳକୁ ରାଉରକେଲାରେ ୪.୧ ଡିଗ୍ରୀ, ଚିପିଲିମାରେ ୫.୫ ଡିଗ୍ରୀ, କିରେଇରେ ୫.୮ ଡିଗ୍ରୀ, ସେମିଳିଗୁଡ଼ାରେ ୬.୨ ଡିଗ୍ରୀ, ଫୁଲବାଣୀ ଓ ଅନୁଗୋଳରେ ୬ ଡିଗ୍ରୀ, ଦାରିଙ୍ଗିବାଡ଼ିରେ ୬.୫ ଡିଗ୍ରୀ, ସୁନ୍ଦରଗଡ଼ରେ ୬.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି କେନ୍ଦୁଝରରେ ଗତ ୨୪ ଘଣ୍ଟାରେ ରାତି ତାପମାତ୍ରା ୭.୪ ଡିଗ୍ରୀ ରହିଥିବା ବେଳେ ନବରଙ୍ଗପୁରରେ ୭.୫ ଡିଗ୍ରୀ, ଢେଙ୍କାନାଳରେ ୭.୭ ଡିଗ୍ରୀ, ରାଣୀତାଲରେ ୮.୨ଡିଗ୍ରୀ, ଭବାନୀପାଟଣାରେ ୮.୨ ଡିଗ୍ରୀ, ମହିଷାପାଟରେ ୮.୪ ଡିଗ୍ରୀ, ବାରିପଦାରେ ୮.୮ ଡିଗ୍ରୀ, କଟକରେ ୯ ଡିଗ୍ରୀ, ବାରିପଦାରେ ୮.୮ ଡିଗ୍ରୀ, ସୋନପୁରରେ ୯.୩ ଡିଗ୍ରୀ, ସମ୍ବଲପୁରରେ ୯.୪ ଡିଗ୍ରୀ ରେକର୍ଡ କରାଯାଇଛି। ଏତଦ୍ ବ୍ୟତୀତ ଶୁକ୍ରବାର ବୌଦ୍ଧରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀରରେ ୯.୫ ଡିଗ୍ରୀ, କୋରାପୁଟରେ ୯.୮ ଡିଗ୍ରୀ, ବରଗଡ଼ରେ ୯.୮ ଡିଗ୍ରୀ, ହୀରାକୁଦ ଓ ବାଲେଶ୍ୱରରେ ୯.୯ ଡିଗ୍ରୀ ଏବଂ ରାୟଗଡାରେ ୧୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ରବିବାର ପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ଅନୁଗୋଳରେ ଶୀତ ଲହରୀର ଆଶଙ୍କା ଥିବା ବେଳେ ଉକ୍ତ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ମିଲର୍ ଅଧା ଖୁସି...

ସବୁ ଫନ୍ଦି କରିଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଚଳିତ ୨୦୨୫-୨୬ ଖରିଫ ଋତୁରେ ପ୍ରଥମେ ବରଗଡ଼ରୁ ଧାନ କିଣା ଆରମ୍ଭ ହୋଇଥିଲା। ଧାର୍ଯ୍ୟ ସମୟଠାରୁ ବିଳମ୍ବରେ ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ଏବେ ଜିଲ୍ଲାରେ ଚାଷୀ ପ୍ରତାରଣାର ଶିକାର ହୋଇଥିବା ନେଇ ଅଭିଯୋଗ କରୁଛନ୍ତି। ଦାନ କ୍ରୟକୁ ଦେଢ଼ ମାସରୁ ଅଧିକ ସମୟ ବିତିଯାଇଥିବା ବେଳେ ଧାନ ଉଠାଣରେ କିନ୍ତୁ ଏହି ଜିଲ୍ଲା ପଛରେ ପଡ଼ିଛି। ଗତ ବର୍ଷ ଆଜିର ତାରିଖ ସୁଦ୍ଧା ପ୍ରାୟ ୫୦ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ ଚଳିତବର୍ଷ ମାତ୍ର ୩୩ ଲକ୍ଷ ୪୧୨୩୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଅର୍ଥାତ୍ ଜିଲ୍ଲାରେ ଆଜିସୁଦ୍ଧା ୧୬ ଲକ୍ଷ କୁଇଣ୍ଟାଲ କମ୍ ଧାନ କ୍ରୟ ହୋଇଛି।

ମିଲର୍ସ ସମସ୍ୟା, ମଣ୍ଡି ଅବ୍ୟବସ୍ଥା, କଟନୀ ଛଟନୀ ଯୋଗୁଁ ଚାଷୀଙ୍କ ଦାନ ଉଠୁ ନ ଥିବାବେଳେ ଚାଷୀ ବାଧ ହୋଇ ଅଭାବୀ ବିକ୍ରି କରୁଥିବା ନେଇ ସୂଚନା ମିଳୁଛି। ମୟୂରଭଞ୍ଜରେ ଗତ ଡିସେମ୍ବର ୨୬ ତାରିଖରେ ଆନୁଷ୍ଠାନିକ ଭାବେ ମଣ୍ଡି ଖୋଲାଗଲା। ମାତ୍ର ମୁଣ୍ଡ ଉପରେ ଜିଲ୍ଲାର ଗଣପର୍ବ ମକର ଥିବାବେଳେ ଚାଷୀ କାନ୍ଦକାନ୍ଦ ସ୍ଥିତିରେ ଅଛନ୍ତି। ବିଭିନ୍ନ ସ୍ଥାନରେ ଧାନକିଣାର ବିକଳ ଚିତ୍ର ସାମ୍ନାକୁ ଆସୁଛି। ଚାଷୀ ଧାନ ଧରି ବସିଥିବା ବେଳେ ସରକାର ଟୋକନ ଜାରି କରୁନାହାନ୍ତି। ମାତ୍ର ଯେଉଁ ଚାଷୀ ବିଲ୍‌କୁଲ୍ ଚାଷ କରିନାହାନ୍ତି, ସେମାନଙ୍କୁ ଟୋକନ ଦିଆଯାଇଛି। ମକର ମେଳା ପାଖେଇ ଆସୁଥିବାରୁ ଚାଷୀ ପଡ଼ୋଶୀ ଝାଡ଼ଖଣ୍ଡର ଦଲାଲଙ୍କୁ ଖୁବ୍ କମ୍ ଦରରେ ଧାନ ବିକ୍ରି କରିବାକୁ ବାଧ ହେଉଛି। ନିକଟରେ ରାଇରଙ୍ଗପୁରରେ ଝାଡ଼ଖଣ୍ଡୀ ଦଲାଲଙ୍କ ଧାନ ଜବତ ହୋଇଥିଲା। ତେବେ ଭାତ ହାଣ୍ଡିରୁ ଗୋଟିଏ ଦାନା ଚିପିବା ପରି ଏହା ଏକ ଉଦାହରଣ ବୋଲି ଚାଷୀ ନେତାମାନେ ଅଭିଯୋଗ କରିଛନ୍ତି।

ନୂଆପଡ଼ାରେ ଗତ ଡିସେମ୍ବର ୪ ତରିଖରେ ମଣ୍ଡି ଖୋଲିଥିଲା; ମାତ୍ର ୫ କେଜି ପର୍ଯ୍ୟନ୍ତ କଟ୍‌ନୀଛଟ୍‌ନୀକୁ ନେଇ ନାକେଦମ୍ ହେଲେଣି ଚାଷୀ। ସେହିପରି ସବୁ ମଣ୍ଡିରେ ମିଲର୍ ପହଞ୍ଚି ପାରୁ ନ ଥିବା ବେଳେ ଚାଷୀ ବାଧ ହୋଇ ବାହାରେ ଧାନ ବିକ୍ରି କରୁଛନ୍ତି। କଟକ ଜିଲ୍ଲାରେ ମଧ୍ୟ ଧାନ ସଂଗ୍ରହ ପ୍ରକ୍ରିୟାରେ ବ୍ୟାପକ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ଗତ ୭ ତାରିଖରୁ ଚାଷୀଙ୍କ ନିକଟକୁ ଧାନ ବିକ୍ରି ପାଇଁ ଟୋକନ ଆସିସାରିଛି; ମାତ୍ର ଏଯାବତ୍ ମଣ୍ଡି ଖୋଲିନାହିଁ। ଚାଷୀ କୋଉଠି ଧାନ ବିକ୍ରି କରିବେ ବୋଲି ପ୍ରଶ୍ନ କରୁଛନ୍ତି।

ଭଦ୍ରକ ଜିଲ୍ଲାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳୁଛି। ଗତ ୫ ତାରିଖରେ ଜିଲ୍ଲାରେ ଆନୁଷ୍ଠାନିକ ଭାବେ ମଣ୍ଡି ଖୋଲିଲା। ପର୍ଯ୍ୟାୟକ୍ରମେ ବିଭିନ୍ନ ଅଞ୍ଚଳରେ ମଣ୍ଡି ଖୋଲିବାରେ ଲାଗିଛି। ଚାଷୀଙ୍କୁ ଟୋକନ ମଧ୍ୟ ଜାରି ହେଲାଣି; ମାତ୍ର ଖୋଲିଥିବା କେତେକ ମଣ୍ଡିରେ କିନ୍ତୁ ଧାନ କିଣାଯାଉ ନାହିଁ। ଅନୁଗୋଳରେ ଆଜି (ଶନିବାର)ଠାରୁ ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ଆରମ୍ଭରୁ ବିଭ୍ରାଟ ଦେଖାଦେଲାଣି। ପ୍ରଥମ ଦିନରୁ ଚାଷୀଙ୍କର ୫ କେଜି ଯାଏଁ ଧାନ କଟ୍‌ନୀଛଟ୍‌ନୀ ହେଉଥିବା ବେଳେ ବସ୍ତା ଦିଆଯାଉ ନାହିଁ। ଯାହାକୁ ନେଇ ଚାଷୀ ତାତିଲେଣି। ସମ୍ବଲପୁରରୁ ବଲାଙ୍ଗିର, ବ୍ରହ୍ମପୁରରୁ ବାଲେଶ୍ୱର- ସବୁଠି ଧାନ କିଣା ଜନିତ ଅବ୍ୟବସ୍ଥାରେ ମାଳମାଳ ଚିତ୍ର ସାମ୍ନାକୁ ଆସୁଛି।

ଅପରପକ୍ଷେ ୪ ଦଫା ଦାବି ନେଇ ମିଲର୍ସ ସଂଘ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ବର୍ତ୍ତମାନ ଆନ୍ଦୋଳନକୁ ସ୍ଥଗିତ ରଖିଛି ସଂଘ। ସରକାର ସଂଘର ଗୋଟିଏ ଦାବି ମାନି ନେଇଥିବା ବେଳେ ଆଉ ୩ଟି ଦାବି ପୂରଣ କରିବାକୁ ୧୫ ଦିନର ସମୟ ମାଗିଛନ୍ତି। ମକର ସଂକ୍ରାନ୍ତିକୁ ଦୃଷ୍ଟିରେ ରଖି ସଂଘ ମଧ୍ୟ ସରକାରଙ୍କ କଥାକୁ ମାନି ନେଇଛି। ମାତ୍ର ଏହି ୧୫ ଦିନରେ ମିଲରଙ୍କ ସବୁ ଦାବି ସରକାର ମାନି ନ ନିଅନ୍ତି, ତା'ହେଲେ ପୁଣିଥରେ ରାଜ୍ୟରେ ଧାନ କିଣା ଠପ୍ ହୋଇଯିବା ନେଇ ଆଶଙ୍କା କରାଯାଉଛି।

### ରାଜ୍ୟରେ ଭୁଶୁଡ଼ିପଡ଼ିଛି...

ଶୀତରେ ଚାଷୀମାନେ ମଣ୍ଡିରେ ନିଜ ଅମଳ ଧାନକୁ ଜଗି ବସିଛନ୍ତି। ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ଚାଷୀଙ୍କୁ ଅନେକ ପ୍ରତିଶ୍ରୁତି ଦେଇ ବିଜେପିର ଡବଲ୍ ଇଞ୍ଜିନ୍ ସରକାର କ୍ଷମତାକୁ ଆସିଲା; ହେଲେ ସରକାର ଗଢ଼ିବା ପରେ ପ୍ରତିଶ୍ରୁତି ସବୁ କୁଆଡ଼େ ଗଲା ବୋଲି ନବୀନ ପ୍ରଶ୍ନ କରିଛନ୍ତି। ସେହିପରି ଧାନ କିଣାରେ ବୋନସ୍ ଘୋଷଣା କରି ଚାଷୀଙ୍କୁ ଦିବାସ୍ୱପ୍ନ ଦେଖାଇଥିବା ସରକାରରେ ଆରମ୍ଭରୁ ଟୋକନଠୁ ନେଇ ମଣ୍ଡି ଅବ୍ୟବସ୍ଥା ଓ ଧାନ ସଂଗ୍ରହ ପର୍ଯ୍ୟନ୍ତ ସବୁଠି ଚାଷୀ ହତାଶ ହୋଇଛନ୍ତି। ସରକାର ଚାଷୀଙ୍କ ଧାନ କେବେ ଉଠାଇବେ ବୋଲି ନବୀନ ପଚାରିଛନ୍ତି।

ନବୀନ ଆହୁରି ମଧ୍ୟ କହିଛନ୍ତି, ଯେତେବେଳେ ନିଜ ଅମଳ ଧାନ ବିକ୍ରି କରି ନ ପାରି ଚାଷୀ ଆନ୍ଦୋଳନ କରୁଛି ସେତେବେଳେ ଏ ସରକାର ତାଙ୍କୁ 'ନୌଟଙ୍କି' ବୋଲି କହି ତାଚ୍ଛଲ୍ୟ କରୁଛି। ଏହା କ'ଣ ଡବଲ୍ ଇଞ୍ଜିନ୍ ସରକାରର ଚାଷୀଙ୍କୁ ସମ୍ମାନ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଧାନ ସଂଗ୍ରହ ଆରମ୍ଭରୁ ସବୁ ବ୍ୟବସ୍ଥା ହୋଇଯାଇଛି, ଟୋକନ୍ ସମସ୍ତଙ୍କୁ ମିଳିବ, ମନ୍ତ୍ରୀମାନେ ମଣ୍ଡି ଜଗିବେ ବୋଲି ସରକାର ଚାଷୀଙ୍କୁ କହିଲେ। ହେଲେ କ'ଣ ହେଲା? ମଣ୍ଡିରେ ମନ୍ତ୍ରୀମାନଙ୍କ ପାଦ ପଡ଼ିବା ତ ଦୂରର କଥା, ଦୁଃଖ ସମୟରେ ଚାଷୀଙ୍କ ପାଖରେ ବି ସରକାରୀ ଦଳର କାହାକୁ ଦେଖିବାକୁ ମିଳୁ ନାହିଁ। ଚଳିତ ବର୍ଷ ଅଧିକ ଆୟର ଆଶା ବାନ୍ଧିଥିବା ଚାଷୀ ଶେଷରେ ଅଭାବୀ ବିକ୍ରି କରିବାକୁ ବାଧ ହେଉଛି। ଚାଷୀଙ୍କ ସ୍ୱାର୍ଥ ସବୁଠୁ ଆଗରେ। ଆମ ଅନ୍ନଦାତା ଚାଷୀ ଭାଇଭଉଣୀଙ୍କ ସହ ଡବଲ୍ ଇଞ୍ଜିନର ଏ ବିଜେପି ସରକାରର ଏପରି ଛଳନାର ଜବାବ ଓଡ଼ିଶାବାସୀ ନିଶ୍ଚୟ ଦେବେ। ବିଜୁ ଜନତା ଦଳ ଚାଷୀଙ୍କ ସାଥିରେ ସବୁବେଳେ ଅଛି। ଚାଷୀଙ୍କ ହକ୍ ପାଇଁ ସବୁସ୍ତରରେ ଦଳ ତା'ର ସ୍ୱର ଶାଣିତ କରିବ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### କ୍ଷେତରେ ଖସିପଡ଼ିଲା...

କଂସର ନିକଟବର୍ତ୍ତୀ ଗାଡିଆଟୋଲା ଅଞ୍ଚଳର ଏକ କ୍ଷେତରେ ବିମାନର ଜରୁରୀକାଳୀନ ଅବତରଣ କରିଥିଲେ। ଅବତରଣ ବେଳେ ପାଖରେ ଥିବା ଏକ ଗଛ ଡାଳରେ ପିଟି ହୋଇଯିବାରୁ ବିମାନର ଡାହାଣ ଅଂଶ ଭାଙ୍ଗି ଯାଇଥିଲା। ପରେ ବିମାନଟି ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ଖସି ପଡ଼ିଥିଲା। ପରେ ସତର୍କତା ମୂଳକ ଭାବରେ ସମସ୍ତ ଚ୍ୟାନେଲକୁ ସକ୍ରିୟ କରାଯାଇଥିଲା। ଦୁର୍ଘଟଣା ପରେ ତୁରନ୍ତ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପୁଲିସ ଅଞ୍ଚଳକୁ ଘେରାବନ୍ଦୀ କରି ତଦନ୍ତ ଆରମ୍ଭ କରିଥିଲା। ଆହତମାନଙ୍କ ମଧ୍ୟରେ ପାଇଲଟ୍ କ୍ୟାପ୍ଟେନ୍ ନବୀନ ଖଡାଙ୍ଗା, କ୍ୟାପ୍ଟେନ୍ ତରୁଣ ଶ୍ରୀବାସ୍ତବ, ଯାତ୍ରୀ ସୁଶାନ୍ତ କୁମାର ବିଶ୍ୱାଳ, ଅନିତା ସାହୁ, ସୁନୀଲ ଅଗ୍ରୱାଲ୍ ଓ ସବିତା ଅଗ୍ରୱାଲ୍ ଥିବା ଜଣାପଡ଼ିଛି। ସମସ୍ତଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ବିପଦମୁକ୍ତ ଥିବା ଜଣାପଡ଼ିଛି। ପୁଲିସ, ଅଗ୍ନିଶମବିଭାଗ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଡିଆଇଜି ବ୍ରଜେଶ ରାଏ ଓ ଏସ୍‌ପି ନିତେଶ ୱାଧୱାନୀ ପରିସ୍ଥିତିର ସମୀକ୍ଷା କରିଛନ୍ତି। ବେସାମରିକ ବିମାନ ଚଳାଚଳ ବିଭାଗର ଏକ ବିଶେଷଜ୍ଞ ଦଳ ଦୁର୍ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ପ୍ରାଥମିକ ତଦନ୍ତରୁ ଯାନ୍ତ୍ରିକ ତ୍ରୁଟି ପାଇଲଟଙ୍କୁ ଏକ କ୍ଷେତରେ ଅବତରଣ କରିବାକୁ ବାଧ କରିଥିଲା ବୋଲି ଜଣାପଡ଼ିଛି।

ଅପରପକ୍ଷେ, ଏହି ଘଟଣାରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ୨ଜଣ ଅଧିକାରୀଙ୍କୁ ରାଉରକେଲା ପଠାଯାଇଛି। ଡିଜିସିଏ ଏକ ଟିମ୍ ଖୁବ୍‌ଶୀଘ୍ର ରାଉରକେଲାରେ ପହଞ୍ଚିବ। ବିସ୍ତୃତ ତଦନ୍ତ ପାଇଁ ଏଏଆଇବି ରବିବାର ସୁଦ୍ଧା ପହଞ୍ଚିବ। ସେହିପରି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟରେ ଏକ କଣ୍ଟ୍ରୋଲ ରୁମ୍ ପ୍ରତିଷ୍ଠା କରାଯିବା ସହ ଏହାକୁ କାର୍ଯ୍ୟକ୍ଷମ କରାଯାଇଛି। କଣ୍ଟ୍ରୋଲ ରୁମ୍‌ର ଲ୍ୟାଣ୍ଡଲାଇନ୍ ନମ୍ବର ୦୬୭୪-୨୫୯୬୧୨୮ ହୋଇଥିଲା ବେଳେ ମୋବାଇଲ୍ ୯୮୬୧୦୯୬୩୭୧ ରହିଛି। ସେହିପରି ପ୍ରଶାସନ ପକ୍ଷରୁ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ, ସ୍ଥାନୀୟ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହା ଉପରେ କଡ଼ା ନଜର ରଖିଛନ୍ତି ବୋଲି ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ସିଲିକନ୍‌କୁ କ୍ଲିନ୍‌ଚିଟ୍...

କେତେବେଳେ କ୍ଲିନ୍‌ଚିଟ୍ ଦେଇ ଦେଉଛି। କେତେବେଳେ ମାଷ୍ଟରମାଇଣ୍ଡ ସଜାଇ ଦେଉଛି ଏହାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। କ୍ରାଇମ୍‌ବ୍ରାଞ୍ଚ କେଉଁ ଆଧାରରେ ଏକ ସଂସ୍ଥାକୁ କ୍ଲିନ୍‌ଚିଟ୍ ଦେଲା। ଏହା କଣ କ୍ଲିନ୍‌ଚିଟ୍ ଦେବାର ମାନଦଣ୍ଡ। ଯଦି କ୍ଲିନ୍‌ଚିଟ୍ ଦେଲା ଏହା ଉପରେ କଣ କ୍ରାଇମ୍‌ବ୍ରାଞ୍ଚ ସମ୍ପୂର୍ଣ୍ଣ ନଜର ହଟାଇ ଦେଲା ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

### ଯୋଗୀ, ମମତାଙ୍କ...

ଗାଜିଆବାଦ। ଲକ୍ଷ୍ନୌରେ ୩୦ ଭାଗ ଭୋଟର କଟିଥିବା ବେଳେ ଗାଜିଆବାଦରେ ୨୮ ପ୍ରତିଶତ ଭୋଟର ବାଦ୍ ପଡ଼ିଛନ୍ତି।

ଅନ୍ୟପକ୍ଷ।।ରେ ଏ।।ତେ ସଂଖ୍ୟକ ଲୋକ ଭୋଟର ତାଲିକାରୁ ବାଦ୍ ପଡ଼ିବା ପରେ ୟୁପିରେ କ୍ଷମତାସୀନ ବିଜେପି ଚିନ୍ତାରେ ପଡ଼ିଯାଇଛି। ବିଶେଷ କରି ଦଳର ଗଡ଼ କୁହାଯାଉଥିବା ସହରାଞ୍ଚଳରେ ଅଧିକ ସଂଖ୍ୟକ ଭୋଟର କଟିଛନ୍ତି। ବଳରାମପୁର, କାନପୁର, ପ୍ରୟାଗରାଜ, ମିରଟ, ଗୌତମ ବୁଦ୍ଧ ନଗର, ହାପୁର, ସହାରନପୁର ଏବଂ ଆଗ୍ରାରେ ଏଭଳି ପରିସ୍ଥିତି ଦେଖାଦେଇଛି। ଏପରିକି ମୁସଲିମ ବହୁଳ ଅଞ୍ଚଳରେ ମଧ୍ୟ ବିଜେପିର ଅନେକ ଭୋଟର କଟିଛନ୍ତି। ଗତ ବିଧାନସଭା ନିର୍ବାଚନରେ ବିଜେପି ପ୍ରାର୍ଥୀମାନେ ଯେଉଁଠାରେ ୫ ହଜାରରୁ ୨୦ ହଜାର ଭୋଟ ବ୍ୟବଧାନରେ ଜିତିଥିଲେ, ସେଠାରେ ଦଳ ୧ ଲକ୍ଷରୁ ଅଧିକ ଭୋଟର ହରାଇଥିବା କୁହାଯାଉଛି। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପୂର୍ବରୁ କିପରି ଅଧିକରୁ ଅଧିକ ସଂଖ୍ୟକ ଭୋଟରଙ୍କ ନାମ ପୁଣି ସ୍ଥାନ ପାଇବ ତାହାକୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟ ବିଜେପି ସଭାପତିଙ୍କ ସହିତ ବୈଠକ କରି ରଣନୀତି ପ୍ରସ୍ତୁତ କରିଛନ୍ତି।

।।ସେହିଭଳି ପଶ୍ଚିମ ବଙ୍ଗରେ କ୍ଷମତାସୀନ ତୃଣମୂଳ କଂଗ୍ରେସ ମଧ୍ୟ ଚିନ୍ତାରେ। ରାଜ୍ୟରେ ୫୩ ଲକ୍ଷ ଭୋଟରଙ୍କ ନାମ କଟିଛି। ଏଥିରେ ଅଧିକାଂଶ ଅଞ୍ଚଳ ମମତାଙ୍କ ତୃଣମୂଳର ଭୋଟ ବ୍ୟାଙ୍କ ବୋଲି କୁହାଯାଉଛି। ଏହାକୁ ନେଇ ଚିନ୍ତାରେ ଥିବା ତୃଣମୂଳ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୁପ୍ରିମ କୋର୍ଟ ଯାଇଛନ୍ତି। ଏସ୍‌ଆଇଆର ପ୍ରକ୍ରିୟାରେ କଟିଥିବା ନାମ ଯୋଡ଼ିବା ଲାଗି ତାଙ୍କ ଦଳ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟରେ ବିହାରରେ ଏସଆଇଆର ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୟୁପି, ବେଙ୍ଗଲ ସମେତ ଗୋଆ, ରାଜସ୍ଥାନ, ଗୁଜରାଟ, ମଧ୍ୟ ପ୍ରଦେଶ, ତାମିଲନାଡୁ, ଛତିଶଗଡ଼, କେରଳ , ପୁଡୁଚେରି, ଆଣ୍ଡାମାନ-ନିକୋବାର ଓ ଲକ୍ଷଦୀପରେ ଏସଆଇଆର କରାଯାଉଛି। ଗୁଜରାଟ୍‌ରେ ୭୩ ଲକ୍ଷ ଭୋଟରଙ୍କ ନାମ କଟିଥିବା ବେଳେ ମଧ୍ୟପ୍ରଦେଶ।।ରେ ୪୩ ଲକ୍ଷ, ରାଜସ୍ଥାନ ୪୨ ଲକ୍ଷ, ଛତିଶଗଡ଼ ୨୭ ଲକ୍ଷ ଏବଂ କେରଳ।।ରେ ୨୨ ଲକ୍ଷ ନାମ କଟିଛି।

### ସମ୍ବଲପୁରରେ ଗଡ଼ିଲା...

ସମ୍ବଲପୁରକୁ ଦୁଇଦିନିଆ ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ଆଜି ପ୍ରଥମେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

ଇ-ବସ୍ ସେବାର ଶୁଭାରମ୍ଭ କରିବା ପରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ବସ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ଓ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ଅଇଁଠାପାଲିଠାରେ ଦେଢ଼ ଏକର ଜାଗାରେ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନସପୋର୍ଟ ବା କ୍ରୁଟ୍ ପକ୍ଷରୁ ଏକ ଅତ୍ୟାଧୁନିକ ବସ୍ ଟର୍ମିନାଲ ମଧ୍ୟ ଆଜି ଉଦ୍‌ଘାଟନ କରାଯାଇଛି। ଏଥିସହ ଆଗାମୀ ୧୦ବର୍ଷ ପର୍ଯ୍ୟନ୍ତ ଟର୍ମିନାଲ ଏବଂ ବସ୍‌ଗୁଡ଼ିକ ରକ୍ଷଣାବେକ୍ଷଣ ପାଇଁ ୨୩୮.୧୪ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି। ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା, ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ସହ ଦିବ୍ୟାଙ୍ଗମାନେ କିଭଳି ବସ୍‌ରେ ପ୍ରବେଶ କରିପାରିବେ, ତାହାର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ।

ଉଲ୍ଲେଖଯୋଗ୍ୟ, ସମ୍ବଲପୁରବାସୀଙ୍କ ଯାତାୟାତ ସୁବିଧା ପାଇଁ ୨୦୨୪ ମସିହା ମାର୍ଚ୍ଚ ୯ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ସହରାଞ୍ଚଳରେ 'ମୋ ବସ୍' ସେବାର ଆରମ୍ଭ କରିଥିଲେ। କ୍ୟାପିଟାଲ ରିଜନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ଏହି ସେବା ସମ୍ବଲପୁର ମହାନଗର ନିଗମର ୪ଟି ରୁଟ୍‌ରେ ୨୦୧, ୨୦୨, ୨୦୩ ଓ ୨୦୦ ଆରମ୍ଭ ହୋଇଥିଲା। ଏଥିପାଇଁ ୨୫ଟି ସାଧାରଣ ଓ ବାତାନୁକୂଳ ବସ୍ ନିୟୋଜିତ ହୋଇଥିଲା। ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କ ସୁବିଧା ପାଇଁ ଏହି ସେବା ଆରମ୍ଭ ହୋଇଥିଲା। ଏହାସହ ଶୀଘ୍ର ଇ-ବସ୍ ସେବା ଯୋଜନା ଆରମ୍ଭ କରି ସମ୍ବଲପୁରରେ ପ୍ରାରମ୍ଭିକସ୍ତରରେ ୫୦ଟି ଇ-ବସ୍ ଚାଲିବ ବୋଲି ସରକାର ଘୋଷଣା କରିଥିଲେ।

### ୯୦ ଲକ୍ଷ ଟଙ୍କା...

ପୁଲିସ ସୂତ୍ରରୁ ପ୍ରକାଶ ଯେ, ମଧୁପାଟଣା ଥାନାରେ ୨ ଦିନ ପୂର୍ବରୁ ଟ୍ରେଡିଂ ଆଳରେ ଲକ୍ଷାଧିକ ଟଙ୍କା ଠକେଇ ନେଇ ଏକ ଅଭିଯୋଗ ହୋଇଥିଲା। ସେଦିନ ଅନ୍ୟ ଜଣେ ବ୍ୟକ୍ତି ମଧ୍ୟ ସମାନ ଅଭିଯୋଗ କରିବାରୁ ଘଟଣାକୁ ପୁଲିସ ଗୁରୁତ୍ୱର ସହ ଗ୍ରହଣ କରିଥିଲା। ପ୍ରାରମ୍ଭିକ ତଦନ୍ତରୁ ଏକ ବଡ଼ ରାକେଟ୍ ଏହି ଅପରାଧରେ ସାମିଲ ଥିବା ଜଣାପଡ଼ିଥିଲା। ତେଣୁ ମଧୁପାଟଣା ଥାନା ପୁଲିସ କଟକ ସାଇବର ଥାନା ପୁଲିସ ସହାୟତାରେ ଟଙ୍କା ଟ୍ରାନ୍ସଫର ହୋଇଥିବା ଏକାଧିକ ଆକାଉଣ୍ଟର ତଥ୍ୟ ଆଣି ଯାଞ୍ଚ କରିଥିଲା।

ପ୍ରଥମ ଘଟଣାରେ ନିର୍ଦ୍ଦିଷ୍ଟ ଏକ ବ୍ୟାଙ୍କର ସମସ୍ତ ଆକାଉଣ୍ଟ ବ୍ୟବହାର ହୋଇଥିବାରୁ ଠକେଇ ପଛରେ ବ୍ୟାଙ୍କ କର୍ମଚାରୀଙ୍କ ସଂପୃକ୍ତି ଥିବା ପୁଲିସ ସ୍ପଷ୍ଟ ହୋଇଥିଲା। ତଦନ୍ତକ୍ରମେ ପୁଲିସ ଜଗତସିଂହପୁର ଆକ୍ସିସ ବ୍ୟାଙ୍କର ପିଆରଓ ଦେବାଶିଷକୁ ଗିରଫ କରିଥିଲା। ତାଙ୍କ ସୂଚନା ଆଧାରରେ ପୁଲିସ ପର୍ଯ୍ୟାୟକ୍ରମେ ବ୍ୟାଙ୍କ ଅଧିକାରୀ ହରେକୃଷ୍ଣ, ଅଭିଷେକ ଓ ସ୍ୱରାଜକୁ ଗିରଫ କରିଥିଲା। ସେମାନଙ୍କୁ ପୁଲିସ ଜେରା କରିବାରୁ ଠକେଇ ପଛର ମାଷ୍ଟରମାଇଣ୍ଡ ବି.ଟେକ୍ ଛାତ୍ର ରୁଦ୍ରମାଧବ ସମେତ ବବ୍‌ଲୁ ଓ ନାରାୟଣ ଧରାପଡ଼ିଥିଲେ। ଏହି ୩ ଜଣ ଅଭିଯୁକ୍ତ ଟେଲିଗ୍ରାମ୍ ଭଳି ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଟ୍ରେଡିଂରେ ଅର୍ଥ ବିନିଯୋଗ ପାଇଁ ବିଜ୍ଞାପନ ଦେଉଥିଲେ। ସ୍ୱଳ୍ପ ନିବେଶରେ କମ ସମୟ ମଧ୍ୟରେ ଅଧିକ ଫେରସ୍ତ ମିଳିବାର ପ୍ରତିଶ୍ରୁତି ଦିଆଯାଉଥିଲା। ଏମିତିକି ନିବେଶକଙ୍କ ବିଶ୍ୱାସ ଜିଣିବା ପାଇଁ ପ୍ରଥମ ଦଫାରେ ତାଙ୍କୁ ଅଳ୍ପ କିଛି ଟଙ୍କା ଫେରସ୍ତ ମଧ୍ୟ କରୁଥିଲେ। ଏଥିରେ ପ୍ରଲୋଭିତ ହୋଇ ଏକସଂଗେ ମୋଟା ଅଙ୍କର ନିବେଶ କରିବାମାତ୍ରେ ତାଙ୍କର ଆକାଉଣ୍ଟ ବନ୍ଦ କରିଦେଉଥିଲେ। ଏହିଭଳି ଭାବେ ୩ ଅଭିଯୁକ୍ତ କୋଟି କୋଟି ଟଙ୍କା ଠକି ନେଇଥିଲେ। ଆଉ ଟଙ୍କା ଦେଣନେଣ ପାଇଁ ସେମାନେ ବ୍ୟବହାର କରୁଥିବା ମୂଳ ଆକାଉଣ୍ଟଗୁଡ଼ିକୁ ଉପରୋକ୍ତ ୪ଜଣ ବ୍ୟାଙ୍କ କର୍ମଚାରୀ ଖୋଲିଥିଲେ। ସେମାନେ ବିଭିନ୍ନ ଲୋକଙ୍କ ଅଜାଣତରେ ସେମାନଙ୍କର ପ୍ରମାଣପତ୍ର ଆଣି ମହାକାଳୀ କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ୍, ପ୍ରିୟା ଫିଟେକ ଭଳି ବେନାମୀ କମ୍ପାନୀ ନାଁରେ କରେଣ୍ଟ ଆକାଉଣ୍ଟ ଖୋଲୁଥିଲେ। କାଗଜପତ୍ରରେ କମ୍ପାନୀ କାର୍ଯ୍ୟକ୍ଷମ ଥିବା ଦର୍ଶାଯାଇଥିବା ବେଳେ ବାସ୍ତବରେ ସମ୍ପୃକ୍ତ କମ୍ପାନୀର ଚିହ୍ନବର୍ଣ୍ଣ ନଥିଲା। ଆଉ କିଛି ବନ୍ଦ ଥିବା ତଥା କାରବାର ହେଉନଥିବା ଆକାଉଣ୍ଟଗୁଡ଼ିକୁ ମଧ୍ୟ ଠକଙ୍କୁ ଦେଇଥିଲେ। ଏହା ବଦଳରେ ସେମାନେ ପ୍ରତି ଆକାଉଣ୍ଟ ପିଛା ୧୦ରୁ ୫୦ ହଜାର ଟଙ୍କା ବ୍ୟାଙ୍କ୍‌ର ଅଭିଯୁକ୍ତ କର୍ମଚାରୀ କମିଶନ ନେଉଥିଲେ। ଠକେଇ ଟଙ୍କା ପର୍ଯ୍ୟାୟକ୍ରମେ ଯେଉଁ ୧୦ରୁ ୧୫ଟି ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହେଉଥିଲା ସେସବୁ ଆକାଉଣ୍ଟ ଉପରୋକ୍ତ ୪ଜଣ ଅଭିଯୁକ୍ତ ଖୋଲିଥିଲେ। ସେହିପରି ଠକମାନେ ବ୍ୟାଙ୍କରୁ ଆଣିଥିବା ଜାଲ ପ୍ରମାଣପତ୍ରରେ ବିଭିନ୍ନ ଟେଲିକମ୍ ଦୋକାନରୁ ସିମକାର୍ଡ କିଣି ନେଉଥିଲେ। ପ୍ରତି ଠକେଇ ଘଟଣା ପରେ ଆକାଉଣ୍ଟ ବନ୍ଦ କରିଦେବା ସହିତ ସିମକାର୍ଡଗୁଡ଼ିକୁ ଭାଙ୍ଗି ଫିଙ୍ଗିଦେଉଥିବା ତଦନ୍ତରୁ ଜଣାପଡ଼ିଛି। ଏହିଭଳି ଭାବେ ଅଭିଯୁକ୍ତମାନେ ପୂର୍ବରୁ ବିହାର ସୁପାଉଲ ଏବଂ ଉତ୍ତରପ୍ରଦେଶ ଚାନ୍ଦୁଲି ଜିଲ୍ଲାର ୨ ଜଣଙ୍କୁ ଠକିଥିବା ଜଣାପଡିଛି। ସାଇବର ଥାନା ଏସିପି ସତ୍ୟଜିତ ଦାସ, ଇନ୍ସପେକ୍ଟର ରଶ୍ମିତା ଜେନା, ମଧୁପାଟଣା ଥାନା ଇନ୍ସପେକ୍ଟର୍ ଚିତ୍ତରଞ୍ଜନ ରାଉତ, ଇନ୍ସପେକ୍ଟର ଦେବୀପ୍ରସାଦ ସାହୁ, ଇନ୍ସପେକ୍ଟର ବିକାଶ କୁମାର ପଲେଇ, ଏସଆଇ ମୁଦ୍ରା ଯୁଧିଷ୍ଠିର, ଏଏସଆଇ ଆଶୁତୋଷ ଷଡଙ୍ଗୀକୁ ନେଇ ଗଠିତ ଟିମ୍ ଏହି ଗ୍ୟାଙ୍ଗକୁ ପର୍ଦ୍ଦାଫାସ କରିବା ସହିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

**PUBLIC NOTICE**

It is herewith informed that, I the undersigned being the absolute recorded owner as per Mutation ROR in respect of Mutation Khata No. 1988/1873, Plot No 8819/9813, Area Ac0.090 decimal. with Status – Stitiban, Kisam –Gharabari (Homestead) under Mouza- Ghatikia , PS- Chandaka in Khurda District. That due to negligence the original Regd. Sale Deed No.9507 Dt.22.12.1988 under Revenue Mouza- Ghatikia executed in favour of Mr. Gurudutta Ray, Mr. Debadutta Ray and Mr. Prabhudutta Ray, S/o Late Baikunthnath Ray as the previous link document was misplaced somewhere from my custody in the locality of Ghatikia, area at Bhubaneswar and as I am unable to trace/find the same despite my best efforts. Neither I nor my family members have not created any type of mortgage/charge/lien with any bank or financial institutions by depositing the said document/s in respect of the property as mentioned above. That the Punjab National Bank, Bapuji nagar Branch, Bhubaneswar have in principle agreed to sanctioned to advance a housing loan in favour of Bhumika Ray, D/o Mr. Gurudutta Ray against the security of above said immovable property and if any individual, Bank, Financial Institution is holding the said document/s in original as security for any mortgage/loan granted, they are requested to inform the **Punjab National Bank, Bapuji Nagar Branch, Bhubaneswar (Mob. No.7978840128)** within 15 days from the date of Publication of notice/advertisement relating to the above property.

**Bhumika Ray, D/o Mr. Gurudutta Ray**
**Plot No.-1504, At.-Mahanadi Vihar, PO.-Nayabazar,**
**PS.-Chauliaganj, District- Cuttack-753004, Odisha**

**AFFIDAVIT**

By virtue of an affidavit sworn before the Executive Magistrate, Rayagada, no. 01, dated. 02.01.2026, I TILAI MINYAKA, W/o - Lala Minyaka, D/o - Lambudhar Mandiga , currently residing At - Bandikar, PO - Burja, PS - Laxmipur, Dist-koraput, Pin-765013 declare that SANJI MANDIGA and TILAI MINYAKA is one and same person. Henceforth, I shall be known as **TILAI MINYAKA** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide no 03, dated 03.01.2026, I, LAXMISWAR MAJHI, S/o - Tiro Majhi, Residences of Village - Mentry, PO - Mentry, PS - Tentulikhunti, Dist - Nabarangpur, Odisha, Pin - 764070, declare that I have changed the name of my Son from DEBENDRA MAJHI to DHARMENDRA KUMAR MAJHI. Henceforth, he shall be known as DHARMENDRA KUMAR MAJHI for all purposes.

**Sd/- Laxmiswar Majhi**

**AFFIDAVIT**

I, Madhab Chandra Meher, aged about 39 years, S/o- Mohan Meher, resident of Ulunda, Po- Ulunda, Ps- Ulunda, Dist- Subarnapur, Odisha, Pin- 767062, do hereby declare by this affidavit No.87, dtd- 10/01/2026, that now onwards I shall be known as **MADHABA CHANDRA MEHER** for all future purposes.

**AFFIDAVIT**

I, Zubeda Begum, aged about 68 years, W/o- Mohammed Ashraff Saheb, resident of Sunari Sahi, Po- Nabarangpur, Ps- Nabarangpur, Dist- Nabarangpur, Odisha, Pin- 764059, do hereby declare by this affidavit No. 86, dtd- 10/01/2026, that now onwards I shall be known as **JUBEDA BEGUM** for all future purposes.

**AFFIDAVIT**

I, Pravati Chaini, W/o- Pabitra Mohan Chaini, resident of Birat Bazar, Charbatia, Choudwar, Dist- Cuttack, Pin- 754028, Odisha, do hereby declare by this affidavit No. 332, dated- 10/01/2026, that now onwards I shall be known as **PRABHATI CHAINI** for all future purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର CAOCRSPBBS-39-2025
ତା.05.01.2026ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧିନସ୍ଥ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନରେ ଝାଡୁପୁଡ଼ି-ଇଚ୍ଛାପୁରମ ରେଳ ଷ୍ଟେସନ ମଧ୍ୟରେ ରେଲୱେ ଚେନେଜ୍ 631/22-24 ଠାରେ ଲେଭେଲ କ୍ରସିଙ୍ଗ-333 ପରିବର୍ତ୍ତେ 2 X 18.0 ମିଟର କମ୍ପୋଜିଟ୍ ଗର୍ଡ଼ର + 1 X 60.0 ମିଟର ବ୍ୟାମେଲ୍ ବ୍ୟାକ୍ ଗର୍ଡ଼ର ଆନ୍ତର ରୋଡ଼ ଓଭର ବ୍ରିଜ୍ (ROB) ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 66,48,28,422.08, EMD : ₹ 34,74,200/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.02.2026ରିଖ 1500 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକଯୋଗେ/ହାତପାଖ କରିଥିବା କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବସାଇଟ www.ireps.gov.in ରେ ଉପଲବ୍ଧ ଅଛେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଗଚ୍ଛିତ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B.G ଏବଂ G1ର ଦାଖଲ ସହିତ, ଟେଣ୍ଡର କାଗଜପତ୍ର ଅନୁସୂଚୀ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / RSP / ଭୁବନେଶ୍ୱର
PR-226/CI/25-26

**LOST**

I, **Nandkumar Nana Khatake**, aged about 52years, S/o: Nana Khatake, At: Biswanath Lane, Balu Bazar, PO: Chandinichowk, PS.: Lalbag, Dist.: Cuttack, Odisha and Permanent resident At: Khatake Vasti, PO/PS: Lingivare, Sangli, Maharashtra-415315, I am the owner of the property bearing Khata No.: 767/7792, Plot No.: 1009/5273 of an Area: Ac.0.027dec., Kissam: Gharabari, Khata No.: 767/7797, Plot No.: 1007/4245 of an Area: Ac.0117, Kissam No.: 767/7793, Plot No.: 1009 of an Area: Ac.0.018dec., Kissam: Gharabari & Khata No.: 767/8312, Plot No.: 1007/5844 of an Area: Ac.0.0052 dec., Kissam: Gharabari of Mouza: Sribantapur, PS: Cuttack Sadar, Tahasil: Baranga, Dist.: Cuttack. That, the said link documents i.e. sale deed vide No. 11831800962 on dtd. 05.07.2018 in favour of Pabitra Ku. Sahoo, ROR bearing Khata No.: 767/1333 of Pabitra Ku. Sahoo, Sale Deed vide No. 11832303241 on dtd. 27.09.2023 in favour of Chandramani Rout, ROR bearing Khata No. 767/2682 of Chandramani Rout, Sale Deed vide No. 11831600834 on dtd. 25.06.2016 of Sudarsan Dhal, ROR bearing Khata No. 767/1124 of Sudarsan Dhal, Sale Deed vide No. 11832303230 on dtd. 27.09.2023 of Chandramani Rout, ROR bearing Khata No. 767/2683 of Chandramani Rout, Sale Deed vide No. 11831900294 on dtd. 08.02.2019 of Dillip Ku. Kar, Sale Deed vide No. 11832401051 on dtd. 21.03.2024 of Chandramani Rout & ROR bearing Khata No. 767/2316 of Chandramani Rout were lost somewhere from my custody and despite all diligent search by me the same could not be found. The loan and even thereafter till any claims of the Bank arising out of this declaration are fully settled. I have not taken any loan from any bank. Any person claiming any interest or title in the property or otherwise having any objection can make representation to Contact Adv. Fagu Samal-9438670857 within 15 days of this notice.



## ଜାନୁଆରୀ ୧୪ରେ 'ବାପାଙ୍କ ସ୍ୱପ୍ନ'

ଜାନୁଆରୀ ୧୪ ମକର ସଂକ୍ରାନ୍ତି ଅବସରରେ ସୁଧାକର ପିକଚର୍ସ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରସାରିତ ହେବ ନୂଆ କ୍ଷୁଦ୍ର ସିନେମା 'ବାପାଙ୍କ ସ୍ୱପ୍ନ'। ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ଲେଖିଛନ୍ତି ମନୋରଞ୍ଜନ ରାଉଳ। ସନ୍ତୋଷ ନାୟକ ଗୀତ ରଚନା କରିଥିବା ବେଳେ ସଂଗୀତରେ ଅଛନ୍ତି ଶାନ୍ତନୁ ନାୟକ। ଏଥିରେ ପପି ସନ୍ତୁକା ମୁଖ୍ୟ ଚରିତ୍ରରେ ଅଛନ୍ତି। ସତ୍ୟବ୍ରତ ଓଝା, କନକଲତା ମଧ୍ୟ ଅଭିନୟ କରିଛନ୍ତି। ସେହିପରି ସିନେମାରେ ନୂଆ ମୁହଁ ମନୋଜ କୁମାର ପ୍ରଧାନଙ୍କୁ ସୁଧାକର ପରିଚିତ କରାଇଛନ୍ତି। ସିନେମାଟିର କାହାଣୀକୁ ଦର୍ଶକେ ପସନ୍ଦ କରିବେ ବୋଲି ଆଶା କରାଯାଉଛି।

## 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ' ହେବ ଆକର୍ଷଣୀୟ




ଜୀ ସାର୍ଥକରେ ପ୍ରସାରିତ ହେଉଛି 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ – ସେଲିବ୍ରିଟି ୱିଥ୍ ଲିଟିଲ୍ ମାଷ୍ଟର୍ସ'। ପ୍ରଥମ ଥର ପାଇଁ ଲୋକପ୍ରିୟ ଓଡ଼ିଆ ସେଲିବ୍ରେଟିମାନଙ୍କୁ ଅସାଧାରଣ ପ୍ରତିଭାଶାଳୀ ଶିଶୁ ପ୍ରତିଯୋଗୀମାନଙ୍କ ସହ ଯୋଡ଼ିଛି ଏହି ଡାନ୍ସ ରିଆଲିଟି ଶୋ। ଏଥର ୧୦ ଜଣ ସେଲିବ୍ରିଟି ଏବଂ ୧୦ ଜଣ ଲିଟିଲ୍ ମାଷ୍ଟର୍ସ ଦୁଇଟି ଦଳ ଗଠନ କରିଛନ୍ତି। ଯାହାର ନାମ ହେଲା 'ରଙ୍ଗବତୀ ୨. ୦' ଆଉ 'ଲଟକମଣି ୨.୦'। ଯେଉଁମାନେ ହାଇ ଭୋଲଟେଜ୍, ରୋମାଣ୍ଟିକ୍, ଫେଷ୍ଟିଭାଲ୍, କମେଡି, ଆଇଟମ୍ ନମ୍ବର ଏବଂ ଅନ୍ୟାନ୍ୟ ରୋମାଞ୍ଚକର ଥିମ୍ ରାଉଣ୍ଡରେ ପ୍ରତିଯୋଗିତା କରି ଦର୍ଶକଙ୍କ ମନ ଜିତିଛନ୍ତି। ଯେଉଁଥିପାଇଁ ଜୀ ସାର୍ଥକ ଟିମ୍ ତା'ର ସମସ୍ତ ଦର୍ଶକଙ୍କୁ ଧନ୍ୟବାଦ ଜଣାଇଛି। ସେଲିବ୍ରେଟି ନିକିତା, ଦେବସ୍ମିତା, ଅନନ୍ୟା, ରୋମ୍ୟାଙ୍ଗଲି, ସୁଶ୍ରୀ, ପିହୁ, ସୋନାଲିସା, ସୁଲଗ୍ନା, ହିତେସା ଓ ମାନସୀ ପ୍ରତ୍ୟେକ ଏପିସୋଡ୍‌ରେ ନୃତ୍ୟର ବିଭିନ୍ନ ଶୈଳୀ ମାଧ୍ୟମରେ ନିଜର ଲିଟିଲ୍ ମାଷ୍ଟର୍ସ ଯୋଡ଼ିମାନଙ୍କ ସହ ନିଜର ନୃତ୍ୟକଳା ଦ୍ୱାରା ଓଡ଼ିଶାର ଦର୍ଶକଙ୍କ ପାଇଁ ଆଣିଛନ୍ତି ଏକ ନୂତନ ଅନୁଭୂତି। ଏହି ଶୋ'କୁ ଲୋକପ୍ରିୟ ଆଙ୍କର ସୁଜିତ ପାଇକରାୟ ପରିଚାଳନା କରିବା ସହ ବିଚାରକଙ୍କ ପ୍ୟାନେଲରେ ଦେବାଶିଷ ପାତ୍ର, ହରିହର ଦାସ, ଅମିତ ନାୟକ ଏବଂ ସୂର୍ଯ୍ୟମୟୀ ମହାପାତ୍ର ଅଛନ୍ତି। ରାଜୁ ଦାସଙ୍କ କମେଡି ତଡ଼କା ଦର୍ଶକଙ୍କୁ ଦେଇଛି ସମ୍ପୂର୍ଣ ନୂଆ ଅନୁଭୂତି।



## ସାମନ୍ଥାଙ୍କ ଆକ୍ସନ

ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ 'ମା ଇନ୍‌ଟି ବଙ୍ଗରାମ୍'ର ଟିଜର୍ ରିଲିଜ୍ ହୋଇଛି। ଏହି ଟିଜର୍‌ରେ ସାମନ୍ଥାଙ୍କ ଦମ୍‌ଦାର ତଥା ଭୟାନକ ଆକ୍ସନ ଦୃଶ୍ୟ ଦେଖିବାକୁ ମିଳିଛି। ବଡ଼ ବଡ଼ ଭୟଙ୍କର ଆକ୍ସନ ଦୃଶ୍ୟକୁ ବେଶ ସହଜାର କରିଥିବା ଟିଜର୍‌ରେ ନଜର ଆସିଛନ୍ତି। ଏହାକୁ ଦେଖି ଦର୍ଶକେ ସାମନ୍ଥାଙ୍କର ଖୁବ୍ ପ୍ରଶଂସା କରୁଛନ୍ତି। ଏହି ଫିଲ୍ମର ଟିଜର ତଥା ଟ୍ରେଲରର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଭାଇରାଲ ହେଉଛି। ଅନ୍ୟପଟେ ସିନେମାର ଟିଜର୍‌ରୁ ଫିଲ୍ମକୁ ନେଇ ଅଧିକ ଉତ୍ସୁକତା ଦର୍ଶକଙ୍କ ମଧ୍ୟରେ ବୃଦ୍ଧି ପାଇଛି।

## ଫେବୃଆରୀରେ 'ଓ ରୋମିଓ' ରିଲିଜ୍

ବଲିଉଡ୍ ଅଭିନେତା ଶାହିଦ୍ କପୁରଙ୍କ ଆଗାମୀ ନୂଆ ସିନେମା 'ଓ ରୋମିଓ'ର ପୋଷ୍ଟର୍ ରିଲିଜ୍ ହୋଇଛି। ତେବେ ନିଜେ ଅଭିନେତା ଏହାର ପୋଷ୍ଟର୍ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ଏହାସହିତ ଏହାର ରିଲିଜ୍ ତାରିଖ ସମ୍ପର୍କରେ କହିଛନ୍ତି। ସେହିପରି ସିନେମାର ପୋଷ୍ଟର୍‌କୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏହି ସିନେମାରେ ଶାହିଦ୍‌ଙ୍କ ସହିତ ତୃପ୍ତୀ ଡିମରି, ନାନା ପାଟେକର, ଅବିନାଶ ତିୱାରୀ, ତମନ୍ନା ଭାଟିଆ, ବିକ୍ରାନ୍ତ ମେସି ଦିଶା ପଟାନି ଏବଂ ଫରିଦା ଜଲାଲ ନଜର ଆସିବେ। ବିଶାଲ ଭରଦ୍ୱାଜଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ଫେବୃଆରୀ ୧୩ରେ ପ୍ରେକ୍ଷାଳୟକୁ ଆସିବ।





## ଖୁସିଙ୍କ ବ୍ରେକ୍‌ଅପ୍

ଶ୍ରୀଦେବୀଙ୍କ ସାନ ଝିଅ ଖୁସି କପୁରଙ୍କ ବ୍ରେକ୍‌ଅପ୍ ହୋଇଛି। ସେ ଦୀର୍ଘ ସମୟ ହେବ ବେଦାଙ୍ଗ ରୈନାଙ୍କ ସହିତ ସମ୍ପର୍କରେ ଥିଲେ। ହେଲେ ଏବେ ଚର୍ଚ୍ଚା ହେଉଛି ଦୁହିଁଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଛି। ଦୁହେଁ ଏକାଠି 'ଆର୍ଚିଜ୍'ରେ କାମ କରିଥିଲେ। ଏହି ସିନେମାରୁ ହିଁ ଦୁହେଁ ବଲିଉଡ୍‌କୁ ଡେବ୍ୟୁ କରିଥିଲେ। ସେହିପରି ଏହି ସିନେମାରୁ ଦୁହେଁ ସମ୍ପର୍କରେ ଥିବା ଆଲୋଚନା ହେଲା। ଦୁଇ ବର୍ଷ ମଧ୍ୟରେ ଦୁହିଁଙ୍କୁ ଏକାଠି ଅନେକ ଇଭେଣ୍ଟ, ପାର୍ଟି ଏବଂ ପାରିବାରିକ ଉତ୍ସବରେ ଦେଖିବାକୁ ବି ମିଳିଥିଲା। ଅବଶ୍ୟ ବ୍ରେକ୍‌ଅପ୍‌କୁ ନେଇ ବେଦାଙ୍ଗ ଓ ଖୁସି ଏଯାଏଁ କିଛି କହି ନାହାନ୍ତି।

## ନାଗିନ୍-୭'ରେ ପ୍ରିୟଙ୍କା



ଟେଲିଭିଜନର ଲୋକପ୍ରିୟ ଶୋ' 'ନାଗିନ୍'ର ୬ଟା ସିଜନ୍‌କୁ ଦର୍ଶକୀୟ ଆଦୃତି ମିଳିଛି। ଏବେ ଆସିବାକୁ ଯାଉଛି ଏହାର ସିଜନ୍-୭। ତେବେ 'ନାଗିନ୍-୭'ରେ ମୁଖ୍ୟ ଚରିତ୍ରରେ ନଜର ଆସିବେ ପ୍ରିୟଙ୍କା ଚାହର ଚୌଧରୀ। ଏଥିରେ ତାଙ୍କୁ ଇଚ୍ଛାଧାରୀ ନାଗିନ୍ ଚରିତ୍ରରେ ଦେଖିବାକୁ ମିଳିବ। ଏହି ଶୋ'ରେ ସାମିଲ ହୋଇ ସେ ଗର୍ବ ଅନୁଭବ କରୁଥିବା କହିଛନ୍ତି। ସେହିପରି ପ୍ରିୟଙ୍କା ଏହି ଚରିତ୍ର ଲାଗି ଖୁବ୍ ପରିଶ୍ରମ କରୁଥିବା କହିଛନ୍ତି। ତାଙ୍କ ମତରେ, ଜଣେ କଳାକାର ଭାବେ ସବୁବେଳେ ନିଜ ଅଭିନୟ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ। ତା'ସହ କାହାରି ସହିତ ନିଜକୁ ତୁଳନା ନ କରି ଅନ୍ୟମାନଙ୍କ ସମାଲୋଚନାରେ ପ୍ରଭାବିତ ହେବା କଥା ନୁହେଁ। ସେହିପରି ତୁଳନାକୁ ସବୁବେଳେ ସକାରାତ୍ମକ ଭାବେ ଗ୍ରହଣ କରିବା ଦରକାର ବୋଲି ସେ କହିଛନ୍ତି। ଅନ୍ୟପଟେ ପ୍ରିୟଙ୍କାଙ୍କ ସମେତ ଈଶା ସିଂହ, ସାହିଲ, ବିହାନ ବର୍ମା, ପ୍ରତୀକ୍ଷା ରାୟ, ନିବେଦିତା ପଲ୍ ପ୍ରମୁଖ ନଜର ଆସିବେ।

## "ଅଭିନୟ ମୋ ପେଶା ଓ ନିଶା"

### ସୌମ୍ୟ ସ୍ୱରୂପ ପାଢ଼ୀ, ଅଭିନେତା

ଅଭିନୟ ଗଣତନ୍ତ୍ର ସଦୃଶ। ଏହା ଦର୍ଶକମାନଙ୍କର, ଦର୍ଶକମାନଙ୍କ ଦ୍ୱାରା ଏବଂ ଦର୍ଶକମାନଙ୍କ ପାଇଁ। ଏହି ମନ୍ତ୍ରକୁ ପାଥେୟ କରିଛନ୍ତି ଅଭିନେତା ସୌମ୍ୟ ସ୍ୱରୂପ ପାଢ଼ୀ। ଫୁଲବାଣୀରେ ତାଙ୍କର ଜନ୍ମ। ବ୍ରହ୍ମପୁରରେ ସେ ବଡ଼ ହୋଇଛନ୍ତି। ଶ୍ରଦ୍ଧାରେ ସମସ୍ତେ ତାଙ୍କୁ ବୁନୁ ଡାକନ୍ତି। ତେବେ ଭବିଷ୍ୟତରେ କ୍ରିକେଟର୍ ହେବାକୁ ସେ ସ୍ୱପ୍ନ ଦେଖିଥିଲେ। ହେଲେ ଭାଗ୍ୟ ତାଙ୍କୁ ଟାଣି ଆଣିଥିଲା ଅଭିନୟ ଜଗତକୁ। ବିଟେକ୍ ପଢ଼ିବା ସମୟରେ ସେ ଅଭିନେତା ଅଜିତ ଦାସଙ୍କ ଥିଏଟର୍‌ରେ ଯୋଗ ଦେଲେ। 'ଏକା', 'ସାହାଯ୍ୟକାରିଣୀ' ଆଦି ନାଟକରେ ଅଭିନୟ କରିଛନ୍ତି। ପରେ ଏକ ରିଆଲିଟି ଶୋ' ମାଧ୍ୟମରେ ଧାରାବାହିକକୁ ଏଣ୍ଟ୍ରି କରିଥିଲେ। ଟେଲି ସିନେମାରେ ବି ସେ କାମ କରିଛନ୍ତି। ଏବେ 'ମୋ ସିନ୍ଦୂରର ଅଧିକାର'ରେ ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଛନ୍ତି। ସୌମ୍ୟଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।



**ଅଭିନେତା ହେବାକୁ କାହିଁକି ମନ ବଳାଇଲେ?**

● କ୍ରିକେଟ୍ ଖେଳ ପ୍ରତି ଦୁର୍ବଳତା ରହିଥିଲା। ଏଥିରେ କ୍ୟାରିୟର୍ ନଥିବା ଚିନ୍ତା କରି ବିଟେକ୍ ପଢ଼ିବା ସମୟରେ ସ୍ୱର୍ଗତ ଅଜିତ ସାର୍‌ଙ୍କ 'ଅଜିତ୍ ନାଟ୍ୟ ସଂସ୍ଥା'ରେ ଅଭିନୟ ପାଇଁ ତାଲିମ ନେଇଛି। ତାଙ୍କ ମାର୍ଗଦର୍ଶନରେ ବିଭିନ୍ନ ମଞ୍ଚରେ ଡ୍ରାମା କରିବାକୁ ସୁଯୋଗ ପାଇଛି। ପରେ 'ତରଙ୍ଗ' ଚ୍ୟାନେଲ୍‌ରେ 'ବିଗ୍ ବ୍ରେକ୍' ରିଆଲିଟି ଶୋ'ରେ ଯୋଗ ଦେଇଥିଲି। ଏହି ପ୍ଲାଟଫର୍ମ ଆଗକୁ ଯିବାକୁ ମୋତେ ସୁଯୋଗ ଦେଲା। 'ତ୍ରିଲୋଚନୀ ଗୌରୀ' ମୋର ପ୍ରଥମ ଧାରାବାହିକ। ଏଥିରେ ଡାକ୍ତର ଶଙ୍କର ଚରିତ୍ର ପାଇଁ ମୋତେ ଶ୍ରେଷ୍ଠ ନବାଗତ ପୁରସ୍କାର ମିଳିଥିଲା।

**ନାୟକରୁ ହଠାତ୍ ଖଳନାୟକ କାହିଁକି ସାଜିଲେ?**

● 'ତ୍ରିଲୋଚନୀ ଗୌରୀ' ପରେ 'ରାଜଯୋଗ'ରେ ଖଳନାୟକ ସିଦ୍ ଭାବେ ନଜର ଆସିଥିଲି। ନାୟକ ଆଉ ଖଳନାୟକ ଉଭୟ କାହାଣୀର ମୁଖ୍ୟ ଚରିତ୍ର। ଏହି ଭୂମିକା ନିଭାଇବାକୁ କିଛି ଚରିତ୍ରକୁ ଗଭୀର ଭାବେ ତର୍ଜମା କଲି। ବଡି ଲାଙ୍ଗୁଏଜରେ ପରିବର୍ତ୍ତନ ଆଣିଥିଲି। ମୁଁ ଜଣେ ମଞ୍ଚ ଅଭିନେତା ହୋଇଥିବାରୁ ମୂଳଦୁଆ ସୁଦୃଢ଼ ଥିଲା। ଖଳନାୟକ ଚରିତ୍ର କରିବାକୁ ସମସ୍ୟା ହୋଇ ନ ଥିଲା। ଏଥିରେ ମୁଁ ଘରର ସାନ ପୁଅ ଥିଲି। ପ୍ରେମର ପ୍ରତିଶୋଧ ନେବାକୁ ଖଳନାୟକ ସାଜିଛି। ଦର୍ଶକଙ୍କୁ ଖଳନାୟକ ଚରିତ୍ରଟି ବହୁତ ପସନ୍ଦ ଆସିଥିଲା। ଏଥିପାଇଁ ଶ୍ରେଷ୍ଠ ଖଳନାୟକ ଭାବେ ସମ୍ମାନିତ ହୋଇଥିଲି।

**'ସିନ୍ଦୂରର ଅଧିକାର'ରେ ଆପଣଙ୍କ ଭୂମିକା?**

● ଏଥିରେ ମୁଁ ବିବେକ ଭୂମିକାରେ ଅଭିନୟ କରୁଛି। ହିରୋଇନ୍‌ର ଭାଇ ହୋଇଥିବାରୁ ମୁଁ ମୋ ଭଉଣୀକୁ ଲଢ଼ିବା ଓ ନ୍ୟାୟ ଦେବାକୁ ସପୋର୍ଟ କରୁଛି।

**ସ୍ମରଣୀୟ ମୁହୂର୍ତ୍ତ?**

● ରାଜଯୋଗ ଧାରାବାହିକ ସରିବାର ଦିନକ ପରେ ଟେଲି ସିନେମା 'ସ୍ୱୟମ୍ବର' ସୁଟିଂ ଆରମ୍ଭ ହୋଇଥିଲା। ମୁଁ ଭାଗ୍ୟଶାଳୀ ଯେ ଏମିତି ଏକ ସୁଯୋଗ ମିଳିଥିଲା। ବହୁତ ଖୁସି ଥିଲି। ଖଳନାୟକ ପରେ ଦର୍ଶକ ପୁଣି ନାୟକ ଭୂମିକାକୁ ଆପଣାଇଥିଲେ।

**ଅଭିନୟ କରି କେବେ ଥକି ପଡ଼ିଛନ୍ତି କି?**

● ଯେଉଁ କାମ ଖୁସି ଦିଏ ସେଥିରେ ଥକ୍କିବାର ପ୍ରଶ୍ନ ଉଠୁନାହିଁ। ମୋ ଗୁରୁ ମୋତେ ଶିଖାଇଛନ୍ତି ଯେ, କାମ ପ୍ରତି ଭଲ ପାଇବା ଥିଲେ କଷ୍ଟ ଜଣାପଡ଼େନି। ତେଣୁ ଅଭିନୟ ମୋ ପାଇଁ ନିଶା ଆଉ ପେଶା।

**ଆଗାମୀ ଯୋଜନା?**

● ଇଚ୍ଛା ଅଛି ବଡ଼ ପରଦା ପାଇଁ ଅଭିନୟ କରିବି। ଏଥିପାଇଁ ବ୍ୟକ୍ତିଗତ ଭାବେ ମୋ' ନିଜକୁ ପ୍ରସ୍ତୁତ କରୁଛି। ସୁଟିଂ ଭିତରେ ଅଭ୍ୟାସ ଜାରି ରହିଛି। ଆଉ ଗୋଟେ କଥା କହିବାକୁ ଚାହିଁବି, ଦର୍ଶକ ପରଦାରେ ମୋତେ ପ୍ରଥମେ ଦେଖିବା ସମୟରେ ଯେତିକି ଉତ୍ସାହିତ ଥିଲେ, ସେହି ଭଲ ପାଇବା ସବୁବେଳେ ଥାଉ। ଦର୍ଶକ ମୋ' ପାଇଁ ଭଗବାନ।

**ସୁଟିଂ ନଥିଲେ କ'ଣ କରନ୍ତି?**

● ସୁଟିଂ ନଥିଲେ। ମୁଁ କ୍ରିକେଟ ଖେଳେ। ଗାଁ'ର ଫାର୍ମ ହାଉସକୁ ଯାଏ। ଫିଟ୍ ରହିବାକୁ ପ୍ରକୃତି କୋଳରେ ସମୟ ବିତାଇଏ। ମାମା ସହିତ ସମୟ ଅତିବାହିତ କରେ। ପୌରାଣିକ ବିଷୟବସ୍ତୁ ରାମାୟଣ, ମହାଭାରତ, ଗୀତା ପଢ଼େ। କାରଣ ଆମ ଜୀବନର ସବୁ ସମସ୍ୟାର ସମାଧାନ ଭଗବଦ୍ ଗୀତାରେ ରହିଛି।


**ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ଯଦି ଜଣେ ଅଭିନୟରେ ନିଖୁଣ ହେବାକୁ ଚାହୁଁଛି ତାକୁ ପ୍ରଥମେ ରାମାୟଣ ଓ ମହାଭାରତ ବିଷୟରେ ଗଭୀର ଜ୍ଞାନ ଆହରଣ କରିବା ଦରକାର। ମୂଳଦୁଆକୁ ସୁଦୃଢ଼ କରିବା ନିହାତି ଦରକାର। ଭଲ କଳାକାର ତ ସମସ୍ତେ ହୋଇପାରିବେ। ହେଲେ ପ୍ରଥମେ ଭଲ ମଣିଷ ହୁଅନ୍ତୁ। କଳାକାରଟି ଅଭିନୟ ଦର୍ଶକଙ୍କ ପାଇଁ କରେ। ଦର୍ଶକେ ଏହାକୁ କିପରି ଗ୍ରହଣ କରୁଛନ୍ତି ତାହା ମଧ୍ୟ ଗୁରୁତ୍ୱ ବହନ କରେ।

**ପରଦା ପଛର କାହାଣୀ**

## ଖାରଜ କାହାଣୀରୁ ହିଟ୍ ଫିଲ୍ମ

ଫିଲ୍ମରେ ସ୍କ୍ରିପ୍ଟ ବା କାହାଣୀର ହାତଲେଖା ଖାରଜ ବା ଅମନୋନୀତ ହେବା ସାଧାରଣ କଥା। ବଲିଉଡ୍‌ର ସ୍କ୍ରିପ୍ଟ ବାରମ୍ବାର ଖାରଜ ହେବା ପରେ ମଧ୍ୟ ଅନେକ ଫିଲ୍ମ ତିଆରି ହୋଇଛି। ହେଲେ ରିଜେକ୍ଟ ସ୍କ୍ରିପ୍ଟ ପଛରେ ପ୍ରଯୋଜକମାନେ ଟଙ୍କା ଖର୍ଚ୍ଚ କରିବାକୁ ପସନ୍ଦ କରନ୍ତିନି। ତେବେ ୭୦ ଦଶକରେ ଏକ ଫିଲ୍ମ ଥିଲା, ଯାହାର କାହାଣୀ ବାରମ୍ବାର ରିଜେକ୍ଟ ହେବା ପରେ ମଧ୍ୟ ଫିଲ୍ମ ସୁପରହିଟ୍ ହୋଇଥିଲା। ଏହି ଫିଲ୍ମଟି ଥିଲା ୭ ଫେବୃଆରୀ ୧୯୭୬ ମସିହାରେ ମୁକ୍ତିଲାଭ କରିଥିବା 'କାଳିଚରଣ'। ଏଥିରେ ଶତ୍ରୁଘ୍ନ ସିହ୍ନା, ରୀନା ରାୟ, ପ୍ରେମନାଥ ଅଜିତ୍, ମଦନପୁରୀ ଏବଂ ଡ୍ୟାନି ଡେନଜୋଙ୍ଗପା ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଏହି ଫିଲ୍ମର ନିର୍ଦ୍ଦେଶନା ସୁବାଷ ଘାଇ ଦେଇଥିଲେ। ଫିଲ୍ମର କାହାଣୀ ସୁବାଷ ଘାଇ, ଭରତ ବି, ଭଲ୍ଲା ଲେଖିଥିବାବେଳେ, ଏହାର ଡାଏଲଗ୍ ଜୈନେନ୍ଦ୍ର ଜୈନ ଲେଖିଥିଲେ। ପ୍ରକାଶ ମେହରା, ୟେଶ୍ ଚୋପ୍ରାଙ୍କ ଭଳି ନାମୀଦାମୀ ପ୍ରଯୋଜକଙ୍କୁ କାହାଣୀ ଶୁଣାଇଥିଲେ। କିନ୍ତୁ କେହି ହେଲେ ଏହି ଫିଲ୍ମରେ ଟଙ୍କା ନିବେଶ କରିବାକୁ ଚାହୁଁ ନ ଥିଲେ। ପରବର୍ତ୍ତୀ ସମୟରେ ପ୍ରଯୋଜକ ଏନ୍.ଏନ୍. ସିପି ତାଙ୍କୁ ଭେଟିବାକୁ ଡାକିଥିଲେ। ତାଙ୍କୁ ଏହି ଖାରଜ କାହାଣୀଟି ପସନ୍ଦ ଆସିଥିଲା। ସିପି ଚାରିଦିନ ପରେ ପୁଣି ଥରେ ଏହି ସ୍କ୍ରିପ୍ଟ ଶୁଣିଥିଲେ। ଆଉ ଫିଲ୍ମର ନିର୍ଦ୍ଦେଶନା ସୁବାଷ ଘାଇ ଦେବେ ବୋଲି କହିଥିଲେ। ସେହିପରି ସୁବାଷ ଏଥିରେ ଅଭିନୟ କରିବା ପାଇଁ ଅଭିନେତା ଶତ୍ରୁଘ୍ନ ସିହ୍ନାଙ୍କ ନାଁ ନେଇଥିଲେ। ସେହି ସମୟରେ ସେ ଖଳନାୟକ ଭୂମିକାରେ ଅଭିନୟ କରୁଥିଲେ। ତେଣୁ ସେ ଏହି ଫିଲ୍ମକୁ ଛାଡ଼ିବାକୁ ଭାବିଥିଲେ। କିନ୍ତୁ ସିପି ଏଥିପାଇଁ ତାଙ୍କୁ ମାର୍କେଟ୍ ଅନୁଯାୟୀ ଅଧିକ ଟଙ୍କା ଦେଇଥିଲେ। ଫଳରେ ସେ ଏହି ଫିଲ୍ମ କରିବାକୁ ରାଜି ହୋଇଥିଲେ। ଫିଲ୍ମ ସମେତ ଏଥିରେ ଥିବା ଗୀତ ଏବଂ ସଂଳାପ ମଧ୍ୟ ସୁପରହିଟ୍ ହୋଇଥିଲା। ତେବେ ଆଶ୍ଚର୍ଯ୍ୟର କଥା ବାରମ୍ବାର ଖାରଜ ହୋଇଥିବା କାହାଣୀକୁ ନେଇ ନିର୍ମିତ ଫିଲ୍ମ 'କାଳିଚରଣ' ହିଟ୍ ହୋଇଥିଲା।



# ରୋହିତ-କୋହଲି ମୁଖ୍ୟ ଆକର୍ଷଣ
# ଭାରତ-ନ୍ୟୁଜିଲାଣ୍ଡ ଦିନିକିଆ ସିରିଜ୍ ଆଜିଠାରୁ

ବରୋଦା,୧୦।୧(ଏଜେନ୍ସି):



ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଓ ଘରୋଇ ଭାରତ ମଧ୍ୟରେ ଆସନ୍ତାକାଲିଠାରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଅନ୍ତର୍ଜାତୀୟ କ୍ରିକେଟରେ ଖେଳାଯାଉଥିବା ୩ଟି ଫର୍ମାଟ ମଧ୍ୟରୁ ଏହି ଫର୍ମାଟର ବିଶେଷ ଗୁରୁତ୍ୱ ନାହିଁ। ଏଥିରେ କିନ୍ତୁ ଗତ ଏକ ଦଶନ୍ଧି ଧରି ଭାରତୀୟ କ୍ରିକେଟ ଦଳର କେନ୍ଦ୍ରବିନ୍ଦୁ ସାଜିଥିବା ବିରାଟ କୋହଲି ଏବଂ ରୋହିତ ଶର୍ମା ଭାରତ ପକ୍ଷରୁ ଏହି ସିରିଜ୍ ଖେଳୁଛନ୍ତି। ଉଭୟ ଖେଳାଳି ହିଁ ଏହି ଫର୍ମାଟରେ ସାଜିଛନ୍ତି ମୁଖ୍ୟ ଆକର୍ଷଣ। ଦୀର୍ଘ ୨୨ ଦିନ ପରେ ଭାରତ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ଯାଉଛି। ଭାରତୀୟ କ୍ରିକେଟ ଲାଗି ବାଣିଜ୍ୟିକ ସଂସ୍ଥାଗୁଡିକ ଯେଉଁ କ୍ଷତି ସହିଛନ୍ତି ତାହାକୁ ପୂରଣ କରିବା ଲାଗି ଜୋରରେ ଲାଗି ପଡ଼ିଛନ୍ତି। ଏଭଳି ସ୍ଥିତିରେ ନ୍ୟୁଜିଲାଣ୍ଡ ଏକ ଦୁର୍ବଳ ଦଳ ସହ ଏହି ସିରିଜ୍ ଖେଳିବାକୁ ଆସିଛି। ନ୍ୟୁଜିଲାଣ୍ଡ ସିନିଅର ଦଳରେ ସ୍ଥାନ ପାଇବାକୁ ସଂଘର୍ଷ କରୁଥିବା ୩୫ ବର୍ଷୀୟ ଅଲରାଉଣ୍ଡର ମାଇକେଲ ବ୍ରେସ୍‌ୱେଲ ଦଳର ନେତୃତ୍ୱ ନେଉଛନ୍ତି। ଦୁଇବର୍ଷ ପୂର୍ବେ ହାଇଦରାବାଦ୍‌ରେ ଖେଳାଯାଇଥିବା ଦିନିକିଆ ମ୍ୟାଚ୍‌ରେ ବ୍ରେସ୍‌ୱେଲ ୧୪୦ ରନ୍ କରି ହାରିଯାଉଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଜିତାଇଥିଲେ। ଏହା ପରେ ସେ କେବଳ ବୋଲିଂରେ କିଛିଟା କମାଲ ଦେଖାଇଛନ୍ତି। ଏହି ଦଳରେ ସ୍ଥାନ ପାଇଥିବା ୧୫ଖେଳାଳିଙ୍କ ମଧ୍ୟରୁ ୮ଜଣ ଭାରତରେ ଖେଳିବାର ଅଭିଜ୍ଞତା ନାହିଁ। ୨ଜଣ ଖେଳାଳି ଅନ୍ତର୍ଜାତୀୟ ପଦାର୍ପଣ କରିନାହାନ୍ତି। ଜଣେ ଖେଳାଳି ଆଦୌ ଦିନିକିଆ ମ୍ୟାଚ୍ ଖେଳିନାହାନ୍ତି। ୫ଜଣ ଖେଳାଳି ୧୦ରୁ କମ୍ ମ୍ୟାଚ୍ ଖେଳିଛନ୍ତି। ସିନିଅର ଏବଂ ନିୟମିତ ଖେଳାଳିଙ୍କ ମଧ୍ୟରୁ ମିଚେଲ ସାଣ୍ଟନର, ମ୍ୟାଟ ହେନେରୀ ଓ ମାର୍କ ଚାପ୍‌ମ୍ୟାନ୍ ଆହତ ସମସ୍ୟାରୁ ଧୀରେ ଧୀରେ ସୁସ୍ଥ ହେଉଛନ୍ତି। ୱିଲିୟମ ଓ’ରୁର୍କୀ ଓ ନାଥାନ ସ୍ମିଥ୍ ଏଯାଏ ଫିଟ୍ ହୋଇନାହାନ୍ତି। ବାପା ହେବାକୁ ଯାଉଥିବାରୁ ଟମ୍ ଲାଥମ ଛୁଟିରେ ଅଛନ୍ତି। ତାରକା ଖେଳାଳିଙ୍କୁ ନ୍ୟୁଜିଲାଣ୍ଡ କ୍ରିକେଟ ରିଟେନ କରିନାହିଁ। ସାଉଥ୍ଆଫ୍ରିକା-ଟି୨୦ ଖେଳୁଥିବାରୁ କେନ୍ ୱିଲିୟମସନଙ୍କୁ ଏହି ସିରିଜରୁ ବାଦ୍ ଦିଆଯାଇଛି। ଏହା ସତ୍ତ୍ୱେ ଦିନିକିଆ କ୍ରିକେଟରେ ନ୍ୟୁଜିଲାଣ୍ଡ କ୍ରମାଗତ ୯ଟି ମ୍ୟାଚରେ ଅପରାଜେୟ ରହିଛି। ଆଉ ଗୋଟିଏ ମ୍ୟାଚ୍ ଜିତିଲେ ଭ୍ରମଣକାରୀ ଦଳ ରେକର୍ଡ କରିବ।

**ଖେଳ ଆରମ୍ଭ: ଅପରାହ୍ଣ ୧ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

ଅନ୍ୟପକ୍ଷରେ ଘରୋଇ ଦଳ ଭାରତ ଦିନିକିଆ କ୍ରିକେଟରେ ବେଶ ଶକ୍ତିଶାଳୀ। ଏହି ଦଳରେ ବିଶ୍ୱର ଦୁଇ ସୁପରଷ୍ଟାର ‘ରୋ-କୋ’ ବା ରୋହିତ ଶର୍ମା ଓ ବିରାଟ କୋହଲି ଖେଳୁଛନ୍ତି। ଇଂଲଣ୍ଡରେ ଟେଷ୍ଟ ଅଧିନାୟକ ଭାବେ ଦମ୍‌ଦାର ଡେବ୍ୟୁ କରିଥିବା ଶୁବମନ ଗିଲ୍ ଆହତ ହେବା ଫଳରେ ନିୟମିତ ଖେଳିପାରି ନାହାନ୍ତି। ଏବେ ଫିଟ୍ ହୋଇ ଦଳର ନେତୃତ୍ୱ ନେବାକୁ ଫେରିଛନ୍ତି। ଫର୍ମ ହରାଇବା କାରଣରୁ ତାଙ୍କୁ ଟି-୨୦ ବିଶ୍ୱକପ୍ ଓ ଟି-୨୦ ସିରିଜ୍‌ରୁ ବାଦ୍ ଦିଆଯାଇଛି। ଏବେ ଦିନିକିଆ ସିରିଜ୍ ତାଙ୍କ ଲାଗି ଚ୍ୟାଲେଞ୍ଜ ହୋଇଛି। ଏଥିରେ ସେ ଉଭୟ ଫର୍ମ ଓ ନେତୃତ୍ୱର ପ୍ରମାଣ ଦେବାକୁ ପ୍ରସ୍ତୁତି କରିଛନ୍ତି। ଗିଲ୍‌ଙ୍କ ପରି ଦଳର ଉପଅଧିନାୟକ ଶ୍ରେୟସ ଆୟର ମଧ୍ୟ ଆହତ ସମସ୍ୟାରୁ ମୁକୁଳିବା ପରେ ବିଜୟ ହଜାରେ ଟ୍ରଫି ଖେଳି ନିଜକୁ ମ୍ୟାଚ୍ ଫିଟ୍ ପ୍ରମାଣିତ କରିଛନ୍ତି। ଏଣୁ ଉଭୟ ଅଧିନାୟକ ଓ ଉପ ଅଧିନାୟକଙ୍କ ଲାଗି ଏହି ସିରିଜ୍ ବେଶ ଗୁରୁତ୍ୱ ବହନ କରୁଛି। ଦଳର ଆଉ ଦୁଇଜଣ ପ୍ରମୁଖ ଖେଳାଳି ତଥା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦିନିକିଆ ସିରିଜ୍ ଲାଗି ମନୋନୀତ କରାଯାଇନାହିଁ। ବୁମ୍‌ରାଙ୍କ ସ୍ଥାନରେ ସିରାଜ ଦଳରେ ଖେଳିବା ନିଶ୍ଚିତ। ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ଅନ୍ୟ ଦୁଇ ପେସ୍‌ର ଭାବେ ଦଳରେ ସ୍ଥାନ ପାଇବେ।

### ରେକର୍ଡ

୨୦୨୪ରେ ନ୍ୟୁଜିଲାଣ୍ଡ ହ୍ୱାଇଟ ଭାରତକୁ ଟେଷ୍ଟ କ୍ରିକେଟରେ କ୍ଲିନ୍ ସୁଇପ୍ କରିଛି, କିନ୍ତୁ ଦିନିକିଆରେ ଏହି ଦଳର ରେକର୍ଡ ବହୁତ ଖରାପ। ଭ୍ରମଣକାରୀ ଦଳ ଭାରତରେ ଗୋଟିଏ ହେଲେ ଦିନିକିଆ ସିରିଜ୍ କିମ୍ବା ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇନାହିଁ। ଅନ୍ୟପକ୍ଷରେ ଭାରତ ଗତ ଦୁଇବର୍ଷରେ କ୍ରମାଗତ ୨୦ଟି ମ୍ୟାଚ୍‌ରେ ଟସ୍ ହାରିବା ପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଗତ ସିରିଜ୍‌ରେ ଟସ୍ ଜିତି ଏହି ନକରାତ୍ମକ ରେକର୍ଡକୁ ଅତିକ୍ରମ କରିଛି। ନୂଆ ଖେଳାଳିମାନଙ୍କୁ ନେଇ ଗଠିତ ନ୍ୟୁଜିଲାଣ୍ଡ ଦଳ ମ୍ୟାଚ୍‌କୁ ପ୍ରତିଯୋଗିତାମୂଳକ କରାଇବ ବୋଲି ଆଶା କରାଯାଉଛି।

### ସମ୍ଭାବ୍ୟ ଖେଳାଳି ଦଳ

**ଭାରତ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ୍ (ୱିକେଟରକ୍ଷକ), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ।

**ବେଞ୍ଚ:** ଯଶସ୍ୱୀ ଜୟସ୍ୱାଲ, ଋଷଭ ପନ୍ତ, ପ୍ରସିଦ୍ଧ କ୍ରିଷ୍ଣା ଓ ନୀତୀଶ କୁମାର ରେଡ୍ଡୀ।

**ନ୍ୟୁଜିଲାଣ୍ଡ:** ଡେଭନ କନୱେ (ୱିକେଟରକ୍ଷକ), ନିକ୍ କେଲୀ, ୱିଲ ୟଙ୍ଗ୍, ଡାରିଲ ମିଚେଲ, ହେନରୀ ନିକୋଲସ, ଗ୍ଲେନ ଫିଲିପ୍ସ, ମାଇକେଲ ବ୍ରେସ୍‌ୱେଲ (ଅଧିନାୟକ), ଜାକାରୀ ଫୋକ୍ସ, କାଏଲ ଜାମିସନ, ମାଇକେଲ ରେ, ଆଦିତ୍ୟ ଅଶୋକ।

**ବେଞ୍ଚ :** ମିଚେଲ ହେ, ଜେଡେନ ଲେନ୍ନକ୍ସ, କ୍ରିଷ୍ଟିଆନ କ୍ଲାର୍କ, ଜୋଶ କ୍ଲାର୍କସନ।

### ପିଚ୍ ଓ ପରିବେଶ

କୋଟାମ୍ବି ଷ୍ଟାଡିୟମ୍‌ରେ ପୁରୁଷ ବିଭାଗର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜିତ ହେବାକୁ ଯାଉଛି। ଏଠାରେ ଦୁଇଟି ମହିଳା ଦିନିକିଆ କ୍ରିକେଟ ମ୍ୟାଚ୍ ଆୟୋଜିତ ହୋଇଛି। ଏଠିକାର ପିଚ୍ ପେସ୍ ବୋଲରଙ୍କୁ ସୁହାଇଛି। ମହିଳା ବିଭାଗର ଏଠାରେ ଖେଳାଯାଇଥିବା ଉଭୟ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତ ୧୦୦ରୁ ଊର୍ଦ୍ଧ୍ୱ ରନ୍ ବ୍ୟବଧାନରେ ବିଜୟୀ ହୋଇଛି। କିନ୍ତୁ ଟସ୍ ଜିତିବା ପରେ ଚେଜ୍ କରିବାକୁ ଦଳ ପସନ୍ଦ କରିବେ। ଏଠାରେ ପ୍ରଚୁର କାକର ପଡୁଛି। ଏଣୁ ଦ୍ୱିତୀୟରେ ବ୍ୟାଟିଂ କରୁଥିବା ଦଳ ଲାଗି ଏହା ବେଶ ସହାୟକ ହେବ। ସବୁଠାରୁ ବଡ଼ କଥା ହେଲା ଦେଶ ସାରା ଶୀତ ଲହରୀ ଚାଲିଥିଲାବେଳେ ଏଠାରେ ତାପମାତ୍ରା ୨୦ରୁ ଅଧିକ ଡିଗ୍ରି ରହିଛି। ଏଣୁ ମୁକାବିଲା ଲାଗି ଏଠିକାର ପରିବେଶ ବେଶ ଉପଯୋଗୀ ହେବ।

### ଦିନିକିଆ ଖେଳସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୧୧।୧ | ପ୍ରଥମ ଦିନିକିଆ | ବରୋଦା |
| ୧୪।୧ | ଦ୍ୱିତୀୟ ଦିନିକିଆ | ରାଜକୋଟ |
| ୧୮।୧ | ତୃତୀୟ ଦିନିକିଆ | ଇନ୍ଦୋର |

## ମହିଳା ପ୍ରିମିୟର ଲିଗ୍
# ଗୁଜରାଟ ଜାଏଣ୍ଟସର ପ୍ରଥମ ବିଜୟ

ନଭି ମୁମ୍ବଇ, ୧୦।୧(ଏଜେନ୍ସି): ଜର୍ଜିଆ ୱେଆରହାମ୍‌ଙ୍କ ଅଲରାଉଣ୍ଡ ସଫଳତା ଓ ଅଧିନାୟିକା ଆଶଲେ ଗାର୍ଡନରଙ୍କ ଅର୍ଦ୍ଧଶତକ ସହାୟତାରେ ଏଠାରେ ଶନିବାର ଖେଳାଯାଇଥିବା ୨୦୨୬ ମହିଳା ପ୍ରିମିୟର ଲିଗ୍‌ର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଗୁଜରାଏ ଜ୍ୟାଣ୍ଟସ ମାତ୍ର ୧୦ ରନ୍‌ରେ ୟୁପି ୱାରିୟର୍ଜଙ୍କୁ ପରାସ୍ତ କରିଛି। ଏହା ଫଳରେ ଗୁଜରାଟ ଆଇପିଏଲ୍ ଇତିହାସର ଦୁଇଟି ବିଭାଗରେ ପ୍ରଥମ ବିଜୟ ହାସଲ କରିଛି। ପ୍ରଥମଟି ହେଲା ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ୩ଟି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଗୁଜରାଟ ପରାଜିତ ହୋଇଛି। ସେହିପରି ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଦଳ ପୂର୍ବରୁ ୩ଟି ମ୍ୟାଚ୍ ଖେଳି ୩ଟିଯାକରେ ପରାଜିତ ହୋଇଥିଲା। ଆଜିର ବିଜୟ ଫଳରେ ଦଳ ଉଭୟ ଆଇପିଏଲ୍‌ର ପ୍ରଥମ ମ୍ୟାଚ୍‌ରେ ପ୍ରଥମଥର ଓ ଏହି ଷ୍ଟାଡିୟମ୍‌ରେ ପ୍ରଥମ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ମାତ୍ର ୧୦ ବଲ୍‌ରୁ ଅପରାଜିତ ୨୭ ଓ ୪ ଓଭରରେ ୩୦ ରନ୍ ଦେଇ ୨ଟି ୱିକେଟ ନେଇଥିବା ଗୁଜରାଟର ୱେୟାରହାମଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ଗୁଜରାଟ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୦୭ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟିକା ଗାର୍ଡନର ୪୧ବଲ୍‌ରେ ୬ ଚୌକା ଓ ୩ଛକା ସହ ୬୫, ଅନୁସ୍କା ଶର୍ମା ୩୦ ବଲ୍‌ରୁ ୪୪, ସୋଫି ଡିଭାଇନ୍ ୨୦ ବଲ୍‌ରୁ ୩୮ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ସୋଫି ଇକ୍କେଷ୍ଟନ ୨ଟି ୱିକେଟ ପାଇଥିଲେ। ଜବାବରେ ୨୦୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୟୁପି ୱାରିୟର୍ଜ ୩ ରନ୍‌ରେ ପ୍ରଥମ ୱିକେଟ ହରାଇଥିଲା। ଏହା ପରେ ଅଧିନାୟିକା ମେଗ୍ ଲାନିଙ୍ଗଙ୍କ ସହ ଫୋଏବି ଲିଚ୍‌ଫିଲ୍ଡ ଯୋଗ ଦେବା ପରେ ଦ୍ରୁତିଗତିରେ ରନ୍ ମିଳିଥିଲା। ଏମାନେ ଦ୍ୱିତୀୟ ୱିକେଟରେ ୭୦ ରନ୍ ଯୋଡିବା ପରେ ୩୦ ରନ୍ କରି ଲାନିଙ୍ଗ ଆଉଟ ହୋଇଥିଲେ। ଏହି ସମୟରେ ଦଳ ୧ ରନ୍‌ରେ ୩ଟି ୱିକେଟ ହରାଇ ବିପର୍ଯ୍ୟୟର ଶିକାର ହୋଇଥିଲା। ୫ମ ୱିକେଟ ଯୋଡିରେ ଶ୍ୱେତା ସେରାୱତ୍ ୬୯ ରନ୍ ଉଠାଇଥିଲେ। କିନ୍ତୁ ୧୪୩ ରନ୍‌ରେ ଶେରାୱତ୍ ଓ ୧୫୦ ରନ୍‌ରେ ଲିଚ୍‌ଫିଲ୍ଡ ଆଉଟ ହେବା ପରେ ୟୁପିର ରନ୍ ଚେଜ୍ ବାଟବଣା ହୋଇଯାଇଥିଲା। ତଥାପି ଆଶା ଶୋଭନା ୧୦ ବଲ୍‌ରୁ ୨୭ ରନ୍ ଉଠାଇଥିଲେ ମଧ୍ୟ ଦଳ ୮ ୱିକେଟରେ ୧୯୭ ରନ୍‌ରେ ଅଟକି ଯାଇଥିଲା। ଲିଚ୍‌ଫିଲ୍ଡ ୪୦ ବଲ୍‌ରେ ୮ ଚୌକା ଓ ୫ ଛକା ସହ ୭୮ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଶ୍ୱେତା ୧୭ ବଲ୍‌ରେ ୨୫, ଡିଆଣ୍ଡ୍ରା ଡଟିନ୍ ୧୨ ଓ ସୋଫି ଇକ୍କେଷ୍ଟନ ୧୧ ରନ୍ କରିଥିଲେ। ଗୁଜରାଟ ପକ୍ଷରୁ ରେଣୁକା ସିଂ ଠାକୁର, ସୋଫି ଡିଭାଇନ୍ ଓ ୱେଆରହାମ୍ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଏହି ମ୍ୟାଚ୍‌ରେ ମୋଟ ୪୦୪ ରନ୍ ସଂଗୃହୀତ ହୋଇଛି। ମହିଳା ପ୍ରିମିୟର ଲିଗ୍‌ରେ ଏହା ଦ୍ୱିତୀୟ ସର୍ବାଧିକ। ଗତବର୍ଷ ବା ୨୦୨୫ରେ ଆରସିବି ଓ ୟୁପି ୱାରିୟର୍ଜ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ସର୍ବାଧିକ ୪୩୮ ରନ୍ ମିଳିଥିଲା।

## ବ୍ରିସ୍‌ବେନ୍ ଇଣ୍ଟରନ୍ୟାସନାଲ
# ଫାଇନାଲରେ ସାବାଲେଙ୍କା

ବ୍ରିସବେନ, ୧୦।୧ (ଏଜେନ୍ସି): ବେଲାରୁଷ ତାରକା ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ବ୍ରିସବେନ ଇଣ୍ଟରନ୍ୟାସନାଲ ଟେନିସ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପହଞ୍ଚିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ଟପ୍ ର୍‌ୟାଙ୍କ ସାବାଲେଙ୍କା ୬-୩, ୬-୪ ସିଧାସଳଖ ସେଟରେ ଚେକ ଗଣରାଜ୍ୟର କାରୋଲିନା ମୁଚୋଭାଙ୍କୁ ପରାସ୍ତ କରିଥିଲେ। ୨୭ ବର୍ଷୀୟା ସାବାଲେଙ୍କା ଏଥିସହ କ୍ୟାରିୟରର ୧୩ତମ ଡବ୍ଲ୍ୟୁଟିଏ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ରବିବାର ଫାଇନାଲରେ ସାବାଲେଙ୍କାଙ୍କ ମୁକାବିଲା ୟୁକ୍ରେନର ମାରତା କୋସ୍ତ୍ୟୁକଙ୍କ ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ମାରତା ୬-୦, ୬-୩ ସେଟ୍‌ରେ ୪ର୍ଥ ସିଡ୍ ଜେସିକା ପେଗୁଲାଙ୍କୁ ପରାସ୍ତ କରିଥିଲେ। ଜାନୁଆରୀ ୧୮ରୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍ ଆରମ୍ଭ ହେବାକୁ ଯାଉଛି। ଏଥିପୂର୍ବରୁ ବ୍ରିସବେନ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରି ସାବାଲେଙ୍କା ମନୋବଳ ଦୃଢ଼ କରିଛନ୍ତି।

# ନାତାଲି, ହରମନପ୍ରୀତ୍‌ଙ୍କ ଅର୍ଦ୍ଧଶତକ

ନଭି ମୁମ୍ବଇ,୧୦।୧(ଏଜେନ୍ସି): ଏଠାରେ ଶନିବାର ଅନୁଷ୍ଠିତ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମହିଳା ପ୍ରିମିୟର ଲିଗ୍‌ର ତୃତୀୟ ଲିଗ୍ ମ୍ୟାଚ୍‌ରେ ମୁମ୍ବାଇର ନାତାଲି ସିଭର-ବ୍ରଣ୍ଟ ଓ ଅଧିନାୟିକା ହରବନପ୍ରୀତ କୌର ଅର୍ଦ୍ଧଶତକ ହାସଲ କରିଛନ୍ତି। ସିଭର-ବ୍ରଣ୍ଟ ୪୬ ବଲ୍‌ରୁ ୧୩ ଚୌକା ସହ ୭୦ ଓ ହରମନପ୍ରୀତ୍ ୪୨ ବଲ୍‌ରୁ ୮ ଚୌକା ଓ ୩ ଛକା ସହ ଅପରାଜିତ ୭୪ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୯୫ ରନ୍ କରିଛି। କ୍ୟାପିଟାଲ୍ସର ନନ୍ଦନି ଶର୍ମା ୨ଟି, ଶ୍ରୀ ଚରଣି ଓ ଚିନେଲି ହେନରୀ ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି।

# କୋଚ୍ ଜେଲେଜ୍ନିଙ୍କଠାରୁ ଅଲଗା ହେଲେ ନୀରଜ

ନୂଆଦିଲ୍ଲୀ, ୧୦।୧(ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜେତା ତଥା ଭାରତର ଷ୍ଟାର ଆଥଲେଟ ନୀରଜ ଚୋପ୍ରା ତାଙ୍କ କୋଚ୍ ଜାନ ଜେଲେଜ୍ନିଙ୍କଠାରୁ ଅଲଗା ହୋଇଛନ୍ତି। ନୀରଜ ଓ ୫୯ ବର୍ଷୀୟ ଚେକ ଗଣରାଜ୍ୟର ଜେଲେଜ୍ନି ମିଳିତ ଭାବେ ଏକ ବିବୃତ୍ତି ଜାରି କରି ଏହି ସୂଚନା ଦେଇଛନ୍ତି। ଜାନଙ୍କ ସହ କାମ କରିବା ଫଳରେ ସେ ବହୁତ ନୂଆ ଚିନ୍ତାଧାରା ଦ୍ୱାରା ମୋ ଆଖି ଖୋଲିଦେଇଥିଲେ। ନୂଆ ଟେକନିକ, ରିଦିମ୍ ଓ ଗତିକୁ ନେଇ ସେ ଯେଉଁଭଳି କାମ କରନ୍ତି ତାହା ଅବିଶ୍ୱସନୀୟ।

## ମାଲେସିଆ ଓପନ୍
# ସେମିରେ ଅଟକିଲା ସିନ୍ଧୁଙ୍କ ବିଜୟ ଯାତ୍ରା

କ୍ୱାଲାଲୁମ୍ପୁର, ୧୦।୧ (ଏଜେନ୍ସି): ମାଲେସିଆ ଓପନ୍‌ରେ ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ବିଜୟ ଯାତ୍ରା ସେମିଫାଇନାଲରେ ଅଟକି ଯାଇଛି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ସିନ୍ଧୁ ୧୬-୨୧, ୧୫-୨୧ ସିଧାସଳଖ ଗେମରେ ଚାଇନାର ୱାଙ୍ଗ ଝିୟିଙ୍କ ନିକଟରୁ ହାରିଯାଇଛନ୍ତି। ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ୱାଙ୍ଗ’ଙ୍କ ବିରୋଧରେ ସିନ୍ଧୁ ଚାପକୁ ମୁକାବିଲା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ଏହି ପରାଜୟ ସହ ମାଲେସିଆ ଓପନରୁ ଭାରତର ଅଭିଯାନ ଶେଷ ହୋଇଛି। ଗତକାଲି ପୁରୁଷ ଡବଲ୍ସରେ ସାତ୍ତ୍ୱିକସାଇରାଜ ରଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ୍ୟ କ୍ୱାର୍ଟର ଫାଇନାଲରୁ ହାରି ବିଦାୟ ନେଇଥିଲେ।

# ପିଏସ୍‌ପିବି କାର୍ଯ୍ୟନିର୍ବାହୀ ବୋର୍ଡର ସଦସ୍ୟ ହେଲେ ଅନୁରାଧା

ଭୁବନେଶ୍ୱର,୧୦।୧(ସମିସ): ଓଡ଼ିଶାର ଅଲିମ୍ପିଆନ୍ ଆଥ୍ଲେଟ ଅନୁରାଧା ବିଶ୍ୱାଳଙ୍କୁ ଅଲ୍ ଇଣ୍ଡିଆ ପବ୍ଲିକ୍ ସେକ୍ଟର ସ୍ପୋର୍ଟ୍ସ କାଉନ୍ସିଲ ବୋର୍ଡର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଏଭଳି ସଫଳତା ପାଇବାରେ ସେ ପ୍ରଥମ ଓଡ଼ିଆ। ଏହି ସମ୍ମାନଜନକ ନିଯୁକ୍ତି ଲାଗି ଅନୁରାଧା ତାଙ୍କ ନିଯୁକ୍ତିଦାତା ନାଲ୍‌କୋ, ପିଏସ୍‌ପିବି ସାଧାରଣ ସମ୍ପାଦକ ଗେନ ବାତ୍ରାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ନିଯୁକ୍ତି ମୋତେ ଅଧିକ କାମ କରିବା ଲାଗି ଉତ୍ସାହିତ କରିବ ବୋଲି ଅନୁରାଧା କହିଛନ୍ତି।

## ଜାତୀୟ କନିଷ୍ଠ ଅସିଚାଳନା ଉଦ୍‌ଯାପିତ
# ଏସ୍‌ଏସ୍‌ସିବି, ହରିୟାଣା ଚାମ୍ପିଅନ




ଭୁବନେଶ୍ୱର,୧୦।୧(ସମିସ): କଟକରେ ଚାଲିଥିବା ଜାତୀୟ କନିଷ୍ଠ ଅସିଚାଳନା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁରୁଷ ବିଭାଗରେ ଏସ୍‌ଏସ୍‌ସିବି ଓ ମହିଳା ବିଭାଗରେ ହରିୟାଣା ସର୍ବାଧିକ ପଏଣ୍ଟ ପାଇ ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ପୁରୁଷ ବିଭାଗରେ ହରିୟାଣା ଓ ମହିଳା ବିଭାଗରେ ମଣିପୁର ରନର୍ସ ଅପ୍ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର କର୍ମକର୍ତ୍ତା ଏବଂ ଆୟୋଜକ ଓଡ଼ିଶା ଅସିଚାଳନା ସଂଘର କର୍ମକର୍ତ୍ତାମାନେ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶା ଅସିଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, ସଂଗଠନ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

# ଏଆଇଏଫ୍ଏଫ୍ ଏଲିଟ୍ ୟୁଥ୍ ଲିଗ୍: ଜାମ୍‌ସେଦ୍‌ପୁର ଏଫ୍‌ସି ବିଜୟୀ

ଭୁବନେଶ୍ୱର,୧୦।୧(ସମିସ): କ୍ୟାପିଟାଲ ଫୁଟବଲ ପଡ଼ିଆରେ ଆଜି ଅନୁଷ୍ଠିତ ଏଆଇଏଫ୍ଏଫ୍ ଏଲିଟ ୟୁଥ୍ ଲିଗ୍‌ର ମ୍ୟାଚ୍‌ରେ ଜାମସେଦ୍‌ପୁର ଏଫସି ୨-୦ ଗୋଲରେ ଫାଓ ଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସୌମିକ ଦାସ ଓ ସତ୍ୟଜିତ ଦାସ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଓଡ଼ିଶା ଭିତ୍ତିକ ଦଳ ଫାଓ ଏକାଡେମୀ କୌଣସି ଗୋଲ ସ୍କୋର କରିପାରି ନ ଥିଲା।

# ଆହାନଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟିକଲେ ଶାଜ୍‌ଫା

ଭୁବନେଶ୍ୱର,୧୦।୧(ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଅଲ୍‌ଓଡ଼ିଶା ଉତ୍କଳ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ଯୁବ ଖେଳାଳି ସେକ୍ ଶାଜ୍‌ଫା ୱାନିଆ ମହିଳା ଏକକ ସେମିଫାଇନାଲରେ ଟପ୍ ସିଡ୍ ଆହାନଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିବା ସହ ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲରେ ସେ ପ୍ରିଶା ସାହୁଙ୍କୁ ଭେଟିବେ। ଅନ୍ୟ ଏକ ସେମିଫାଇନାଲରେ ପ୍ରିଶା ୯-୨ ପଏଣ୍ଟରେ ସାନଭିକ୍ ମହାନ୍ତିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ୧୪ ବର୍ଷରୁ କମ୍ ବାଳିକା ବିଭାଗ ଫାଇନାଲରେ ମଧ୍ୟ ଶାଜ୍‌ଫାଙ୍କ ସହ ପ୍ରିଶାଙ୍କର ମୁକାବିଲା ହେବ। ଏହି ବିଭାଗ ସେମିଫାଇନାଲରେ ସୁଶ୍ରୀ କର୍ମକାରଙ୍କୁ ଶାଜ୍‌ଫା ଓ ସଂରଚନା ଦାସଙ୍କୁ ପ୍ରିଶା ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ଖେଳାଯିବାକୁ ଥିବା ପୁରୁଷ ବିଭାଗ ସେମିଫାଇନାଲରେ ଆଦିତ୍ୟ ଶତପଥୀଙ୍କ ସହ କମଳେଶ ରଥ ଓ ଆହାନ ମିଶ୍ରଙ୍କ ସହ ମହମ୍ମଦ୍ ଫର୍ଦ୍ଦିନଙ୍କର ମୁକାବିଲା ହେବ। ୩.୫୦ ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ରବିବାର ଶେଷ ହେବ।

**ଅଲଓଡ଼ିଶା ଉତ୍କଳ ଓପନ ଟେନିସ**




# ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ ଆରମ୍ଭ




ଭୁବନେଶ୍ୱର,୧୦।୧(ସମିସ): ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆଜିଠାରୁ ୭୪ଟ ଟିମ୍‌କୁ ନେଇ ଆରମ୍ଭ ହୋଇଛି ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା। ଏହି ପ୍ରତିଯୋଗିତାକୁ ଓସିଏ ସିନିଅର ସିଲେକ୍ସନ କମିଟି ଚେୟାରମ୍ୟାନ ସୌରଜିତ ମହାପାତ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ରେଭେନ୍‌ଶା କୁଳପତି ପ୍ରଫେସର ଧର୍ମବ୍ରତ ମହାପାତ୍ର, ରେଜିଷ୍ଟ୍ରାର କାହ୍ନୁଚରଣ ମଲିକ ଅତିଥିଭାବେ ଉପସ୍ଥିତ ଥିଲେ। ଆୟୋଜନ କମିଟି ଅଧ୍ୟକ୍ଷ ଡ. ଅଞ୍ଜନ କୁମାର ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଆଜି ରେଭେନ୍‌ଶା ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ସରଳା ବିର୍ଲା, ଫକିର ମୋହନ, ହେମଚାନ୍ଦ ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଛନ୍ତି। କିଟ୍ କ୍ରିକେଟ ଗ୍ରାଉଣ୍ଡରେ ରାଞ୍ଚି ଓ ବିର୍ଲା ଗ୍ଲୋବାଲ, ଏମ୍‌ଜିଏମ୍ ଗ୍ରାଉଣ୍ଡରେ ପଣ୍ଡିତ ରବିଶଙ୍କର, ବିଏନ୍ ମଣ୍ଡଳ ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଛନ୍ତି।

## ମହିଳା ହକି ଇଣ୍ଡିଆ ଲିଗ୍
# ପାଇପର୍ସ ଚାମ୍ପିଅନ, ଟାଇଗର୍ସ ରନର୍ସଅପ୍

ରାଞ୍ଚି,୧୦।୧(ଏଜେନ୍ସି):



ଏସ୍‌ଜି ପାଇପର୍ସ ମହିଳା ହକି ଇଣ୍ଡିଆ ଲିଗ୍‌ର ନୂଆ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସ୍ଥାନୀୟ ମାରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମ୍‌ରେ ଶନିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ପାଇପର୍ସ ୩-୨ ସୁଟ୍‌ଆଉଟ ଗୋଲରେ ଶ୍ରାଚି ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରି ଟାଇଟଲ ସହ ୧.୫ କୋଟି ଟଙ୍କାର ପୁରସ୍କାର ଜିତିନେଇଛି। ରନର୍ସଅପ୍ ବେଙ୍ଗଲ ଟାଇଗର୍ସକୁ ଟ୍ରଫି ସହ ୧ କୋଟି ଟଙ୍କାର ପୁରସ୍କାର ମିଳିଛି। ଏହି ମ୍ୟାଚଟି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ନିର୍ଦ୍ଧାରିତ ଖେଳରେ ଉଭୟ ଦଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲେ। ଖେଳର ୧୫ତମ ମିନିଟ୍‌ରେ ବେଙ୍ଗଲ ଟାଇଗର୍ସ ପକ୍ଷରୁ ଲାଲରେମସିଆମି ଫିଲ୍ଡ ଗୋଲ ଜରିଆରେ ଦଳକୁ ଅଗ୍ରଣୀ କରାଇଥିଲେ। ସେହିପରି ଚତୁର୍ଥ କ୍ୱାର୍ଟରରେ ଅର୍ଥାତ୍ ୫୪ତମ ମିନିଟ୍‌ରେ ପାଇପର୍ସର ଯୁବ ଖେଳାଳି ପୀତି ଦୁବେ ମଧ୍ୟ ଫିଲ୍ଡ ଗୋଲ ଦେଇ ଖେଳକୁ ସମାନସ୍ତରକୁ ଆଣିଥିଲେ। ଅବଶିଷ୍ଟ ସମୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଏହା ଫଳରେ ମ୍ୟାଚ୍‌ର ମୀମାଂସା ଲାଗି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ପାଇପର୍ସ ୩ଟି ଗୋଲ ଦେଇ ବାଜି ମାରିନେଇଥିଲା। ଟାଇଗର୍ସ ସମଗ୍ର ମ୍ୟାଚ୍‌ରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ ମଧ୍ୟ ସୁଟ୍‌ଆଉଟରେ ୨ଟି ଗୋଲ ଦେବାକୁ ସମର୍ଥ ହୋଇଥିଲା। ଫଳରେ ମହିଳା ହକି ଲିଗ୍‌ରେ ପାଇପର୍ସ ନୂଆ ଚାମ୍ପିଅନ ହୋଇଥିଲାବେଳେ ଟାଇଗର୍ସ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା।

ଗତକାଲି ତୃତୀୟ ସ୍ଥାନ ଅଧିକାର କରିଥିବା ରାଞ୍ଚି ରୟାଲ୍ସକୁ ୫୦ ଲକ୍ଷ ଟଙ୍କା ପୁରସ୍କାର ହାସଲ କରିଛି। ଏହା ବ୍ୟତୀତ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ଖେଳାଳିଙ୍କୁ ୨୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯାଇଛି। ଏହା ବ୍ୟତୀତ ଶ୍ରେଷ୍ଠ ଗୋଲରକ୍ଷକ, ଉଦୀୟମାନ ଖେଳାଳି, ଟପ୍ ସ୍କୋରରଙ୍କୁ ୫ ଲକ୍ଷ ଲେଖାଏଁ ଟଙ୍କା ମଧ୍ୟ ପ୍ରଦାନ କରାଯାଇଛି।

## ୧୫ ବର୍ଷରୁ କମ୍ ବାଳିକା କ୍ରିକେଟ
# ଓଡ଼ିଶାର ବୃହତ୍ ବିଜୟ

ଭୁବନେଶ୍ୱର,୧୦।୧(ସମିସ): ନାଗପୁରରେ ଚାଲିଥିବା ବିସିସିଆଇ ୧୫ ବର୍ଷରୁ କମ୍ ବାଳିକା ୩୫ ଓଭର ବିଶିଷ୍ଟ ଦିନିକିଆ କ୍ରିକେଟ ପ୍ରତିଯୋଗିତାର ଆଜିର ମୁକାବିଲାରେ ଓଡ଼ିଶା ୭ ୱିକେଟରେ ଜମ୍ମୁ-କାଶ୍ମୀରକୁ ପରାସ୍ତ କରି ବୃହତ୍ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ଅନ୍ୱେଷା ସ୍ୱାଇଁ ୪ଟି ଓ ରୋମି ପ୍ରଲୀପ୍ତା ମଲ୍ଲିକ ୨ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଜାମ୍ମୁ-କାଶ୍ମୀର ୧୧୭ ରନ୍ କରି ଅଲଆଉଟ ହୋଇଥିଲା। ଜାହ୍ନବୀ ରାଜପୁର ୨୮ ଓ ସାନ୍‌ମି ସୁନୀଲ ୧୫ ରନ୍ କରିଥିଲେ। ଜବାବରେ ଓଡ଼ିଶା ଦଳ ୨୬.୪ ଓଭରରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ଅନ୍ୱେଷା ବ୍ୟାଟିଂରେ ମଧ୍ୟ କମାଲ ଦେଖାଇ ୪୭ ରନ୍ ଓ ଚିରଶ୍ରୀ ରାଉତ ୪୦ ରନ୍‌ରେ ଅପରାଜିତ ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS